R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୩୩
ତିଥି : ପଞ୍ଚମୀ
୩୧ ମେ ୨୦୨୫, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 233
31 May 2025, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ପାକ୍‌କୁ ରାଜନାଥଙ୍କ ଖୋଲା ଆହ୍ୱାନ

# ମାସୁଦ୍-ହାଫିଜକୁ ଆଗ ଫେରାଅ



ନୂଆଦିଲ୍ଲୀ, ୩୦।୫ : ଭାରତ ସହ ଯଦି ପାକିସ୍ତାନ ଆଲୋଚନା ପାଇଁ ଗୁରୁତର ସହ ଆଗ୍ରହୀ ଅଛି ତେବେ ପ୍ରଥମେ ଦୁଇ ଆତଙ୍କବାଦୀଙ୍କୁ ଭାରତକୁ ହସ୍ତାନ୍ତର କରୁ। ଲସ୍କରି-ଇ-ତୋଇବାର ମୁଖ୍ୟ ହାଫିଜ୍ ସୟଦ ଜୈସ୍-ଇ-ମହମ୍ମଦ ପ୍ରତିଷ୍ଠାତା ମାସୁଦ୍ ଆଝାରମଙ୍କୁ ହସ୍ତାନ୍ତର କଲାପରେ ଆଲୋଚନା ହେବା ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଗୋଆ ଠାରେ ନୌସେନାର ଅଧିକାରୀଙ୍କୁ ଭେଟିବା ଅବସରରେ ମତ ରଖିଛନ୍ତି।

ଶ୍ରୀ ସିଂହ ଆଜି ଗୋଆରେ ଆଇଏନ୍‌ଏସ୍ ବିକ୍ରାନ୍ତର ପ୍ରସ୍ତୁତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଆତଙ୍କବାଦର ଆକ୍ରମଣକୁ ମୁକାବିଲା କରିବା ପାଇଁ ଏହାର ପ୍ରସ୍ତୁତି ଦେଖିଥିଲେ। ଶ୍ରୀ ସିଂହ ଆଜି ଯେ ଅପରେସନ୍ ସିନ୍ଦୂରର ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ଭାରତ ଏବେ ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ପ୍ରସ୍ତୁତ ହେଉଛି। ପାକିସ୍ତାନ ଯଦି ପୁନର୍ବାର ଏଭଳି କରିବ ସେ ଏଣିକି ନୌସେନାର ଯୁଦ୍ଧ କ୍ଷମତା ଦେଖିବ। ନୌସେନାର ସୁଚିନ୍ତିତ ବାହିନୀ ଓ ଏହାର ରଣନୀତି ଭାରତର ଜଳସୀମାକୁ ଶକ୍ତିଶାଳୀ କରିଛି। ଶତ୍ରୁ ପକ୍ଷରୁ ସତର୍କ କରାଇ ସେ କହିଛନ୍ତି ଯେ ଭାରତ ଏବେ ଆଉ ଆଞ୍ଚଳିକ କ୍ଷମତାଶାଳୀ ନୁହେଁ। ଭାରତ ଏବେ ବିଶ୍ୱର କ୍ଷମତା କେନ୍ଦ୍ର ପାଲଟିଛି। ପାକିସ୍ତାନ ନୌସେନା ଆକ୍ରମଣରେ ସାମିଲ ହୋଇନଥିଲା। ଯଦି ଭାରତୀୟ ନୌସେନା ଅପରେସନ୍ ସିନ୍ଦୂରର ସ୍ଥଳସେନା ଓ ବାୟୁସେନା ସହ ସାମିଲ ହୋଇଥାନ୍ତା ତେବେ ପାକିସ୍ତାନର ସ୍ଥିତି ୧୯୭୧ ତୁଳନାରେ ଆହୁରି ଭୟଙ୍କର ହୋଇଥାନ୍ତା। ସମ୍ଭବତଃ ପାକିସ୍ତାନ ୪ ଭାଗରେ ବିଭକ୍ତ ହୋଇଥାନ୍ତା। ଅପରେସନ୍ ବେଳେ ନୌସେନା ସବୁ ବିପଦକୁ ଏଡାଇବାକୁ ସକ୍ଷମ ହୋଇଥିବାରୁ ଶ୍ରୀ ସିଂହ ଏହାର ପ୍ରଶଂସା କରିଥିଲେ। ଅପରେସନ୍ ସିନ୍ଦୂର ବେଳେ ନିଜର ନୀରବ ସେବାଦ୍ୱାରା ନୌସେନା ପ୍ରତ୍ୟେକ ଭାରତୀୟଙ୍କୁ ପ୍ରଭାବିତ କରିଛି। ସ୍ୱାଧୀନତା ପରଠାରୁ ପାକିସ୍ତାନ ବିପଜ୍ଜନକ ଆତଙ୍କବାଦ ଖେଳ ଖେଳିଚାଲିଛି। ଏହାର ଶେଷ ହେବା ଆବଶ୍ୟକ। ପାକିସ୍ତାନ ଭାରତ ବିରୋଧରେ ଆତଙ୍କବାଦୀ କାର୍ଯ୍ୟ ଲାଗି ପ୍ରୋତ୍ସାହିତ କରୁଛି। ତେବେ ଏହାର ଜବାବ ଦେବାପାଇଁ ଭାରତ ତିଳେମାତ୍ର କୁଣ୍ଠାବୋଧ କରିବ ନାହିଁ। ଯେଉଁ ବାଟରେ ହେଉ ଯଦି ଆତଙ୍କବାଦ (୯ ପୃଷ୍ଠାରେ)




## ୬.୫%କୁ ଖସିଲା

# ଆର୍ଥିକ ଅଭିବୃଦ୍ଧି ୪ ବର୍ଷ ପରେ ସର୍ବନିମ୍ନ

ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି): ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ଅର୍ଥନୈତିକ ଅବିବୃଦ୍ଧି ବିଗତ ୪ ବର୍ଷ ଠାରୁ ସବୁଠୁ କମ୍ ହୋଇଛି। ଆର୍ଥିକ ଅଭିବୃଦ୍ଧି ହାର ଏହି ଆର୍ଥିକ ବର୍ଷରେ ୬.୫% ରହିଥିବା କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ମନ୍ତ୍ରଣାଳୟ ଅଧିନରେ ଥିବା ଜାତୀୟ ପରିସଂଖ୍ୟନ ଅଫିସ (ଏନ୍‌ଏସ୍‌ଓ) ପକ୍ଷରୁ ଜଣାପଡିଛି।

ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ଅବିବୃଦ୍ଧି ହାର କମ୍ ରହିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ରେକର୍ଡ ୨.୯% ଥିଲା। ତେବେ ଏହି ଆର୍ଥିକ ବର୍ଷର ଚତୁର୍ଥ ତ୍ରୟୋମାସରେ ଜିଡ଼ିପିରେ ଆଶାଜନକ ପରିଲକ୍ଷିତ ହୋଇଛି। ମହାମାରୀ ପରେ ଦେଶର ଅର୍ଥନୀତି ଅପେକ୍ଷାକୃତ ଭାବେ ଦ୍ରୁତଗତିରେ ଆଗକୁ ବଢ଼ିଥିଲା। ତେବେ ୨୦୨୪-୨୫ରେ ଏହି ହାର ଚିନ୍ତାରେ ପକାଇଛି। ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ପକ୍ଷରୁ ଆକଳନ କରାଯାଇଥିଲା ଯେ ଏହି ବର୍ଷ ଶେଷ ସୁଦ୍ଧା ଭାରତର ଅର୍ଥନୀତି ଜାପାନକୁ ଅତିକ୍ରମ କରି ୪.୧୮ ଟ୍ରିଲିୟନ୍ ଡଲାରରେ ପହଞ୍ଚିବ ଓ ଜିଡ଼ିପି ଅଭିବୃଦ୍ଧି ୧୦.୮% ହେବ। ତେବେ ସରକାର ଜାରି କରିଥିବା ବିବୃତ୍ତିରେ ଦର୍ଶାଇଛନ୍ତି ଯେ ବାସ୍ତବ ଜିଡ଼ିପି ୨୦୨୪-୨୫ ଆର୍ଥିକ ବର୍ଷରେ ୬.୫% ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ନୋମିନାଲ ଜିଡ଼ିପିରେ ୯.୮% ଅଭିବୃଦ୍ଧି ହୋଇଛି। ପୂର୍ଣ୍ଣ ଆର୍ଥିକ ବର୍ଷରେ ଜିଡ଼ିପି ସଂଖ୍ୟା ୪ ବର୍ଷ ମଧ୍ୟରେ କମ ରହିଛି। ଯେବେ ଚତୁର୍ଥ କ୍ୱାର୍ଟର ବା ମାର୍ଚ୍ଚ ତ୍ରୟୋମାସରେ ଜିଡ଼ିପି ଅଭିବୃଦ୍ଧି ୭.୪% ହୋଇଛି। ଘରୋଇ ଖର୍ଚ୍ଚ ଗୋଟିଏ ବର୍ଷରେ ୭.୨% ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ଖର୍ଚ୍ଚର ଚାହିଦା ବଢ଼ିଥିବାରୁ ଏପରି ସ୍ଥିତି ଦେଖାଦେଇଛି। କୃଷିକ୍ଷେତ୍ରରେ ଅଭିବୃଦ୍ଧି ୨୦୨୪-୨୫ ଆର୍ଥିକ ବର୍ଷରେ ୪.୬% ରହିଛି। ପୂର୍ବ ବର୍ଷ ତୁଳନାରେ ଏକ୍ଷେତ୍ରରେ ଅଭିବୃଦ୍ଧି ହାର ୨.୭% ଅଧିକ। ନିର୍ମାଣ କ୍ଷେତ୍ରରେ ଅଭିବୃଦ୍ଧି ହାର ୯.୪% ଥିଲା ବେଳେ ପୂର୍ବ ବର୍ଷରେ ୧୦.୪% ରହିଥିଲା। ଉତ୍ପାଦନ କ୍ଷେତ୍ରରେ ଅଭିବୃଦ୍ଧି ହାର ୪.୫% ରହିଛି। ପୂର୍ବ ବର୍ଷରେ ଏହା ୧୨.୩% ରହିଥିଲା।

# କାଳବୈଶାଖୀ ପ୍ରଭାବରେ ବଜ୍ରପାତ ବଢ଼ିବ

ଭୁବନେଶ୍ୱର, ୩୦।୫ (ସବ୍ୟୁ) : ମୌସୁମୀ ୧୧ ଜିଲ୍ଲାକୁ ଛୁଇଁଥିବାବେଳେ ଏବେ ଦୁର୍ବଳ ହୋଇଛି । ଆଉ ଆଗକୁ ବଢ଼ିବନି। କିଛିଦିନ ପାଇଁ ବିରତି ନେଇଛି । ତେବେ କାଳବୈଶାଖୀ ପ୍ରଭାବ ସହ ବଜ୍ରପାତ ବଢ଼ିବ । ବଜ୍ରପାତ ଯୋଗୁ ଧନଜୀବନ କ୍ଷତି ପହଞ୍ଚାଇପାରେ। ତେଣୁ ବଜ୍ରପାତ ସମୟରେ ଘରୁ ନବାହାରିବା ପାଇଁ ସତର୍କ କରାଇଛନ୍ତି ପାଣିପାଗ ବିଶେଷଜ୍ଞ ।

ପାଣିପାଗ ବିଶେଷଜ୍ଞଙ୍କ କହିବା ଅନୁସାରେ, ଅବପାତ ଦୁର୍ବଳ ହେଇ ବାଂଲାଦେଶ ଓ ଉତ୍ତର-ପୂର୍ବ ରାଜ୍ୟ ଆଡ଼କୁ ମୁହାଁଇଛି । ଯାହା ଫଳରେ ରାଜ୍ୟ ମଧ୍ୟକୁ ଶୁଷ୍କ ବାୟୁ ପ୍ରବେଶ କରୁଛି । ଶୁଷ୍କ ବାୟୁ ରାଜ୍ୟ ମଧ୍ୟକୁ ଆସିଲେ ବାୟୁମଣ୍ଡଳରେ ଜଳୀୟବାଷ୍ପର ପରିମାଣ କମିଯିବ। ଏହି ଜଳୀୟ ବାଷ୍ପ ହ୍ରାସ ଯୋଗୁ ଭୟଙ୍କର ବଜ୍ରପାତ ସୃଷ୍ଟି ହେବ। ଫଳରେ ଝଡ଼ତୋଫାନ ସହ ବଜ୍ରପାତ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଏଥିସହ କାଳବୈଶାଖୀ ବର୍ଷା ବିଭିନ୍ନ ସ୍ଥାନରେ ହୋଇପାରେ ।

### ତାତି ସହିତ ଗୁଳୁଗୁଳି ବଢ଼ିବ

ମୌସୁମୀ ଦୁର୍ବଳ ହେବା ଫଳରେ ଏବେ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବ। ଏହାସହ ଆର୍ଦ୍ରତା ଅଧିକ ରହିବା ଯୋଗୁ ଗୁଳୁଗୁଳି ନାକେଦମ କରିବ ।

ବିସ୍ତାରିତ ଆକଳନ ଅନୁଯାୟୀ, ଆସନ୍ତା ୮ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ । ଏହି ଲଘୁଚାପ ସୃଷ୍ଟି ହେବାପରେ ମୌସୁମୀ ପୁଣି ସକ୍ରିୟ ହେବ । ମୌସୁମୀ ସକ୍ରିୟ ହେବା ସହ ସାରା ରାଜ୍ୟକୁ ଏହା ସ୍ପର୍ଶ କରିବ। ଏବେ ୧୧ଟି ଜିଲ୍ଲାରେ ମୌସୁମୀ ପ୍ରବେଶ କରିଛି। ତେବେ ବାକି ଜିଲ୍ଲାଗୁଡ଼ିକରେ ଆଗକୁ ଯିବାଲାଗି ସହାୟକ ହେବ ଲଘୁଚାପ।

ଶୁକ୍ରବାର ସକାଳ ସାଢ଼େ ୮ଟାରୁ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ବରଗଡ଼ରେ ସର୍ବାଧିକ ୩୫ ମିମି ବର୍ଷା ହୋଇଥିବାବେଳେ ଚାନ୍ଦବାଲି ୨୬.୮ ମିମି, ବଲାଙ୍ଗିରରେ ୨୬.୫ ମିମି, ଢେଙ୍କାନାଳରେ ୯.୮ ମିମି, ନୟାଗଡ଼ରେ ୭ ମିମି, ଯାଜପୁରରେ ୬.୫ ମିମି ଓ କଟକରେ ୨ ମିମି ବର୍ଷା ରେକର୍ଡ଼ କରାଯାଇଛି ।

# ସିକିମରେ ହଜାରେ ଫୁଟ ତଳକୁ ଖସିଲା ବସ, ୨ ମୃତ

ଭୁବନେଶ୍ୱର,୩୦।୫ (ସବ୍ୟୁ): ସିକିମ୍‌ର ମନଗା ଜିଲ୍ଲାରେ ଘଟିଥିବା ସଡକ ଦୁର୍ଘଟଣାରେ ଓଡ଼ିଶାକୁ ଯାଇଥିବା ପର୍ଯ୍ୟଟକଙ୍କ ମଧ୍ୟରେ ୯ ଜଣ ନିଖୋଜ ଅଛନ୍ତି। ବିଜେପି ନେତ୍ରୀ ଇତିଶ୍ରୀ ଜେନା ଓ ତାଙ୍କ ପରିବାରର ୩ ସଦସ୍ୟ ଏହି ଘଟଣାରେ ନିଖୋଜ ଥିବା ସୂଚନା ମିଳିଛି। ସେମାନଙ୍କୁ ଉଦ୍ଧାର କରିବା ସହ ଆଇଟିବିପି ଓ ଏନ୍‌ଡିଆର୍‌ଏଫ୍

### ବିଜେପି ନେତ୍ରୀ ଇତିଶ୍ରୀଙ୍କ ସମେତ ୯ ନିଖୋଜ

ଟିମ୍ ପ୍ରୟାସ ଜାରି ରଖିଛନ୍ତି।

ସୂଚନା ଅନୁଯାୟୀ ଗତ



ରବିବାର ରାତି ୧୨.୩୦ରେ ଯାଜପୁର ରୋଡରୁ ଇତିଶ୍ରୀ ଜେନା ଓ ତାଙ୍କ ପରିବାର ଲୋକ ସିକିମ ଅଭିମୁଖେ ଯାଇଥିଲେ। ଇତିଶ୍ରୀଙ୍କ ସହ ଦୁଇ ଭାଇ, ଜଣେ ଭାଉଜ, ଦୁଇ ଭଉଣୀ, ଦୁଇ (୯ ପୃଷ୍ଠାରେ)

### ସିକିମ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ମୋହନ ମାଝୀ

ଭୁବନେଶ୍ୱର, ୩୦।୫ (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସିକିମ ବସ୍ ଦୁର୍ଘଟଣାରେ ଆହତ ଓଡ଼ିଆ ଯାତ୍ରୀମାନଙ୍କ ଉଦ୍ଧାର, ଚିକିତ୍ସା ଓ ଓଡ଼ିଶା ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ସିକିମ୍ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗ ସହ ଆଲୋଚନା କରିଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଗଭୀର ଦୁଃଖପ୍ରକାଶ କରିଛନ୍ତି। ଓଡ଼ିଶାରୁ (୯ ପୃଷ୍ଠାରେ)

## କଟକରେ ଦୁଇ କରୋନା ଆକ୍ରାନ୍ତ ଚିହ୍ନଟ

କଟକ, ୩୦।୫ (ସବ୍ୟୁ): କଟକକୁ ପୁଣି ଆସିଛି କରୋନା । ଦୀର୍ଘ ଦିନ ପରେ ପୁଣି କଡ ଲେଉଟାଇଛି କରୋନା ଭୁତାଶୁଣ୍ଡସହରାଞ୍ଚଳରୁ ଦୁଇ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଜଣେ ଗୃହ ସଙ୍ଗରୋଧ (କ୍ୱାରେଣ୍ଟାଇନ) ରେ ରହି ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ଜଣେ ଆକ୍ରାନ୍ତ ବୃଦ୍ଧ ହୋଇଥିବାରୁ ତାଙ୍କୁ ସିଡିଏ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଉଭୟ ଆକ୍ରାନ୍ତଙ୍କ କୌଣସି ପୂର୍ବ ଯାତ୍ରା ବିବରଣୀ ମିଳିନାହିଁ । ସହରରେ ପୁର୍ନବାର କରୋନା ବ୍ୟାପିବା ଯୋଗୁଁ ସ୍ୱାସ୍ଥ୍ୟ ବିଭାଗ ସମସ୍ତ ପ୍ରସ୍ତୁତି ଆରମ୍ଭ କରିଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ) ଡାକ୍ତର ପ୍ରଶାନ୍ତ କୁମାର ହୋତା କହିଛନ୍ତି । ସିଡିଏମଓ ଡାକ୍ତର ହୋତାଙ୍କ ସୂଚନା ମୁତାବକ, ଗୁରୁବାର କିଛି ସନ୍ଦିପଙ୍କ ନମୁନା ପରୀକ୍ଷା ହୋଇଥିଲା । ଏମାନଙ୍କ ଭିତରୁ (୯ ପୃଷ୍ଠାରେ)

## ନବ ଦାସ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚର ତନାଘନା

ଭୁବନେଶ୍ୱର, ୩୦।୫ (ସବ୍ୟୁ):ତତକାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ୨ ବର୍ଷ ପୂର୍ବେ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଗାନ୍ଧି ଛକ ନିକଟରେ ପୋଲିସ ଏଏସଆଇ ଗୋପାଳ ଦାସ ଗୁଳି କରି ହତ୍ୟା କରିଥିଲେ । ଏହି ଘଟଣାର ତଦନ୍ତ ତତକାଳୀନ କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରା ତଦନ୍ତ କରି ସରକାରଙ୍କୁ ଚାର୍ଜସିଟ ରିପୋର୍ଟ କରିଛନ୍ତି । ରିପୋର୍ଟରେ ନବ ଦାସ ହତ୍ୟାକାଣ୍ଡର ପୋଲିସ ଏଏସଆଇ ଗୋପାଳ ଦାସ ଏକମାତ୍ର ଦୋଷୀ ବୋଲି କୁହାଯାଇଛି । କିନ୍ତୁ ଏହି ତଦନ୍ତ ଓ ଚାର୍ଜସିଟରେ ନବ ଦାସଙ୍କ ପରିବାର ସନ୍ତୁଷ୍ଟ ନଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ସିବିଆଇ ତଦନ୍ତ ଦାବି କରିଥିଲେ । କିନ୍ତୁ ରାଜ୍ୟ ସରକାରଙ୍କ ଗୃହ ବିଭାଗ ସିବିଆଇ ତଦନ୍ତ ନକରି ପୁଣି ଥରେ କ୍ରାଇମ ବ୍ରାଞ୍ଚ ତଦନ୍ତ କରାଇଛି । ଶୁକ୍ରବାର କ୍ରାଇମବ୍ରାଞ୍ଚର ଜନୈକ ଅତିରିକ୍ତ ଏସପି ଏହାର ତଦନ୍ତ କରିଛନ୍ତି । ଅତିରିକ୍ତ ଏସପି (୯ ପୃଷ୍ଠାରେ)

## ନକଲି ସାର୍ଟିଫିକେଟରେ ଆଇଏଏସ୍, ଖୋଳତାଡ ଆରମ୍ଭ

ଭୁବନେଶ୍ୱର, ୩୦।୫ (ସବ୍ୟୁ): ନକଲି ଆର୍ଥିକ ଅନଗ୍ରସର ସାର୍ଟିଫିକେଟ୍ ଦେଇ ହାତେଇଛନ୍ତି ଆଇଏଏସ ଚାକିରି । ତାଲିକାରେ ରହିଛି ଓଡ଼ିଶା କ୍ୟାଡର ଜଣେ ଆଇଏଏସଙ୍କ ନାଁ । କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟ ଶାସନ ସଚିବଙ୍କ ଚିଠି ଲେଖିଛି କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ବା ଡିଓପିଟି ।

ନକଲି ସାର୍ଟିଫିକେଟ୍ ଦେଇ ହାତେଇଥିବା ଆଇଏଏସଙ୍କ ବିରୋଧରେ ଖୋଳାତାଡ଼ ଆରମ୍ଭ କରିଛି ଡିଓପିଟି । ଆକ୍ସନ ପାଇଁ ଓଡ଼ିଶା ସରକାରଙ୍କୁ ଚିଠି ଲେଖାଯାଇଛି । କିଏ ସେହି ଓଡ଼ିଶାର ଅଧିକାରୀ ? ୨୦୨୧ ବ୍ୟାଚର ଓଡ଼ିଶା କ୍ୟାଡରର ଜଣେ ଆଇଏଏସ ଅଧିକାରୀ ଦେଇଛନ୍ତି ନକଲି ସାର୍ଟିଫିକେଟ୍ । ତେଣୁ ଏନେଇ କେନ୍ଦ୍ର ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ (୯ ପୃଷ୍ଠାରେ)

# ଜେଲ୍ ଗଲେ ଇଡି ଅଧିକାରୀ

ଭୁବନେଶ୍ୱର, ୩୦।୫ (ସବ୍ୟୁ) : ୨୦ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ଇଡିର ଡେପୁଟି ଡାଇରେକଟର ଚିନ୍ତନ ରଘୁବଂଶୀଙ୍କୁ ସିବିଆଇ ଶୁକ୍ରବାର କୋର୍ଟଚାଲାଣ କରିଥିଲା । ସିବିଆଇ କୋର୍ଟରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଏକ ଖଣି ଦୁର୍ନୀତି ମାମଲାରେ ରଫାଦଫା କରିବା ପାଇଁ ଅଭିଯୁକ୍ତ ଖଣି ମାଲିକଙ୍କ ଠାରୁ ବହୁଲକ୍ଷ ଟଙ୍କା ଲାଞ୍ଚ ନେବା ପରେ ପୁଣି ୫୦ଲକ୍ଷ ଟଙ୍କା ଡେପୁଟି ଡାଇରେକଟର ଦାବି କରିଥିଲେ । ସେଥିରେ ଖଣି ମାଲିକ ଅତିଷ୍ଠ ହୋଇ ସିବିଆଇରେ ଜଣାଇବା ପରେ ଚିନ୍ତନ ରଘୁବଂଶୀଙ୍କୁ ଟ୍ରାପ୍ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ସିଆର୍‌ପି ଛକ ନିକଟ ଡେପୁଟି ଡାଇରେକଟରଙ୍କ କ୍ୱାର୍ଟର୍ସରେ ଗୁରୁବାର ଖଣି ମାଲିକ ୨୦ଲକ୍ଷ ଲାଞ୍ଚ ଦେଉଥିବା ବେଳେ ଚିନ୍ତନ ରଘୁବଂଶୀଙ୍କୁ (୯ ପୃଷ୍ଠାରେ)

# କୋଟିପତି ମୁଖ୍ୟଯନ୍ତ୍ରୀଙ୍କ ଘରୁ ୨.୫୬ କୋଟି ଜବତ

ଭୁବନେଶ୍ୱର, ୩୦।୫ (ସବ୍ୟୁ) : ଗ୍ରାମ୍ୟ ନିର୍ମାଣ (ରାସ୍ତା) ବିଭାଗର ମୁଖ୍ୟ ଯନ୍ତ୍ରୀ (ଯୋଜନା) ବୈକୁଣ୍ଠନାଥ ଶତପଥୀଙ୍କ ଘରେ ଶୁକ୍ରବାର ଭିଜିଲାନ୍ସ ଚଢାଉ କରିଛି । ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର, ଅନୁଗୁଳ ଓ ପିପିଲିର ୭ଟି ସ୍ଥାନରେ ଏକସଙ୍ଗେ ଚଢାଉ କରାଯାଇଥିଲା । ଅବସରର ଦିନକ ପୂର୍ବରୁ ଭିଜିଲାନ୍ସ ଚଢ଼ାଉ ହେବାକୁ ନେଇ ଚର୍ଚ୍ଚା ହେଉଛି।



ଭୁବନେଶ୍ୱର ଓ ଅନୁଗୁଳ ଘରୁ ନଗଦ ୨.୫୬ କୋଟି ଟଙ୍କା ମିଳିଥିବା ବେଳେ ୨ଟି ବହୁତଳ କୋଠା, ଦୁଇଟି ଫ୍ଲାଟ୍, ୭ଟି ଉଚ୍ଚ ମୂଲ୍ୟର ପ୍ଲଟ୍, ୧.୫ କୋଟି ଜମା ହୋଇଥିବା ଟଙ୍କା, ସେୟାର ମାର୍କେଟ ଏବଂ ମ୍ୟୁଚୁଆଲ ଫଣ୍ଡରେ ୨.୭ କୋଟି ବିନିଯୋଗ, ୧.୧କେଜି ସୁନା ଅଳଙ୍କାର ଜବତ କରାଯାଇଛି । ସେହିପରି ଘରୁ ୧୫ଟି ମୂଲ୍ୟବାନ ଘଣ୍ଟା ଓ ଅନ୍ୟାନ୍ୟ ବହୁମୂଲ୍ୟ ଟଙ୍କାର ଗୃହପୋକରଣ ଠାବ ହୋଇଥିବା ଭିଜିଲାନ୍ସ କହିଛି । ଅନୁଗୁଳ କୋରଡଗାଡିଆରେ ୩୨୦୦ ସ୍କୋୟାର ଫୁଟ୍‌ର ଦୁଇ ମହଲା ଘର, ଅନୁଗୁଳ ମାଟିଆ ସାହିରେ ହଜାରେ ସ୍କୋୟାର ଫୁଟ୍‌ରେ ଦୁଇ ମହଲା ଘର, ଭୁବନେଶ୍ୱର ଡୁମୁଡୁମାରେ ୧୫୩୦ ସ୍କୋୟାର ଫୁଟ୍‌ର ଫ୍ଲାଟ୍, ପିପିଲିରେ ୧୧୦୦ ସ୍କୋୟାର ଫୁଟ୍‌ର ଫ୍ଲାଟ୍, ଭୁବନେଶ୍ୱର, ଅନୁଗୁଳରେ ୭ଟି ପ୍ଲଟ୍ ଠାବ ହୋଇଛି । ମିଳିଥିବା ନଗଦ ଟଙ୍କା ମଧ୍ୟରୁ ଅନୁଗୁଳ

### ଅବସରର ଦିନକ ପୂର୍ବରୁ ମାଡିବସିଲା ଭିଜିଲାନ୍ସ

କୋରଡଗାଡିଆ ଘରୁ ୧କୋଟି ୨୧ଲକ୍ଷ ୯୫ ହଜାର ଟଙ୍କା ମିଳିଥିବା ବେଳେ ଅବଶିଷ୍ଟ ଟଙ୍କା ଭୁବନେଶ୍ୱର ଘରୁ ମିଳିଛି । (୯ ପୃଷ୍ଠାରେ)

# ମିଳିଲା ଲୁଟ୍ ବିସ୍ଫୋରକ

ସୁନ୍ଦରଗଡ଼, ୩୦।୫ (ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥରଖଣିକୁ ପହଞ୍ଚିବା ପୂର୍ବରୁ ଗତ ୨୭ ତାରିଖ ଲୁଟ୍ ହୋଇଥିବା ବିପୁଳ ପରିମାଣ ବିସ୍ଫୋରକ ସାମଗ୍ରୀ ଶୁକ୍ରବାର ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରୁ ଉଦ୍ଧାର ହୋଇଛି । ସୁରକ୍ଷା ବାହିନୀର ଯବାନମାନେ ଏହାକୁ ସିଂହଭୂମ ଜିଲ୍ଲା ତିରିଲପୋଷି ଠାରେ ଜବତ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ତେବେ ସନ୍ଧ୍ୟା ସୁଦ୍ଧା ସୁରକ୍ଷା ବାହିନୀ ସହିତ ମାଓବାଦୀଙ୍କର ସରଣ୍ଡା ଜଙ୍ଗଲରେ ଗୁଳିବିନିମୟ ଜାରି ରହିଥିବା ଜଣାପଡ଼ିଛି । ଗୁଳି ବିନିମୟରେ ଜଣେ ଯବାନ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଯବାନଙ୍କୁ ରାଞ୍ଚି ର ଏକ ଡ଼ାକ୍ତରଖାନାକୁ ଏୟୋ ଲିଫଟ କରାଯାଇଥିବା ଜଣାପଡ଼ିଛି।

ସୁନ୍ଦରଗଡ଼ ବଡ଼ଗାଁରୁ ଆସୁଥିବା ବିସ୍ଫୋରକ ବୋଝେଇ ଗାଡ଼ି ଆସୁଥିବା ବେଳେ ଗତ ୨୭ ତାରିଖ ଦିନ ଲୁଟ୍ ହୋଇଥିଲା। ଗାଡ଼ି ସହ ଲୁଟ୍ ହୋଇଥିବା ପ୍ରାୟ

### ସୁରକ୍ଷା ବାହିନୀ- ମାଓବାଦୀ ଗୁଳି ବିନିମୟ

୪ ଟନ୍ ବିସ୍ଫୋରକର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଗାଡ଼ିକୁ ଅଜ୍ଞାତ ୩୦ରୁ ୪୦ ମାଓବାଦୀ ଲୁଟିଥିବା କୁହାଯାଉଛି। ଗତ ୨୭ ତାରିଖ ଦିନ ବଡ଼ଗାଁରୁ ବିସ୍ଫୋରକ ବୋଝେଇ ହୋଇ ଏକ ଗାଡ଼ି ଝାଡ଼ଖଣ୍ଡ-ଓଡ଼ିଶା ସୀମାନ୍ତ ବାଙ୍କୋ ଖଣି ଅଭିମୁଖେ ବାହାରିଥିଲା । ଖଣି ପହଞ୍ଚିବାକୁ ଆଉ ଅଳ୍ପଦୂର ଥିବାବେଳେ ମଧ୍ୟାହ୍ନ ପ୍ରାୟ ୧୨ଟା ପାଖାପାଖି ୩୦ରୁ ଅଧିକ ଅଜ୍ଞାତବ୍ୟକ୍ତି ଗାଡ଼ିକୁ ଘେରି ଯାଇଥିଲେ । ଏହାପରେ ସେମାନେ ଗାଡ଼ି ସହ ବିସ୍ଫୋରକକୁ ଲୁଟି ନେଇଥିଲେ । ଏହା ପରେ ଖଣି କର୍ତ୍ତୃପକ୍ଷଙ୍କଠାରୁ ଖବରପାଇ ପୁଲିସ ଗୋଟିଏ ଟିମ୍ ଗଠନକରି ଛାନଭିନ୍ ଆରମ୍ଭ କରିଥିଲା । ପରେ ପୁଲିସ ଓ ସିଆରପିଏଫ୍ ଟିମ୍ ସରଣ୍ଡା ଜଙ୍ଗଲରେ ନିଜର କୁମ୍ବିଂ ଅଭିଯାନ ଆରମ୍ଭ କରିଥିଲେ। ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାବେଳକୁ (୯ ପୃଷ୍ଠାରେ)



## ଶିବ ବିବାହ



ଭାରତବର୍ଷରେ କେଉଁ ଆବାହମାନ କାଳରୁ ଶିବ ଓ ଶକ୍ତିଙ୍କ ପରମ୍ପରା ପ୍ରଚଳିତ ହୋଇଆସୁଅଛି । ଯୁଗେ ଯୁଗେ ମଣିଷ କୌଣସି ନା କୌଣସି ଶକ୍ତିର ଉପାସନା କରିଆସିଛି । ସୃଷ୍ଟି ଓ ସ୍ରଷ୍ଟାଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ରହିଆସିଛି କୋଉ ପ୍ରାଚୀନକାଳରୁ । ଦେବ ବେଦ ମହାଦେବ ଓ ସତୀ ପାର୍ବତୀଙ୍କର ବିବାହ ଉପାଖ୍ୟାନ ଆମ ପୁରାଣ ଶାସ୍ତ୍ର ମାନଙ୍କରେ ପ୍ରଚଳିତ ହୋଇ ଆସୁଅଛି । ଓଡ଼ିଶାରେ ଅନେକ ସ୍ଥାନରେ ପାଳନ ହୋଇଥାଏ ଶିବବିବାହ । ପୌରାଣିକ ଧର୍ମଶାସ୍ତ୍ରରୁ ଜଣାଯାଏ ଯେ ସମ୍ବଲପୁର ଏକ ଶକ୍ତିପୀଠ । ଦକ୍ଷଯଜ୍ଞରେ ସତୀ ଝାସ ଦେବାପରେ ମହାଦେବ କ୍ରୋଧାନ୍ୱିତ ହୋଇ ଦକ୍ଷଯଜ୍ଞ ଧ୍ୱଂସ କରିବା ସଙ୍ଗେ ସଙ୍ଗେ ସତୀଙ୍କର ଶରୀରକୁ କାନ୍ଧରେ ଧରି ତ୍ରିଭୁବନ ଭ୍ରମଣ କଲେ । ମହାଦେବଙ୍କର ଏତାଦୃଶ ଅବସ୍ଥା ଦେଖି ବିଷ୍ଣୁ ସୁଦର୍ଶନ ଚକ୍ରକୁ ଆଜ୍ଞାଦେଲେ ସତୀଙ୍କର ମୃତ ଶରୀରକୁ ଖଣ୍ଡ ଖଣ୍ଡ କାଟିଦେବାପାଇଁ । ଯେଉଁସବୁ ସ୍ଥାନରେ ସତୀଙ୍କର ଶରୀର ଖଣ୍ଡମାନ ପଡ଼ିଲା ସେ ସବୁ ସ୍ଥାନ ଗୋଟିଏ ଗୋଟିଏ ଶକ୍ତିପୀଠ ରୂପେ ପରିଗଣିତ ହେଲା । ସତୀଙ୍କ ମୁଣ୍ଡ ପଡିଥିଲା ସମ୍ବଲପୁରରେ । ସତୀ ଏହି କ୍ଷେତ୍ରରେ ସମଲେଶ୍ୱରୀ ନାମରେ ପୂଜା ପାଇଲେ ।

ସେହିପରି ପୂରାଣରେ ବର୍ଣ୍ଣନା ଅନୁସାରେ ତାରକାସୁର ନାମରେ ଜଣେ ଅସୁର ଥିଲା, ଯିଏ ଘୋର ତପସ୍ୟା କରି ବ୍ରହ୍ମାଙ୍କ ବରରେ ବଳୀୟାନ ହୋଇ ସ୍ୱର୍ଗରେ ଦେବତାମାନଙ୍କୁ ଆକ୍ରମଣ କରୁଥିଲା । ଦେବତାମାନେ ତାଠାରୁ ପରାସ୍ତ ହୋଇ ଅତିଷ୍ଠ ହୋଇ ବ୍ରହ୍ମାଙ୍କ ଶରଣାପନ୍ନ ହେଲେ । ବ୍ରହ୍ମା ସେମାନଙ୍କୁ ଆଶ୍ୱାସନା ଜଣାଇ କହିଲେ ମହାଦେବଙ୍କ ପୁତ୍ରଙ୍କ ଦ୍ୱାରା ତାରକାସୁରର ବଧ ହେବ । ସେ ଆହୁରି କହିଲେ ଦକ୍ଷଯଜ୍ଞରେ ଯେଉଁ ସତୀ ଝାସଦେଇ ପ୍ରାଣ ହରାଇଥିଲେ ସେ ଏବେ ପର୍ବତରାଜ ହିମାଳୟର କନ୍ୟାରୂପେ ଜନ୍ମ ଗ୍ରହଣ କରିଛନ୍ତି । ପର୍ବତରାଜ ହିମାଳୟ ଓ ନୈନାଦେବୀଙ୍କ କନ୍ୟା ପାର୍ବତୀଙ୍କୁ ବିବାହ କରିବାକୁ ଦେବତାମାନେ ଶିବଙ୍କୁ ପ୍ରାର୍ଥନା କରନ୍ତୁ । ଦେବଗଣଙ୍କ ସ୍ତୁତି ଅନୁସାରେ ଶିବ ନିଜର ସମ୍ମତି ପ୍ରକାଶ କଲେ । ମାତା ପାର୍ବତୀ ହିମାଳୟର ଘଞ୍ଚ ବନାନୀ ମଧ୍ୟରେ ବରଫ ଲିଙ୍ଗ ସ୍ଥାପନ ପୂର୍ବକ ଆରାଧନା କରି କଠୋର ତପସ୍ୟାରତ ହେଲେ । ଦେବର୍ଷି ନାରଦ ବିବାହ ପ୍ରସ୍ତାବ ନେଇ ପର୍ବତରାଜଙ୍କ ପାଖରେ ପହଞ୍ଚିଲେ । ପର୍ବତରାଜଙ୍କ ଦ୍ୱାରା ଏପ୍ରସ୍ତାବ ଶୁଣିବା ପରେ ମୁନିମାନଙ୍କୁ ଡକାଇ ବିବାହର ଶୁଭଦିନ, ନକ୍ଷତ୍ର, ଲଗ୍ନ, ମୁହୂର୍ତ୍ତ ସ୍ଥିର କରାଗଲା । ଜ୍ୟେଷ୍ଠମାସ ଶୁକ୍ଳ ପଞ୍ଚମୀ ତିଥିରେ ବିବାହ ସମ୍ପନ୍ନ ହୋଇ ଷଷ୍ଠୀତିଥିରେ ଶିବ ପାର୍ବତୀଙ୍କ ସହ କୈଳାସ ପ୍ରତ୍ୟାବର୍ତନ କଲେ । ଏହି ସ୍ମୃତିକୁ ଉଜ୍ଜୀବିତ କରିବାପାଇଁ ପ୍ରତିବର୍ଷ ହିନ୍ଦୁମାନେ ପାଳନ କରିଥାନ୍ତି ଶିବବିବାହ ଓ ଶୀତଳଷଷ୍ଠୀ । ଶିବ ପାର୍ବତୀଙ୍କ ବିବାହ ଫଳରେ କୁମାର ଜନ୍ମ ହେଲେ । କୁମାର ତାରକାସୁରକୁ ବଧକରି ଅଶାନ୍ତ ପୃଥିବୀକୁ ଶାନ୍ତ କରିଥିଲେ ।

ଆମ ସମାଜରେ ବିବାହ ପରି ଶିବ ପାର୍ବତୀଙ୍କ ବିବାହରେ ମଧ୍ୟ ଗୁଆ ଚଳନ, ନିମନ୍ତ୍ରଣ, ପତ୍ରପ୍ରେରଣ ଆଦି କାର୍ଯ୍ୟ ବିଧିବିଧାନ ଅନୁସାରେ ସମ୍ପାଦିତ ହୋଇଥାଏ । ସମ୍ବଲପୁରରେ ମହା ଆଡମ୍ବରରେ ପାଳନ ହୋଇଥାଏ ଶିବ ବିବାହ । ଅକ୍ଷୟ ତୃତୀୟା ଠାରୁ ଜ୍ୟେଷ୍ଠ ଶୁକ୍ଳ ସପ୍ତମୀ ପର୍ଯ୍ୟନ୍ତ ମାସାଧିକ କାଳ ଏହି ଯାତ୍ରା ପାଇଁ ଆୟୋଜନ କରାଯାଏ । ଏହି ଯାତ୍ରାର ମୁଖ୍ୟ ନୀତି ଗୁଡିକ ହେଲା 'ଥାଳଉଠା' ଅର୍ଥାତ୍ ଶୀତଳଷଷ୍ଠୀ ଯାତ୍ରାର ପ୍ରସ୍ତୁତି ପର୍ବ ଆରମ୍ଭ ହୁଏ ବୈଶାଖ ଶୁକ୍ଳ ତୃତୀୟା ଅର୍ଥାତ ଅକ୍ଷୟ ତୃତୀୟା ଦିନଠାରୁ । ଏହି ନୀତିକୁ ଥାଳଉଠା କୁହାଯାଏ । ଏହି ଦିନରୁ ଆୟୋଜନକାରୀ ମାନେ ଚାନ୍ଦା ଆଦାୟ ଓ ମହାଦେବଙ୍କ ଶ୍ୱଶୁର ଘର ଖୋଜା ଆରମ୍ଭ ହୁଏ । ଶାଶୁ ଶ୍ୱଶୁର ଠିକଣା ହେବାପରେ କନ୍ୟାପିତାଭାବରେ ସେ ପାର୍ବତୀଙ୍କ ବିବାହ ପାଇଁ ସମସ୍ତ ଆୟେଜନ କରନ୍ତି ଏବଂ ପୂର୍ବବର୍ଷ ଯିଏ ମାତାପିତା ହୋଇଥିଲେ ତାଙ୍କ ଘରକୁ ପଡ଼ାର କେତେଜଣ ମୁଖିଆ ଯାଇ ସମ୍ବନ୍ଧ ତୁଟାନ୍ତି । ଅର୍ଥାତ ପୂର୍ବ ବର୍ଷର ଶାଶୁ ଶ୍ୱଶୁରଙ୍କ ସହିତ ସଂପର୍କ ଛିଡାଇ ନୂତନ ଶାଶୁ ଶ୍ୱଶୁରଙ୍କ ସହିତ ସମ୍ବନ୍ଧ ସ୍ଥାପନ କରନ୍ତି । ତୃତୀୟ ନୀତି ହେଉଛି 'ପତରପେଡି' ଯାହାକି ଦ୍ୱିତୀୟା ତିଥିରେ କରାଯାଏ । ଶିବ ପାର୍ବତୀ ବିବାହର ସ୍ୱୀକୃତି ସ୍ୱରୂପ ବରପିତା କନ୍ୟାପିତାଙ୍କୁ ସରଗି ବା ଶାଳପତ୍ର ଗୋଟିଏ ପେଡି ପ୍ରଦାନ କରିଥାନ୍ତି । ଅର୍ଥାତ ନିର୍ବନ୍ଧ ସାମଗ୍ରୀ କନ୍ୟାପିତାଙ୍କୁ ଦେଇ ବିବାହ ଲଗ୍ନ ସମ୍ପର୍କରେ ଆଲୋଚନା କରାଯାଏ । ବିବାହ ଲଗ୍ନ ସ୍ଥିର ପରେ ନନ୍ଦପଡା ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ପକ୍ଷରୁ ଶ୍ରୀ ନୃସିଂହ ମହାପ୍ରଭୁ ଜ୍ୟେଷ୍ଠ ଦ୍ୱତୀୟା ତିଥିରେ ଝାଡୁଆପଡ଼ାର ଶ୍ରୀ ଲୋକନାଥ ଦେବ ଓ ମୁଦିପଡ଼ାର ଶ୍ରୀ ଜାଗେଶ୍ୱର ବାବା ପକ୍ଷରୁ ହନୁମାନ ଜ୍ୟେଷ୍ଠ ଚତୁର୍ଥୀ ତିଥିରେ ସମଲେଶ୍ୱରୀ ,ପାଟଣେଶ୍ୱରୀ ସମେତ ସମସ୍ତ ଦେବଦେବୀଙ୍କୁ ବରପକ୍ଷରୁ ଗୁଆ, ହଳଦୀ, ଲୁଗା ମିଷ୍ଟାନ୍ନ ପ୍ରଦାନ କରି ଶିବ ପାର୍ବତୀଙ୍କ ବିବାହରେ ଯୋଗ ଦେବାପାଇଁ ଆମନ୍ତ୍ରଣ କରିଥାନ୍ତି । ଏହି ନୀତିକୁ 'ଗୁଆଗୁଁଡ଼ା' କହିଥାଆନ୍ତି । ନନ୍ଦପଡ଼ାରେ ଶ୍ରୀ ନୃସିଂହ ନିଉତା କୁହାଯାଏ । ହନୁମାନ ଓ ଶ୍ରୀ ନୃସିଂହ ମହାପ୍ରଭୁଙ୍କ ଏହି ନିଉତାଯାତ୍ରା ଜ୍ୟେଷ୍ଠ ଦ୍ୱତୀୟା ଓ ଚତୁର୍ଥୀ ଦୁଇଦିନ ସମ୍ବଲପୁର ସହରକୁ ଉତ୍ସବ ମୁଖରିତ କରି ରଖେ ।

ପ୍ରତିବର୍ଷ ସହର ବା ପଡ଼ା ବା ସାହିର ଦୁଇଜଣ ବ୍ରାହ୍ମଣ କନ୍ୟାପିତା ଓ ବରପିତା ହୋଇଥାନ୍ତି । ବିବାହ ପରିଚାଳନା ପାଇଁ ଦୁଇଜଣ ବ୍ରାହ୍ମଣ ପୌରହିତ୍ୟ କରିଥାନ୍ତି । କନ୍ୟାପିତା ପାର୍ବତୀଙ୍କୁ ନିଜର କନ୍ୟା ମନେକରି କନ୍ୟାଦାନ ଓ ବିଦାୟ ଆଦି ସମସ୍ତ କାର୍ଯ୍ୟ ତୁଲାଇଥାନ୍ତି । ପ୍ରଥମେ ତାଳପତ୍ରରେ ଲେଖା ପ୍ରସ୍ତାବ କନ୍ୟାପିତା ତରଫରୁ ବରପିତାଙ୍କ ଘରକୁ ସେବକ ମାଧ୍ୟମରେ ପଠାଯାଏ । ମହାପ୍ରସାଦ, ନଡିଆ ଗୁଆ ଓ ଖଣ୍ଡେ ନୂଆଲୁଗା ଯାହା ବିବାହରେ ପ୍ରଚଳିତ ପ୍ରଥା ତାହା ବାଦ୍ୟକାର ଓ ମହୁରୀବାଲା ସହିତ ଶୋଭାଯାତ୍ରାରେ ଯାଆନ୍ତି । ଏହିସବୁ କାର୍ଯ୍ୟ ଯେଉଁସାହିରେ ସମ୍ପାଦିତ ହୋଇଥାଏ ସେହି ସାହିକୁ 'ହିମାଦ୍ରି ନଗର' ବୋଲି କୁହାଯାଏ । ପାର୍ବତୀଙ୍କୁ ମନ୍ଦିରରୁ ଅଣାଯାଇ କନ୍ୟାପିତା ଘରେ ରଖାଯାଏ । ପାତ୍ରୀ ମନୋନୟନ ପାଇଁ ଗୋଟିଏ ଶୋଭାଯାତ୍ରା ହିମାଦ୍ରୀ ନଗରରେ ପହଁଞ୍ଚନ୍ତି । ବରପିତା ଦ୍ୱାରା କନ୍ୟା ମନୋନୟନ କାର୍ଯ୍ୟ ଶାଳପତ୍ର ପେଣ୍ଡା ଦେଇ କରାଯାଉଥିବାରୁ ଏହାକୁ 'ପତରପେଣ୍ଡି' ବୋଲି କହିଥାନ୍ତି । ପାତ୍ରୀ ମନୋନୟନର ତୃତୀୟ ଦିନରେ ବରପକ୍ଷରୁ ନିମନ୍ତ୍ରଣ ବଣ୍ଟାଯାଏ । ସ୍ଥାନୀୟ ଦେବତାମାନେ ଓ ଜନସାଧାରଣ ନିମନ୍ତ୍ରିତ ହୋଇ ଆସିଥାନ୍ତି । ଚତୁର୍ଥଦିନ ଶିବ ପାର୍ବତୀଙ୍କ ପୂର୍ବବର୍ଷରୁ ଥିବା ବୈବାହିକ ଗଣ୍ଠି ଫିଟାଯାଏ ଯାହାକୁ କୁହାଯାଏ ଗଇଁଣ୍ଠାଳ ଫିଟା । ସେହି ଦିନ ସନ୍ଧ୍ୟାରେ ଦେବୀଙ୍କୁ ନାନା ଅଳଙ୍କାରରେ ଭୂଷିତ କରାଯାଏ ଏବଂ ବିରାଟ ଶୋଭାଯାତ୍ରାରେ ମହାଦେବ ଦୋଳନରେ ବସି ସହର ପରିକ୍ରମା କରି ହିମାଦ୍ରୀ ନଗର ଠାରେ ଶ୍ୱଶୁରାଳୟରେ ପହଞ୍ଚନ୍ତି । ଶିବ ପାର୍ବତୀ ବିବାହ କାର୍ଯ୍ୟ ଶୁକ୍ଳ ପଞ୍ଚମୀରେ ଅନୁଷ୍ଠିତ ହୁଏ । ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କର ସମାଗମରେ ଭୋଜି ଭାତର ଆୟୋଜନ ଉଭୟ ପକ୍ଷରୁ କରାଯାଇଥାଏ । ଯେଉଁଥିରେ ସେବାୟତମାନେ ଉଭୟ ପକ୍ଷରୁ ଯୋଗଦାନ କରିଥାନ୍ତି । ବିବାହର ପରଦିନ ଅର୍ଥାତ୍ ଷଷ୍ଠୀଦିନ ସନ୍ଧ୍ୟାରେ ଦେବୀଙ୍କର ବିଦାୟ ପର୍ବ ମହାସମାରୋହରେ ଅନୁଷ୍ଠିତ ହୁଏ ।

ଜୟଶ୍ରୀ ପଟ୍ଟନାୟକ
ମୋ:୭୯୭୮୧୧୦୪୭୪



## ଧର୍ମୀୟ ଭାବନାରେ ଅଁଳା

ଶରୀରର ରୋଗପ୍ରତିରୋଧକ ଶକ୍ତି ବଢାଇବାରେ ଅଁଳା ବେଶ୍ ସହାୟକ ହୋଇଥାଏ । ତେବେ ଅଁଳା ଔଷଧୀୟ ଗୁଣ ବ୍ୟତିତ ଧର୍ମୀୟ ଗୁଣ ମଧ ଅନେକ ରହିଛି । ଏହାକୁ ପୂଜା ମଧ କରାଯାଏ । ବର୍ଷରେ ଦୁଇଥର ଅଁଳା ଗଛକୁ ପୂରା ବିଧି ବିଧାନରେ ପୂଜା କରାଯାଇଥାଏ । ଗୋଟିଏ ଥର ଫାଲଗୁନି ଶୁକ୍ଳ ପକ୍ଷର ଏକାଦଶୀ ଓ ଦ୍ୱିତୀୟଟି କାର୍ତ୍ତିକ ମାସ ଶୁକ୍ଳ ପକ୍ଷର ନବମୀ ଦିନ । ଯାହା ଅଁଳା ନବମୀ ଭାବେ ପରିଚିତ । ତେବେ ଅଁଳା ଗଛର ସୃଷ୍ଟି ପଛରେ ଏକ ପୌରାଣିକ କାହାଣୀ ମଧ ରହିଛି । ଅଁଳା ଗଛକୁ ଧର୍ମର ଆଧାର ଭାବେ ବିବେଚନା କରାଯାଇଥାଏ । ଏହି ବୃକ୍ଷ ଭଗବାନ ବିଷ୍ଣୁଙ୍କର ଅତି ପ୍ରିୟ । ସଂସାରର ସୃଷ୍ଟି ସମୟରେ ସର୍ବପ୍ରଥମେ ଅଁଳା ଗଛର ସୃଷ୍ଟି ହୋଇଥିଲା, ତେଣୁ ଏହାକୁ ଆଦି ବୃକ୍ଷର ଆଖ୍ୟା ଦିଆଯାଇଛି । ଏକ ପୌରାଣିକ ବ୍ୟାକ୍ଷାନ ଅନୁସାରେ ସାଗର ମନ୍ଥନ ବେଳେ ବାହାରିଥିବା ଅମୃତର ବୁନ୍ଦା ଯେଉଁ ସ୍ଥାନରେ ପଡିଥିଲା ସେଥିରୁ ଅଁଳା ଗଛର ସୃଷ୍ଟି ହୋଇଛି । ଅଁଳା ସହ ଅନ୍ୟ ଔଷଧୀୟ ବୃକ୍ଷ ମଧ ସେଥିରୁ ଉତ୍ପନ୍ନ ହୋଇଛି । ସେହିଭଳି ଅନ୍ୟ ଏକ ବ୍ୟାକ୍ଷା ଅନୁସାରେ ଭଗବାନ ଶିବଙ୍କ ଭଳି ବ୍ରହ୍ମାଙ୍କ ଲୁହରୁ ଅଁଳା ବୃକ୍ଷର ସୃଷ୍ଟି ହୋଇଛି । ବିଷ୍ଣୁଙ୍କର କଠୋର ଆରାଧନା ପରେ ବିଷ୍ଣୁ ବ୍ରହ୍ମାଙ୍କୁ ଦର୍ଶନ ଦେଇଥିଲେ, ବିଷ୍ଣୁଙ୍କୁ ଦେଖି ବ୍ରହ୍ମାଙ୍କ ଆଖିରୁ ବାହାରିଥିବା ଲୁହରୁ ଅଁଳା ବୃକ୍ଷର ଉତ୍ପତି ହୋଇଥିଲା । ସେହିଭଳି ଆଚାର୍ଯ୍ୟ ଚରକଙ୍କ ମତରେ ଆର୍ୟୁବେଦରେ ଅଁଳାକୁ ଅମୃତ ଭାବେ ବିବେଚନା କରାଯାଇଛି । ଔଷଧୀୟ ଗୁଣରେ ଭରପୁର ଅଁଳା ରୋଗପ୍ରତିରୋଧକ ଶକ୍ତି, ପାଚନ କ୍ରିୟା ସହ ତ୍ୱଚାର ବିଭିନ୍ନ ସମସ୍ୟାକୁ ସମାଧାନ କରିଥାଏ ।

## ଇତିହାସ

୧୫୭୭– ମୋଗଲ ସମ୍ରାଟ ଜାହାଙ୍ଗିରଙ୍କ ପତ୍ନୀ ନୁର୍‌ଜାହାଁଙ୍କ ଜନ୍ମ ହୋଇଥିଲା ।

୧୭୨୭– ଫ୍ରାନ୍ସ, ବ୍ରିଟେନ୍ ଏବଂ ନେଦରଲାଣ୍ଡ ପ୍ୟାରିସ୍ ଚୁକ୍ତିନାମାରେ ହସ୍ତାକ୍ଷର କରିଥିଲେ ।

୧୭୭୪– ଭାରତରେ ପ୍ରଥମ ଡାକସେବା କାର୍ଯ୍ୟାଳୟ ଖୋଲାଯାଇଥିଲା ।

୧୮୬୭– ବମ୍ବେରେ ପ୍ରାର୍ଥନା ସମାଜର ସ୍ଥାପନା ହୋଇଥିଲା ।

୧୯୫୯– ବୌଦ୍ଧ ଧର୍ମଗୁରୁ ଦଲାଇଲାମାଙ୍କୁ ତିବ୍ବତରୁ ନିର୍ବାସନ ପରେ ଭାରତରେ ଶରଣ ଦିଆଯାଇଥିଲା ।

୧୯୮୮– ଭାରତର ପ୍ରସିଦ୍ଧ ରାଜନେତା, ସ୍ୱତନ୍ତ୍ରତା ସେନାନି, ପତ୍ରକାର, ସାହିତ୍ୟକାର ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦ୍ୱାରକା ପ୍ରସାଦ ମିଶ୍ରଙ୍କ ପରଲୋକ ଘଟିଥିଲା ।

୨୦୦୬– ଆମେରିକା ବାୟୁସେନାର ପୂର୍ବତନ ଜେନେରାଲ ମିଶେଲ୍ ହେଡେନ୍‌ଙ୍କୁ ଆମେରିକାର ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସିର ନିର୍ଦ୍ଦେଶକ ରୂପେ ନିଯୁକ୍ତି ଦିଆଯାଇଥିଲା ।

୨୦୧୦– ଭାରତରେ ମାନ୍ୟତାପ୍ରାପ୍ତ ପ୍ରତ୍ୟେକ ବେସରକାରୀ ବିଦ୍ୟାଳୟରେ ଗରିବ ପିଲାମାନଙ୍କ ପାଇଁ ୨୫ ପ୍ରତିଶତ ସିଟ୍ ସଂରକ୍ଷିତ କରିବାର ଆଇନ ପ୍ରଣୟନ କରାଯାଇଥିଲା ।

୨୦୨୨– ବଲିଉଡ଼ର ପ୍ରସିଦ୍ଧ ଗାୟକ କେକେଙ୍କ ନିଧନ ହୋଇଥିଲା ।

## ନାରକେଲ୍ ନାରୁ



**ସାମଗ୍ରୀ–** ନଡିଆ କୋରା, ଖୀର, ଚିନି, କ୍ରିମ୍, ଗୁଜୁରାତି ଗୁଣ୍ଡ ।

**ପ୍ରଣାଳୀ–** ପ୍ରଥମେ କ୍ଷୀରକୁ ଫୁଟାଇ ଏଥିରେ କୋରା ନଡିଆ ପକାଇ ସିଝାନ୍ତୁ । ଖୀର ଫୁଟିଫୁଟି ମରିବା ପର୍ଯ୍ୟନ୍ତ ସିଝାନ୍ତୁ । ଏହପରେ ଆଉ ଏକ ପାତ୍ରରେ କିଛି କ୍ରିମ୍ ନେଇ ଫୁଟାନ୍ତୁ । ଏହି କ୍ରିମ୍‌ରେ ଚିନି ଓ ପାଣି ମିଶାଇ ଗୋଳାନ୍ତୁ । ଏହାକୁ ଏକ ସିରପ ଭଳି କରନ୍ତୁ । ଏହାପରେ ଏଥିରେ ଖୀର ଓ ନଡିଆର ମିଶ୍ରଣକୁ ମିଶାଇ ଗୋଳାନ୍ତୁ । ଏହି ମିଶ୍ରଣକୁ ଥଣ୍ଡା କରନ୍ତୁ । ଥଣ୍ଡା ହେବାପରେ ଏଥିରୁ ଗୋଲଗୋଲ କରି ଲଡୁ ଗଢିନିଅନ୍ତୁ । ଏହାପରେ ଏଥିରେ ଗୁଜୁରାତି ଗୁଣ୍ଡ ଚିଞ୍ଚି ପ୍ରସ୍ତୁତ କରନ୍ତୁ ନାରକେଲ୍ ନାରୁ ।



## ଇତିହାସ ରଚିବେ ଅରିଜିତ୍

ଭାରତର ପରିଚିତ ଗାୟକ ଅରିଜିତ୍ ସିଂ ଖୁବ ଜଲଦି ଏକ ଇତିହାସ ରଚିବାକୁ ଯାଉଛନ୍ତି । ୟୁକେର ଟୋଟେନ୍‌ହମ୍ ଷ୍ଟାଡିଅମରେ ଫରଫର୍ମ କରିବାରେ ସେ ହେବେ ପ୍ରଥମ ଭାରତୀୟ ସିଙ୍ଗର । ତାଙ୍କର ଏହି ଲାଇଭ୍ ଶୋ ଚଳିତ ବର୍ଷ ସେପ୍ଟେମ୍ବର ୫ରେ ଆୟୋଜନ କରାଯିବ । ଏହି ଖବର ଜଣା ପଡିବା ପରେ ତାଙ୍କ ଫ୍ୟାନମାନେ ଖୁବ ଉତ୍ସାହିତ ହେବା ସହିତ ଅରିଜିତଙ୍କୁ ଶୁଭେଚ୍ଛା ଜଣାଇବାରେ ଲାଗିଛନ୍ତି । ସେହିଭଳି ଅରିଜିତ୍ ଏହି ସଫଳତାର ଶ୍ରେୟ ତାଙ୍କ ପରିବାର ସହିତ ତାଙ୍କ ଶ୍ରୋତାଙ୍କୁ ଦେଇଛନ୍ତି । ଯେଉଁମାନଙ୍କ ପାଇଁ ସେ ଆଜି ଏତ ସଫଳ ହୋଇଛନ୍ତି । ସେହିଭଳି ଭାରତର ନାଁକୁ ଏଭଳି ଅନ୍ତର୍ଜାତିୟ ସ୍ତରରେ ପହଞ୍ଚାଇ ପାରୁଥିବାରୁ ସେ ଖୁବ ଖୁସି ସହିତ ଉତ୍ସାହିତ ଥିବା ଗଣମାଧ୍ୟମରେ ପ୍ରକାଶ କରିଛନ୍ତି । ସେହିଭଳି ଲଣ୍ଡନରେ ଥିବା ତାଙ୍କ ଫ୍ୟାନ ଏହି ଶୋକୁ ଖୁବ ଉତ୍ସାହର ସହିତ ଅପେକ୍ଷା କରିଥିବା ସୋସିଆଲ ମିଡିଆରେ ପ୍ରକାଶ କରିଛନ୍ତି । ଅରିଜିତ୍‌ଙ୍କର ଏହି ସଫଳତାରେ ବଲିଉଡର ଅନ୍ୟ କଳାକାରମାନେ ମଧ ଶୁଭେଚ୍ଛା ଜଣାଇଛନ୍ତି । ସମସ୍ତେ ଅରଜିତ୍‌ଙ୍କର ଏହି ସଫଳତା ପାଇଁ ବେଶ୍ ଖୁସି ଥିବା ଜଣା ପଡିଛି ।

## ସୋସିଆଲ କୋଟ୍ସ



" ମୁନ୍ନା ଭାଇ ଏମ୍‌ବିବିଏସ୍‌ର ସରକିଟ୍ ଚରିତ୍ର ମୋ ପାଇଁ ଏକ ରିସ୍କ ଥିଲା । ହେଲେ ମୋର ସୌଭାଗ୍ୟଥିଲା କି ମୋ କୋ ଆକ୍ଟର ଭାବେ ସଞ୍ଜୟ ଦତ୍ତ ଏବଂ ନିର୍ଦ୍ଦେଶକ ଭାବେ ରାଜକୁମାର ହିରାନୀ ଥିଲେ ।

**ଅର୍ଶଦ ବର୍ସୀ, ଅଭିନେତା**



" ମୁଁ ଏବେ ବି ମୋର ବଲିଉଡ୍‌ରେ ଯୋଗଦେବା ନିଷ୍ପତ୍ତିକୁ ନେଇ ଗର୍ବ ଅନୁଭବ କରିଥାଏ । ମୋତେ ସେତେବେଳେ ମାତ୍ର ୧୮ ବର୍ଷ ହୋଇଥିଲା, ଯେତେବେଳେ ମୁଁ ଘର ଛାଡି ମୁମ୍ବାଇ ଆସିବାକୁ ନିଷ୍ପତ୍ତି ନେଇଥିଲି ।


**ଦୀପିକା ପାଦୁକୋନ, ଅଭିନେତ୍ରୀ**



" କୁ ଫିଲ୍ମ ଦେଖି ଖୁବ ଖୁସି ଲାଗିଥିଲା । ଏଥିରେ ଅଭିନୟ କରିଥିବା ସୁପର ଟାଲେଣ୍ଟେଡ୍ ଟ୍ରାଓଙ୍କ ଅଭିନୟ ଖୁବ ଭଲ ହୋଇଛି । ମୁଁ ଖୁବ ଏଞ୍ଜୟ କରିଛି ଫିଲ୍ମକୁ ।

**ପ୍ରିତି ଜିଣ୍ଟା, ଅଭିନେତ୍ରୀ**

Government of Madhya Pradesh




On the occasion of
300th birth anniversary year of

# Lokmata Devi Ahilyabai Holkar
# Mahila Sashaktikaran Mahasammelan

and

## 'Rashtriya Devi Ahilya Samman' Alankaran



## Release of a commemorative stamp and coin dedicated to Lokmata Devi Ahilyabai Holkar



Dr. Mohan Yadav, Chief Minister



Narendra Modi, Prime Minister

## Inauguration of Datia and Satna Airports

and

## Indore Metro

(Gandhi Nagar Metro Station to Super Corridor Station 03)

## Release of the first instalment of 1271 new Atal Gram Seva Sadan (Panchayat Bhawans) worth ₹ 483 crore

— By Prime Minister —

# Narendra Modi

(Through Video Conference)

— Esteemed Presence —

**Mangubhai Patel**
Governor, Madhya Pradesh

**Dr. Mohan Yadav**
Chief Minister, Madhya Pradesh

**31st May, 2025 | 11:00 AM | Jamburi Maidan, Bhopal**

### Madhya Pradesh : Championing Women's Empowerment

- Devi Ahilya Naari Sashaktikaran Mission for holistic socio-economic empowerment of women launched in the State
- Reservation for women in government services increased to 35%
- 62 lakh rural women became self-reliant through 5 lakh self-help groups
- 89 lakh women got rid of smoke-filled kitchens through the Pradhan Mantri Ujjwala Yojana

### Enhancing Air Connectivity Across the State

- Completion of Datia Airport (124 acres; ₹ 60 crore) and Satna Airport (₹ 37 crore) with enhanced religious tourism and industrial outreach via air routes
- Direct flights to Maa Pitambara Peeth, Maa Sharda and Chitrakoot Dham will be available
- Connectivity to destinations within and beyond Madhya Pradesh will be improved

### A New Era of Urban Mobility for Indore

- Inauguration of the Yellow Line Metro, a 6 km stretch at the cost of ₹ 1520 crore will provide seamless, eco-friendly means of transport accommodating over 900 passengers per train
- Smart features like lifts, escalators, AI-based train tracking and QR-based ticketing will make commuting comfortable

### Strengthening Rural Governance

- Construction of 1271 new Atal Gram Seva Sadans across the state will provide permanent infrastructure for Gram Panchayats to support governance, meetings, and record management

D11032/25

LIVE STREAMING | DD News | Webcast.gov.in/mp/cmevents | @Cmmadhyapradesh @jansampark.madhyapradesh | @Cmmadhyapradesh @jansamparkMP | JansamparkMP | #AhilyaBaiHolkarAt300

Designed by M.P. Madhyam/2025
Released by the Department of Public Relations, M.P.

## ବିଳମ୍ବରେ ଆସିବାରୁ ସିଡିଏ କର୍ମଚାରୀଙ୍କ ଦରମା ବନ୍ଦ

# ବାରମ୍ବାର ଅଭିଯୋଗ ପରେ ଆକ୍ସନ ନେଲେ ସଚିବ

କଟକ(ସବ୍ୟୁ): କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) କର୍ମଚାରୀ ବିଳମ୍ବରେ ଆସିବା ମହଙ୍ଗା ପଡ଼ିଛି । ସେମାନଙ୍କ ଦରମା ବନ୍ଦ କରିଦିଆଯାଇଛି । ଏହା ସହିତ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ସିଡିଏ ସଚିବ । ଏଭଳି କଡ଼ା କାର୍ଯ୍ୟାନୁଷ୍ଠାନ ଯୋଗୁ ସହରବାସୀ ସଚିବଙ୍କୁ ପ୍ରଶଂସା କରିଛନ୍ତି ।

ସମୟ ସାଢ଼େ ୧୦ଟା ସିଡିଏ ସଚିବ ଡଃ. ଶ୍ୱେତ କୁମାର ଦାସ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସିଡିଏ କାର୍ଯ୍ୟାଳୟରେ ଅଧିକାଂଶ କର୍ମଚାରୀ ଆସିନଥିବା ଜାଣିବାକୁ ପାଇଥିଲେ । ସଙ୍ଗେ ସଙ୍ଗେ ଅଟେଣ୍ଡାନ୍ସ ରିଜିଷ୍ଟର ମଗାଇଥିଲେ ସଚିବ । ତେବେ ଗୋଟିଏ ପରେ ଗୋଟିଏ ରେଜିଷ୍ଟର ଯାଞ୍ଚ କରିଥିଲେ । ସେତେବେଳକୁ ସାଢ଼େ ୧୧ଟା ସମୟ ହେବ । ତଥାପି ବହୁ କର୍ମଚାରୀ ସିଡିଏ ଅଫିସ ଆସିନଥିଲେ । ବିଭିନ୍ନ ବିଭାଗର ୧୫ଜଣରୁ ଊର୍ଦ୍ଧ୍ୱ କର୍ମଚାରୀ ଆସିନଥିବା ଜାଣିବାକୁ ପାଇଥିଲେ ।




ବିଳମ୍ବରେ ଆସିଥିବା କର୍ମଚାରୀଙ୍କ ଶୁକ୍ରବାର ଅର୍ଥାତ ଦିନକର ଦରମା ବନ୍ଦ କରିଥିଲେ । ଏହାସହ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ ସିଡିଏ ସଚିବ ।

ସିଡିଏରେ ସେ ଦେଢ଼ ମାସ ହେବ ସଚିବ ଦାୟିତ୍ୱ ଗ୍ରହଣ କରିଛନ୍ତି । ତେବେ ପ୍ରତ୍ୟେକ ଦିନ କର୍ମଚାରୀମାନେ ବିଳମ୍ବରେ ଆସୁଥିବା ସହରବାସୀ ବାରମ୍ବାର ଅଭିଯୋଗ କରିଥିଲେ । ଏଠାରେ ପ୍ଲାନିଂ ବିଭାଗ, ଏଷ୍ଟାବ୍ଲିସମେଣ୍ଟ ବିଭାଗ, ଆଲଟମେଣ୍ଟ ବିଭାଗ, ଏନଫୋର୍ସମେଣ୍ଟ ବିଭାଗ, ଲିଗାଲ ସେଲ ବିଭାଗ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ରହିଛି । ସହରବାସୀ ସିଡିଏ ଅଫିସ ଆସି କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ହଇରାଣ ବି ହେଉଛନ୍ତି । କେବଳ ସେତିକି ନୁହେଁ କିଛି ଅସାଧୁ କର୍ମଚାରୀ ବିଭିନ୍ନ କାର୍ଯ୍ୟ ପାଇଁ ମୋଟା ଅଙ୍କର ଟଙ୍କା ମାଗୁଥିବା ବି ଅଭିଯୋଗ ହେଉଛି । ଏସବୁ ଘଟଣାର ତଦନ୍ତ କରି ଲାଞ୍ଚୁଆ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

**୧୫ରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ**

### ଉଚ୍ଚମାନର ତାଲିମ ପାଇଁ ସିଆଇଏସ୍ଏଫ୍‌କୁ ମିଳିଲା ତିନି ତାରକା ଗ୍ରେଡିଂ ମାନ୍ୟତା

କଟକ,(ସବ୍ୟୁ): ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନରେ ମୁଣ୍ଡଳି ଠାରେ ଥିବା କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ(ସିଆଇଏସଏଫ୍ )ଖାରବେଳ ଆଞ୍ଚଳିକ ତାଲିମ କେନ୍ଦ୍ରକୁ ସମ୍ମାନଜନକ ତିନି ତାରକା ଓ ଉତ୍କୃଷ୍ଟ ମାନ୍ୟତା ମିଳିଛି । ଏଥିପାଇଁ ଭାରତ ବର୍ଷରେ ଥିବା ସମସ୍ତ ତାଲିମ କେନ୍ଦ୍ରକୁ କେନ୍ଦ୍ର ସରକାରଙ୍କର ଏକ ପ୍ରତିନିଧି ଦଳ ଯାଇ ଅନୁଧ୍ୟାନ କରିଥିଲେ । ଏହି ଅନୁଧ୍ୟାନ ସମୟ ରେ ଆସିଥିବା ମୂଲ୍ୟାଙ୍କନ ନିମନ୍ତେ ତାଲିମ କେନ୍ଦ୍ରରେ ସିଭିଲ୍ ସର୍ଭିସ୍ ଟ୍ରେନିଂ ଇନଷ୍ଟିଚ୍ୟୁସନ୍ସ ପାଇଁ ଜାତୀୟ ମାନଦଣ୍ଡ ପରିଚାଳନା, ପ୍ରଶିକ୍ଷଣ, ତାଲିମ ଦାତାଙ୍କ କ୍ଷମତା, ପରିବେଶ, ପାଠ୍ୟକ୍ରମ ଡିଜାଇନ୍ ଆଦି ୮ଟି ସ୍ତମ୍ଭ ପ୍ରତି ଗୁରୁତ୍ୱ ଦେଇଥିଲେ । ସିଆଇଏସଏଫ୍ ରେ ଉଚ୍ଚମାନର ଶିକ୍ଷା ଏବଂ ତାଲିମ କାର୍ଯ୍ୟକ୍ରମ ପ୍ରଦାନ ପ୍ରତି ପ୍ରତିବଦ୍ଧତାକୁ ସୂଚିତ କରୁଥିବାରୁ ଆସିଥିବା ଦଳ ମୂଲ୍ୟାଙ୍କନ ପରେ ସିଆଇଏସଏଫ୍ କୁ ତିନି ତାରକା ଓ ଉତ୍କୃଷ୍ଟ ମାନ୍ୟତା ମିଳିଛି । କ୍ଷମତା ନିର୍ମାଣ ଆୟୋଗ (ସିବିସି) ଦ୍ୱାରା ସମ୍ମାନଜନକ ଉତ୍କୃଷ୍ଟ ବା ବହୁତ ଭଲ ସ୍ତରର ମାନ୍ୟତା ସହ ୩ ତାରକା ଗ୍ରେଡିଂର ମାନ୍ୟତା ଦିଆଯାଇଛି ।



ବିଧାନସଭା ପରିସରରେ ଦିବଂଗତ ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ବାଚସ୍ପତି ସୁରମା ପାଢ଼ୀ

# ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କ ପରଲୋକ

କାମାକ୍ଷାନଗର, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ନିର୍ବାଚନମଣ୍ଡଳୀର ତିନି ଥରର ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କ ପରଲୋକ ଘଟିଛି । ସେ ଗତ କିଛିଦିନ ଧରି ଅସୁସ୍ଥ ଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ସେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଗୁରୁବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ତାଙ୍କ ମରଶରୀର କାମାକ୍ଷାନଗରରେ ପହଞ୍ଚିବା ପରେ ପ୍ରବଳ ବର୍ଷା ସତ୍ତ୍ୱେ ଶତାଧିକ କାମାକ୍ଷାନଗର ବାସିନ୍ଦା ନିଜ ପ୍ରିୟ ନେତାଙ୍କୁ ଶେଷବିଦାୟ ଜଣାଇଥିଲେ । ସ୍ୱର୍ଗତଃ ପ୍ରସନ୍ନ କୁମାର ପଟ୍ଟନାୟକ ୧୯୭୭ ମସିହାରେ ଛାତ୍ର ରାଜନୀତିରୁ ରାଜନୀତିରେ ପ୍ରବେଶ କରି ମାତ୍ର ୨୮ ବର୍ଷ ବୟସରେ ଜନତାପାର୍ଟି ତରଫରୁ କାମାକ୍ଷାନଗର ପାଇଁ ପ୍ରତିନିଧିତ୍ୱ କରି ପ୍ରଥମଥର ପାଇଁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ପରେ ୧୯୮୫ ମସିହାରେ ବିଜେପି ତରଫରୁ ପ୍ରତିନିଧିତ୍ୱ କରି ରାଜ୍ୟର ପ୍ରଥମ ବିଜେପି ବିଧାୟକ ଭାବେ ବିଜୟୀ ହୋଇଥିଲେ । ୧୯୯୦ ରୁ ୯୫ ପର୍ଯ୍ୟନ୍ତ ସେ ଜନତା ଦଳ ତରଫରୁ ନିର୍ବାଚିତ ହୋଇ କାମାକ୍ଷାନଗର



ନିର୍ବାଚନମଣ୍ଡଳୀ ତରଫରୁ ତିନିଥର ବିଧାୟକ ଭାବେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ମୃତ୍ୟୁ ପରେ ପ୍ରସନ୍ନ ପଟ୍ଟନାୟକଙ୍କ ମରଶରୀର କାମାକ୍ଷାନଗରରେ ପହଞ୍ଚିବା ପରେ ସ୍ଥାନୀୟ ଜଗନ୍ନାଥ ବଜାର ଠାରେ ଥିବା ତାଙ୍କ ବାସଭବନ ନିକଟରେ ଦଳମତ ନିର୍ବିଶେଷରେ ଶତାଧିକ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଶେଷଦର୍ଶନ କରିଥିଲେ। କାମାକ୍ଷାନଗର ଓକିଲ ସଙ୍ଘ, ସାମ୍ବାଦିକ ସଙ୍ଘ, ବଣିକସଙ୍ଘ ଠାରୁ ଆରମ୍ଭ କରି ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତିବିଶେଷ ନିଜର ପ୍ରିୟ ବିଧାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରସନ୍ନ ପଟ୍ଟନାୟକଙ୍କ ବିୟୋଗରେ କାମାକ୍ଷାନଗରରେ ଶୋକର ଛାୟା ଖେଳିଯାଇଥିବା ବେଳେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା ।

ଶ୍ରୀ ପଟ୍ଟନାୟକଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଓଡ଼ିଶା ରାଜନୀତିରେ ଜଣେ କର୍ମଯୋଗୀ ନେତା ଏବଂ ଓଡ଼ିଶାର ପ୍ରଥମ ବିଜେପି ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କ ବିୟୋଗରେ ମୁଁ ଗଭୀର ଭାବେ ଦୁଃଖିତ ଓ ମର୍ମାହତ । ଶିକ୍ଷା, ସମାଜସେବା ଏବଂ ରାଜନୈତିକ କ୍ଷେତ୍ରରେ ତାଙ୍କର ଅବଦାନ ଏବଂ ଆମ ଦଳର ସଂଗଠନକୁ ଦୃଢ଼ କରିବାରେ ତାଙ୍କର ଅବଦାନ ସର୍ବଦା ସ୍ମରଣ ଯୋଗ୍ୟ ।

# ସ୍ତ୍ରୀ ହତ୍ୟାକାରୀ ସ୍ୱାମୀକୁ ଆଜୀବନ କାରାଦଣ୍ଡ

ଖୋର୍ଦ୍ଧା, (ସବ୍ୟୁ): ପତ୍ନୀ କୁ ଅତି ନିର୍ମମଭାବେ ତଂଟି ଚିପି ହତ୍ୟା କରିଥିବା ସ୍ୱାମୀ କୁ ଖୋର୍ଦ୍ଧା ପ୍ରଥମ ଅତିରିକ୍ତ ଜିଲ୍ଲା ଦୌରାଜଜ(ଏଡିଜେ-୧) ରଞ୍ଜୁଲତା ଲେଙ୍କା ଆଜୀବନ କାରାଦଣ୍ଡ ସମେତ ୧୦ହଜାର ଟଙ୍କା ଜରିମାନା ରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ଅଧିକ ଛମାସ ଜେଲ ଦଣ୍ଡାଦେଶ ଭୋଗିବେ ।

ନୟାଗଡ ଜିଲ୍ଲା ବାଣିଗୋଛା ଥାନା ଅନ୍ତର୍ଗତ ଭାଲିଆପଦର ଗ୍ରାମର ବିକାଶ ସାହୁଙ୍କ ଭଉଣୀ ରୁନୀତାଙ୍କ ର ବୌଦ୍ଧ ସିନ୍ଧୁରକୁମ୍ଭା ର ଦିପ୍ତିମାନ ସାହୁଙ୍କ ସହ ୨୦୧୦ରେ ବିବାହ ହୋଇଥିଲା । ଦିପ୍ତିମାନ ଖୋର୍ଦ୍ଧା ମଳିପଡା ଅଂଚଳରେ ପତ୍ନୀ କୁ ଧରି ୨୦୨୦ ମସିହାରେ ରହି ନିକଟ ଏକ କାରଖାନା ରେ କାମ କରୁଥିଲେ । ୨୦୨୦ ଜାନୁଆରୀ ୧୯ତାରିଖରେ ସ୍ତ୍ରୀ ରୁନିତାଙ୍କୁ ଦୀପ୍ତିମାନ ଅତିନିର୍ମମଭାବେ ତଂଟିଚିପି ହତ୍ୟା କରି ଜଙ୍କିଆ ଥାନା ଅନ୍ତର୍ଗତ ଗୋଡିପଡା କାଜୁବଗିଚା ନିକଟ ବଘେଇ ଠାକୁରାଣୀ ପାଖ ଜଙ୍ଗଲରେ ମୃତଦେହ କୁ ପକାଇଦେଇଥିଲା । ପରେ ପତ୍ରେ୍ୟକ ଦିନଭଳି କାରଖାନା ଯାଇଥିଲେ । ସେଠାରେ ସ୍ତ୍ରୀ ରୁନିତା କଥା ସହଯୋଗୀମାନେ ପଚାରିବାରୁ ନିଜ ଉପରୁ ଦୋଷ ଛଡାଇବାକୁ ଯାଇ ପୁରୀ ବୁଲିବାକୁ ଯାଇଥିବାବେଳେ ହଜିଯାଇଥିବା କହି କାରଖାନା ରୁ ତାଙ୍କ ଶଶୁର ଘରକୁ ପଳାଇଥିଲେ। ସ୍ତ୍ରୀଇଁ ଏକା ଆସିଥିବାବେଳେ ଝିଅ ନଆସିବା ଦେଖି ସେଠାରେ ଶାଶୁ ଓ ଶଳା ରୁନିତା ସମ୍ପର୍କରେ ପଚାରିବାରେ ସେଇ ସମାନ ଉତର ରଖିଥିଲେ । ସେମାନଙ୍କର ଦିପ୍ତିମାନ ଉପରେ ସନ୍ଦେହ ହେବାରୁ ସେମାନେ ବାଣିଗୋଛା ଥାନାକୁ ନେଇଥିଲେ । ଦିପ୍ତିମାନ କିପରି ସ୍ତ୍ରୀକୁ ହତ୍ୟା କରିଥିଲେ ତାହା ଥାନାରେ ସ୍ୱୀକାର କରିଥିଲେ । ପରେ ଘଟଣାସମ୍ପର୍କରେ ଜଙ୍କିଆ ଥାନା ରେ ମୃତାଙ୍କ ଭାଇ ବିକାଶ ସାହୁ ଅଭିଯୋଗ କରିଥିଲେ । ଜଙ୍କିଆ ପୋଲିସ ଅଭିଯୋଗକୁ ଭିତି କରି ଥାନାରେ ଏକ ହତ୍ୟା ମାମଲା(ନଂ ୨୪।୨୦)ରୁଜୁ କରି ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ । ଶୁକ୍ରବାର ଏହି ମାମଲାର ବିଚାର କରି ଏଡିଜେ ପ୍ରଥମ ୨୫ଜଣ ସାକ୍ଷ୍ୟ ପ୍ରମାଣକୁ ଭିତି କରି ଉପରୋକ୍ତ ରାୟ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସୁକ୍ୟୁଟେର ରଜନୀ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ ।

### ସାମ୍ବାଦିକଙ୍କୁ ମାଡ ମାମଲା

# ଡିଜିପିଙ୍କୁ ରିପୋର୍ଟ ତଲବ କଲେ ମାନବାଧିକାର କମିଶନ

ଭୁବନେଶ୍ୱର, (ସବ୍ୟୁ) : ହାତଗୋଡ ବାନ୍ଧି କାର୍ଯ୍ୟରତ ସାମ୍ବାଦିକ ବିଜୟ ପ୍ରଧାନଙ୍କୁ ମାଡ ମାରିବା ଘଟଣାରେ ମାନବାଧିକାର କମିଶନ ନିଜ ଆଡୁ ମାମଲା ରୁଜୁ କରି ଡିଜିପି ୱାଇବି ଖୁରାନିଆଙ୍କୁ ରିପୋର୍ଟ୍ ତଲବ କରିଛନ୍ତି । ଦୁଇ ସପ୍ତାହ ମଧ୍ୟରେ ମାମଲାର ସବିଶେଷ ତଥ୍ୟ ଦେବାକୁ ନୋଟିସ୍‌ରେ ଉଲ୍ଲେଖ ହୋଇଛି ।

କାର୍ଯ୍ୟରତ ସାମ୍ବାଦିକ ବିଜୟ ପ୍ରଧାନଙ୍କୁ ଦୁର୍ବୃତ୍ତମାନେ ହାତଗୋଡ ବାନ୍ଧି ସର୍ବସମ୍ମୁଖରେ ନିର୍ମମ ଭାବେ ମାଡ ମାରିଥିଲେ । ଏପରିକି ତାଙ୍କ ମୁହଁକୁ ଗୋଇଠା ମଧ୍ୟ ମାରିଥିଲେ । ଏହି ଘଟଣାର ଅଭିଯୋଗ ହେବା ପରେ ମୁଖ୍ୟ ଅଭିଯୁକ୍ତ ଠିକାଦାରଙ୍କ ସମେତ ୫ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ମାମଲାର ତଦନ୍ତ ଜାରି ରହିଥିବା ବେଳେ ଆଉ କେତେକ ଅଭିଯୁକ୍ତ ଗିରଫ ହୋଇପାରନ୍ତି । ମାନବାଧିକାର କମିଶନ ଏହି ସମ୍ବେଦନଶୀଳ ମାମଲାରେ ନିଜ ଆଡୁ ମାମଲା ରୁଜୁ କରି ଦୁଇ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଡିଜିପିଙ୍କୁ ନୋଟିସ୍ କରିବା ସାମ୍ବାଦିକଙ୍କ ମହଲରେ ଚର୍ଚ୍ଚା ହେଉଛି ।

### ଭିମ୍ସାର ପରିସରରେ 'ସୁପର ସ୍ପେସାଲିଟି ହସ୍ପିଟାଲ' ଉଦ୍‌ଘାଟିତ

# ଓଡ଼ିଶାର ଡାକ୍ତର ଓଡ଼ିଶାରେ ଚିକିତ୍ସା ସେବାରେ ରହିଲେ ହିଁ ରାଜ୍ୟ ୧ ନମ୍ବର ହେବ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାରେ ଡାକ୍ତରୀ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଚାକିରି ପାଇଁ ବାହାରକୁ ନଯାଇ ଓଡ଼ିଶାରେ ଡାକ୍ତରୀ ସେବା କରିବା ଆବଶ୍ୟକ । ଡାକ୍ତରୀ ପିଲାମାନେ ଏହିଭଳି ମନ ବଳାଇଲେ ହିଁ ଆମ ରାଜ୍ୟ ଏକ ନମ୍ବର ହୋଇପାରିବ ବୋଲି ଗୁରୁବାର ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଏବଂ ଗବେଷଣା ପ୍ରତିଷ୍ଠାନ(ଭିମସାର୍), ବୁର୍ଲା ପରିସରରେ ସୁପର ସ୍ପେସାଲିଟି ହସ୍ପିଟାଲକୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ପ୍ରାୟ ୧୨୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ହସ୍ପିଟାଲରେ ୫୮ ଟି ଆଇସିୟୁ ଶଯ୍ୟା ସହିତ ମୋଟ୍ ୨୭୨ଟି ଶଯ୍ୟା ଅଛି । ଏହି ସୁପର୍ ସ୍ପେସାଲିଟି ହସ୍ପିଟାଲରେ ନଅଟି ସୁପର୍ ସ୍ପେସାଲିଟି ବିଭାଗ ରହିବ । ଲୋକାର୍ପିତ ସୁପର ସ୍ପେସାଲିଟି ହସ୍ପିଟାଲ ଦ୍ୱାରା ସମ୍ବଲପୁର ସମେତ ୧୩ଟି ଜିଲ୍ଲାର ଜନସାଧାରଣ ଏବଂ ଛତିଶଗଡ଼, ଝାଡ଼ଖଣ୍ଡ ରାଜ୍ୟର ସଂଲଗ୍ନ ଅଞ୍ଚଳ ଗୁଡିକରେ ରହୁଥିବା ଲୋକମାନେ ଏହି ପ୍ରକଳ୍ପ ଦ୍ୱାରା ଅତ୍ୟନ୍ତ ଲାଭବାନ ହେବେ । ସିକିଲ୍ ସେଲର ରୋଗୀମାନଙ୍କ ପାଇଁ ଏହି ହସ୍ପିଟାଲ ନୂତନ ସୁଯୋଗ ସୃଷ୍ଟି କରିବ । ରୋଗୀମାନଙ୍କୁ ଅତ୍ୟାଧୁନିକ ସମସାମୟିକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାରେ ଏହି ସୁପର ସ୍ପେସାଲିଟି ହସ୍ପିଟାଲ ଅଗ୍ରଣୀ ଭୂମିକା ନିର୍ବାହ କରିବ । ସମାଜର ଅନ୍ତିମ ଶ୍ରେଣୀର ଲୋକମାନଙ୍କୁ ସୁପର୍



ସ୍ପେସାଲିଟି ଚିକିତ୍ସା ସୁବିଧା ଯୋଗେଇବା ଦିଗରେ ପଦକ୍ଷେପ ନେଇଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ଓଡ଼ିଶାକୁ ଏକ ନମ୍ବର କରିବା ପାଇଁ ହେଲେ ରାଜ୍ୟରେ ଭିମସାର ଭଳି ଅନୁଷ୍ଠାନରୁ ପାଠ ପଢୁଥିବା ଡାକ୍ତର ଛାତ୍ରଛାତ୍ରୀମାନେ ବାହାର ରାଜ୍ୟରେ ଚାକିରି ନକରି ଆମ ରାଜ୍ୟରେ ଚାକିରି କରିବା ଦରକାର । ତେବେ ଯାଇ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ଲକ୍ଷ୍ୟ ପୂରଣ ହୋଇପାରିବ । ଭିମସାର ପରିସରରେ ଏକ ୟୁନିଟାରୀ ଡେଣ୍ଟାଲ୍ କଲେଜ୍ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ବଜେଟରେ ଘୋଷଣା କରିଛନ୍ତି । ଭିମାସରର ପୁନଃବିକାଶ ପାଇଁ ମାଷ୍ଟର ପ୍ଲାନ୍ କରିବା ପାଇଁ ସରକାରଙ୍କ ଯୋଜନାରେ ରହିଛି । ଭିମସାରରେ ମେଡିଟେକ୍, ବାୟୋଟେକ୍, ଏଆଇ ଏନେବଲ୍ଡ୍ ଟ୍ରିଟମେଣ୍ଟ ଭଳି ଅତ୍ୟାଧୁନିକ ମେଡିକାଲ ପଦ୍ଧତି ସହ ଗଣାତ୍ମକ ଶିକ୍ଷା, ସୁଶାସନ ମଡେଲ ଏବଂ ଷ୍ଟାର୍ଟଅପ ଦୁନିଆକୁ ଯୋଡିବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିବଦ୍ଧ । ଏହାର ଭିତ୍ତିଭୂମିର ବିକାଶ ପାଇଁ ସମସ୍ତଙ୍କ ପରାମର୍ଶ ନେବା ସହ ଏଠାରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କର୍ମଶାଳାର ଆୟୋଜନ କରିବା ଉପରେ ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ରଥଯାତ୍ରା, ବାହୁଡା ଯାତ୍ରା, ସୁନା ବେଶ ଦିନ ପୁରୀକୁ ଗଡିବ ୧ ହଜାର ବସ

# ପରିବହନ କମିଶନର, ଘରୋଇ ବସ୍ ମାଲିକ ସଂଘ କର୍ମକର୍ତ୍ତାଙ୍କ ସମନ୍ୱୟ ବୈଠକ

ପୁରୀ (ସବ୍ୟୁ): ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଶ୍ରୀକ୍ଷେତ୍ର ପୁରୀକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବ । ଶ୍ରଦ୍ଧାଳୁଙ୍କ ସୁଗମ ପରବହନକୁ ଆଖି ଆଗରେ ରଖି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ପ୍ରାଧିକରଣର ମୁଖ୍ୟାଳୟରେ ରାଜ୍ୟ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୋଲିସ କର୍ତ୍ତୃପକ୍ଷ ଏବଂ ବସ୍ ମାଲିକ ସଙ୍ଘ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏତେ ସଂଖ୍ୟକ ଶ୍ରଦ୍ଧାଳୁ କିଭଳି ପୁରୀରେ ସୁବିଧାରେ ପହଞ୍ଚିବେ ଓ ଫେରିବେ ସେ ବିଷୟରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗୁଡ଼ିକ ଗ୍ରହଣ କରାଯାଇଛି ।

ପ୍ରତିବର୍ଷ ଭଳି ଚଳିତ ଥର ମଧ୍ୟ ରଥଯାତ୍ରା ନିମନ୍ତେ ଅନ୍ୟରୁଟ୍ ଗାଡ଼ିଗୁଡ଼ିକୁ ପୁରୀ ନିମନ୍ତେ ସ୍ୱତନ୍ତ୍ର ପରମିଟ୍ ପ୍ରଦାନ କରାଯିବ । ଆଗ୍ରହୀ ବସ୍ ମାଲିକମାନେ ଏଥିନିମନ୍ତେ କିଭଳି ସୁବିଧାରେ ଆବେଦନ କରିବେ ଓ ଅନୁମତି ପାଇବେ ସେ ଦିଗରେ ଆଲୋଚନା କରାଯାଇଥିଲା । ବିଶେଷକରି, କଟକ-ଭୁବନେଶ୍ୱରରୁ ଅଧିକ ସଂଖ୍ୟକ ବସ୍ ପୁରୀ ଚଳାଚଳ



କରିବା ଉପରେ ଗୁରୁତ୍ୱ ଦିଆଯିବ । ସେହିଭଳି ନିର୍ଦ୍ଧାରିତ ବସ୍ ଭଡ଼ାଠାରୁ କୌଣସି ବସ୍ ଯାତ୍ରୀଙ୍କଠାରୁ ଅଧିକ ଭଡ଼ା ଦାବି କରିବାର ଅଭିଯୋଗ ଯେଭଳି ନ ଆସେ ସେ ଦିଗରେ ବସ ମାଲିକ ସଙ୍ଘ ଧ୍ୟାନ ଦେବାକୁ କହିଛନ୍ତି ପରିବହନ ଆୟୁକ୍ତ । ପୁରୀ ଯାଉଥିବା ଓ ପୁରୀରେ ଚଳାଚଳ କରୁଥିବା ସମସ୍ତ ବସ୍ ଓ ଅଟୋରେ ଭଡ଼ା ସଂପର୍କିତ ତଥ୍ୟ ପ୍ରଦର୍ଶିତ କରିବାକୁ ନିଷ୍ପତ୍ତି ଗ୍ରହଣ ହୋଇଛି । ଯେଭଳି କେହି ମନଇଚ୍ଛା ଭଡ଼ା ଆଦାୟ କରି ଯାତ୍ରୀଙ୍କୁ ହଇରାଣ ନ କରନ୍ତି ସେ ଦିଗରେ ପୁରୀ ପୋଲିସ ଓ ପୁରୀ ଆରଟିଓ ବିଶେଷ ଧ୍ୟାନ ଦେବାକୁ ନିଷ୍ପତ୍ତି ହୋଇଛି । ସେହିଭଳି ବସ୍ ଷ୍ଟପରେ ଯାତ୍ରୀମାନଙ୍କ ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦିଆଯିବ । ସ୍ୱତନ୍ତ୍ର ଟିମ୍ ଗଠନ କରି ଯାତ୍ରୀଙ୍କ ସୁବିଧାକୁ ପୁରୀ, ଭୁବନେଶ୍ୱର, କଟକ ସମେତ ଅନ୍ୟାନ୍ୟ ସହରର ବସଷ୍ଟାଣ୍ଡରେ ମନିଟର କରାଯିବ । ଏହା ସହ ପୁରୀର ତାଳବଣିଆରେ ସିସିଟିଭି ମଧ୍ୟ ଲାଗିବ । ବସମାନଙ୍କରେ ଫାଷ୍ଟଏଡ୍ କିଟ୍ ଓ ପର୍ଯ୍ୟାପ୍ତ ପରିମାଣର ଓଆରଏସ ମହଜୁଦ୍ ରହିବ ଓ ତାହା ଏସଟିଏ ପକ୍ଷରୁ ଯୋଗାଇ ଦିଆଯିବ । ଯାତ୍ରୀ ଓ ଯାତ୍ରୀବାହୀ ଗାଡ଼ିମାନଙ୍କ ସୁବିଧା ନିମନ୍ତେ ରଥଯାତ୍ରା ସମୟରେ ପୁରୀରେ ଆରଟିଓଙ୍କ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯିବ । ଏହାସହ ଗାଡ଼ି ମରାମତି ନିମନ୍ତେ ବିଭିନ୍ନ କମ୍ପାନୀଙ୍କ ସହଯୋଗ, କ୍ରେନ୍ ଓ ଆମ୍ବୁଲାନ୍ସ ସୁବିଧା ମଧ୍ୟ କରାଯିବ । ଶୃଙ୍ଖଳିତ ଟ୍ରାଫିକ ବ୍ୟବସ୍ଥା ଉପରେ ବିଶେଷ ଧ୍ୟାନ ଦିଆଯିବ । ଜାତୀୟ ରାଜପଥରେ ଗହଳି ଆଶଙ୍କା ଥିବା ସ୍ଥାନ ଗୁଡ଼ିକରେ ସ୍ୱତନ୍ତ୍ର ଟିମ୍ ଦାୟିତ୍ୱରେ ରହିବେ । କୋଣାର୍କ- ପୁରୀ ରୁଟ୍ ପାଇଁ ସ୍ୱତନ୍ତ୍ର ଟ୍ରାଫିକ କଟକଣା ଲାଗୁ ହେବ । ସମସ୍ତ ବିଭାଗ, ଗାଡ଼ି ମାଲିକ ଓ କର୍ମଚାରୀଙ୍କ ସହଯୋଗରେ ଜନସାଧାରଣଙ୍କୁ ଉତ୍ତମ ସେବା ପ୍ରଦାନ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ପରିବହନ ଆୟୁକ୍ତ ।

# ବିଶ୍ୱଶାନ୍ତି ଯଜ୍ଞ ଉପଲକ୍ଷେ ଭଜନ ସମାରୋହ

ଭୁବନେଶ୍ୱର, (ସବ୍ୟୁ): ପ୍ରତିବର୍ଷ ପରି ଚଳିତବର୍ଷ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ମା' ସନ୍ତୋଷୀଦେବୀଙ୍କ ୧୮ତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ତିନିଦିନ ଧରି ସ୍ଥାନୀୟ ବରମୁଣ୍ଡାଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ପିପିଲିରୁ ଏକ ଘଣ୍ଟୁଆ, ପାବୀ ଢୋଲ ବାଜା ଓ ବାଣ ଫୁଟାଯାଇ ୨୧ଜଣ ଭକ୍ତ ଏକ କଳସ ଶୋଭାଯାତ୍ରାରେ ମା' ସନ୍ତୋଷୀ ଦେବୀଙ୍କ ପୀଠ ଠାରୁ ଶୁଭାରମ୍ଭ କରାଯାଇଥିଲା। ଏହି କଳସ ଯାତ୍ରା ନୀଳକଣ୍ଠେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇ ବରମୁଣ୍ଡା ଗ୍ରାମ ପରିକ୍ରମା କରିଥିଲା। ୨୭ ତାରିଖରେ ଅଙ୍କୁରା ରୋପଣ, ୨୮ ତାରିଖରେ ଜଳଯାତ୍ରା, ମଣ୍ଡଳାଧୀବାସ, ଘଟସ୍ଥାପନ ଏବଂ ୨୯ ତାରିଖ ଦିନ ସୂର୍ଯ୍ୟପୂଜା, ଗୋପୂଜା, ସର୍ବାଦେବାଦେବୀ ପୂଜା, ଦେବୀଙ୍କ ଷୋଡ଼ଶ ଉପଚାର, ଅଗ୍ନିସ୍ଥାପନ, ଚଣ୍ଡୀପାଠ, ଆହୂତି ଓ ପୂର୍ଣ୍ଣାହୂତି କରାଯାଇଥିଲା ।

ଏହି ବିଶ୍ୱଶାନ୍ତି ମହାଯଜ୍ଞ ଉତ୍ସବରେ ୫୦ ନମ୍ବର ୱାର୍ଡର କର୍ପୋରେଟର ରାମଚନ୍ଦ୍ର ରଣସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ୩୦ ନମ୍ବର ୱାର୍ଡ଼ର କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନା, ବରମୁଣ୍ଡାର ବରିଷ୍ଠ ନାଗରିକ ନାରାୟଣ ପ୍ରଧାନ, ବିଶିଷ୍ଟ ସମାଜସେବୀ ସମରେନ୍ଦ୍ର ଜେନା, ମା' ସନ୍ତୋଷୀ ଦେବୀ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ସନତ ମିଶ୍ର, ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନା, ଦେବକାନ୍ତ ମହାପାତ୍ର, ମାଧବାନନ୍ଦ ବେହୁରା ଓ ତପନ କୁମାର, ସମାଜସେବୀ ନେହେରୁ ସେନାପତି,



ବିଶ୍ୱରଞ୍ଜନ ସାହୁ, ସୁଧାଂଶୁ ଶେଖର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶାସ୍ତ୍ରୀ ନଗରର ତୁଳସୀ ଭଜନ ସନ୍ଧ୍ୟା ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଆଶା ମୁକୁଳ ବାରିକ ଓ ତାଙ୍କ ଦଳଙ୍କ ନିର୍ଦ୍ଦେଶନାରେ ଭଜନ ପରିବେଷଣ କରାଯାଇଥିଲା । ଏହି ସଙ୍ଗୀତ କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ଜ୍ୟୋତିପ୍ରକାଶ ମିଶ୍ର, ରତିକାନ୍ତ ତ୍ରିପାଠୀ, ରଚନା ମିଶ୍ର ଓ ଅନିମେସ ଅନୁପମ ଭଜନ ପରିବେଷଣ କରିଥିଲେ। ଅକ୍ଟୋପ୍ୟାଡ଼ରେ ଅନିଲ କୁମାର ଓ ତବଲାରେ ସନ୍ଦୀପ ବାରିକ ସହଯୋଗ କରିଥିଲେ। ମା' ସନ୍ତୋଷୀ ଦେବୀଙ୍କ ପୂଜକ ଆଦିତ୍ୟ କୁମାର ସ୍ୱାଇଁ, ସୁଦର୍ଶନ ବାରିକ, ସୁରେନ୍ଦ୍ର କୁମାର ବିଶ୍ୱାଳ, ହାଓ୍ୱା ସ୍ୱାଇଁ, ସରୋଜ କୁମାର ସାହୁ, ସୀବ କୁମାର ବିଶ୍ୱାଳ, ସତ୍ୟଭାମା ସ୍ୱାଇଁଙ୍କ ଦ୍ୱାରା ବିଶ୍ୱଶାନ୍ତି ଯଜ୍ଞ ଆୟୋଜନ କରାଯାଇଥିଲା । ଏହି ବିଶ୍ୱଶାନ୍ତି ମହାଯଜ୍ଞରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ଯୋଗ ଦେଇଥିଲେ।

### ଥମୁନି ଜଲିଉଡ୍ ବିବାଦ

# ପୁଣି ଯାତ୍ରା ପାର୍ଟି ମାଲିକଙ୍କ ନାଁରେ ଅଭିଯୋଗ

ଭୁବନେଶ୍ୱର, (ସବ୍ୟୁ) : ଜଲିଉଡ୍‌ରେ ବିବାଦ ଦିନକୁ ଦିନ ବଢିବାରେ ଲାଗିଛି । ଯାତ୍ରା ପାର୍ଟି ମାଲିକ ଅନନ୍ତ ନାରାୟଣ ଧଳ ଓରଫ ନାଣ୍ଟୁଙ୍କ ନାରେ ପୁଣି ଅଭିଯୋଗ କରିଛନ୍ତି ନାୟିକା ପୂଜା । ନାଣ୍ଟୁ ତାଙ୍କୁ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲେ । ସେଥିରେ ସେ ରାଜି ନହେବାରୁ ତାଙ୍କଠାରୁ ଅଗ୍ରୀମ ଟଙ୍କା ବନ୍ଧୁକ ଦେଖାଇ ଫେରାଇ ନେବା ପରେ ଯାତ୍ରା ପାର୍ଟିରୁ ତଡି ଦେଇଥିବା ପୂଜା ଅଭିଯୋଗ କରିଛନ୍ତି ।

ପୂଜା ନାମ୍ନୀ ନାୟିକା ମା'ଙ୍କ ସହ ଭୁବନେଶ୍ୱରରେ ଭଡାରେ ରୁହନ୍ତି । ତାଙ୍କ ବାପା ନଥିବା ବେଳେ ଭାଇଙ୍କର କିଛିଦିନ ତଳେ ମୃତ୍ୟୁ ହୋଇଥିବା ସେ କହିଛନ୍ତି । ଜଣେ ସାଙ୍ଗଙ୍କ ପ୍ରରୋଚନାରେ ସେ ଯାତ୍ରା ପାର୍ଟି ତୁଳସୀର ମାଲିକ ନାଣ୍ଟୁଙ୍କ ସହ ଟେଲିଫୋନ୍‌ରେ ଯୋଗାଯୋଗ କରିଥିଲେ । ନାଣ୍ଟୁଙ୍କ ସହ ସେ କଥା ହେବା ସହ ମା'ଙ୍କୁ କଥା କରାଇ ଦେଇଥିଲେ । ୨୪-୨୫ ମସିହା ପାଇଁ ୮ଲକ୍ଷ ଟଙ୍କାରେ ସେ ପୂଜାଙ୍କୁ ବୁକ୍ କରିଥିଲେ । ୪ଲକ୍ଷ ଟଙ୍କା ଅଗ୍ରୀମ ଦେବା ପରେ ପୂଜା ରିହଲସାଲ ପାଖକୁ ଯାଇଥିଲେ । ସେଠାରେ ପହଞ୍ଚିବା ପରେ ୮ଲକ୍ଷ ୧୪ଲକ୍ଷ ହୋଇଯାଇଥିଲା । ଅର୍ଥାତ୍ ବାର୍ଷିକ ୧୪ଲକ୍ଷ ଟଙ୍କା ଯାତ୍ରା ମାଲିକ ପୂଜାକୁ ଦେବା ପାଇଁ କହିଥିଲେ ।

ପୂଜା ସେଠାରେ ପହଞ୍ଚିବା ପରେ ନାଣ୍ଟୁ ତାଙ୍କୁ ୧୦ ହଜାର ଟଙ୍କା ବିଭିନ୍ନ ଜିନିଷ କିଣିବା ପାଇଁ ଦେଇଥିଲେ । ଦୁଇଦିନ ତାଙ୍କୁ ଭଲ ଭାବେ ଚର୍ଚ୍ଚା କରାଯାଇଥିଲା । ଏପରିକି ଗୋଟିଏ କେୟାରଟେକର ମଧ୍ୟ ତାଙ୍କ ପାଇଁ ନିୟୋଜିତ କରିଥିଲେ ମାଲିକ ନାଣ୍ଟୁ । ଦୁଇଦିନ ପରେ ତୃତୀୟ ଦିନ ମ୍ୟାନେଜର ଟୁଲୁଙ୍କ ସହାୟତାରେ ପୂଜାଙ୍କୁ ନାଣ୍ଟୁ ଡକାଇଥିଲେ । ପୂଜା ରିହଲସାଲ ପାଲ ପାଖକୁ ଯିବାବେଳେ ତାଙ୍କ ବେକରେ ମ୍ୟାନେଜର ହାତ ଲଗାଇ ଖରାପ ଆଚରଣ କରିଥିଲେ । ପୂଜା ତାହାର ପ୍ରତିବାଦ କରିବାରୁ ସେ ହାତ କାଢିଦେଇ ମାଲିକଙ୍କ କଥା ମାନିବାକୁ କହିଥିଲେ । ମାଲିକ ନାଣ୍ଟୁ ଆସି ତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇଥିଲେ । ଭୁବନେଶ୍ୱରରେ ଫ୍ଲାଟ୍ କିଣିଦେବା ସହ ଗହଣାରେ ତୋ ଶରୀରକୁ ଛାଇଦେବି ଲୋକେ ଚିହ୍ନିପାରିବେ ନାହିଁ ବୋଲି ନାଣ୍ଟୁ କହିଥିବା ପୂଜା ଗଣମାଧ୍ୟମକୁ କହିଛନ୍ତି । ଯେଉଁ ହୋଟେଲକୁ ଡାକିବି ସେଠାକୁ ଯିବୁ, ମୋ କଥା ମାନିଲେ ତୋତେ ନାୟିକା ଭୂମିକା ଦିଆଯିବା ସହ ସମସ୍ତ ଆବଶ୍ୟକତା ଦେବି ବୋଲି ନାଣ୍ଟୁ କହିଥିଲେ ।

ଏଥିରେ ପୂଜା ରାଜି ନହେବାରୁ ତାଙ୍କ ଠାରୁ ୪ଲକ୍ଷ ଟଙ୍କା ଦୁଇ ପର୍ଯ୍ୟାୟରେ ବନ୍ଧୁକ ଦେଖାଇ ନେଇଯାଇଥିଲେ । ଏପରିକି ତାଙ୍କୁ ସେଠାରୁ ତଡିଦେବା ବେଳେ ମୁଣ୍ଡରେ ବନ୍ଧୁକ ଲଗାଇ ସାଧା କାଗଜରେ ଦସ୍ତଖତ କରିନେଇଥିଲେ । ପୂଜା ଦୁଇବର୍ଷ ହେବ ସେଠାରୁ ଆସି ମାନସିକ ନିର୍ଯାତନାରେ ରହୁଛନ୍ତି । କାରଣ ଅନ୍ୟ କୌଣସି ପାର୍ଟି ସହ ଯୋଗାଯୋଗ କଲେ ନାଣ୍ଟୁ ସେହି ମାଲିକମାନଙ୍କୁ ମନା କରିଦେଉଥିବା ପୂଜା କହିଛନ୍ତି । ପୂଜାଙ୍କୁ ଟଙ୍କା ପାଇଁ କୋର୍ଟ ନୋଟିସ୍ ନାଣ୍ଟୁ ପଠାଇଥିବା ସେ କହୁଛନ୍ତି । ପୂଜାଙ୍କ ଏସବୁ କଥାକୁ ନାଣ୍ଟୁ ଖଣ୍ଡନ କରୁଛନ୍ତି । ତାଙ୍କ କହିବା କଥା ଯେଉଁ କଳାକାରମାନେ ଆଗୁଆ ଟଙ୍କା ନେଇଛନ୍ତି, ସେମାନେ ମେଳି ହୋଇ ଏପରି ଅଭିଯୋଗ କରୁଛନ୍ତି । ନରି ପଣ୍ଡା, ସୋନାଲି ସ୍ୱାମୀ, ମାମୁନି ପରେ ପୂଜା ଏକାଠି ହୋଇ ଏହିପରି ବିବାଦ ସୃଷ୍ଟି କରୁଥିବା ନାଣ୍ଟୁ ଗଣମାଧ୍ୟମକୁ କହିଛନ୍ତି । ଟଙ୍କା ନଦେବା ପାଇଁ ଏହି କଳାକାରମାନେ ଆପତ୍ତିଜନକ ଅଭିଯୋଗ କରୁଥିବା ନାଣ୍ଟୁ କହିଛନ୍ତି ।

# ଦୁଷ୍କର୍ମ ମାମଲାରେ ପିଡ଼ିତାଙ୍କ ବାପାଙ୍କୁ ଆଜୀବନ ଜେଲ୍

ବ୍ରହ୍ମପୁର, (ସବ୍ୟୁ): ପୁରୁଷୋତ୍ତମପୁର ଥାନା ଅଞ୍ଚଳର ଏକ ଚର୍ଚ୍ଚିତ ନାବାଳିକା ଦୁଷ୍କର୍ମ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି । ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ପୋକସୋ ଜଜ୍ ପ୍ରଣତି ପଟ୍ଟନାୟକ ଉକ୍ତ ମାମଲାର ବିଚାରଣା କରି ଜଣେ ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ପ୍ରମାଣ ଅଭାବରୁ ଆଉ ଜଣେ ଅଭିଯୁକ୍ତକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଦୋଷୀ ସାବ୍ୟସ୍ତ ଜଣକ ହେଲେ ପିଡ଼ିତାଙ୍କ ବାପା (୪୭) ଓ ନିର୍ଦ୍ଦୋଷ ସାବ୍ୟସ୍ତ ଜଣକ ହେଲେ ପିଡ଼ିତାଙ୍କ ତୃତୀୟ ମା'ଙ୍କ ଭାଇ ଅର୍ଥାତ ମାମୁଁ ।ଏହାସହ ଅଭିଯୁକ୍ତ ବାପାଙ୍କୁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି । ଜରିମାନା ଅନାଦେୟ ଅତିରିକ୍ତ ୧ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଉକ୍ତ ରାୟରେ ଉଲ୍ଲେଖ ରହିଛି । ଅନ୍ୟପଟେ ପିଡ଼ିତାଙ୍କୁ ୧୦ଲକ୍ଷ ୫୦ ହଜାର ଟଙ୍କା ଦେବାକୁ ଡ଼ିଏଲଏସଏଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟଯେ, ୨୦୨୩ ଡ଼ିସେମ୍ବର ମାସରେ ପୁରୁଷୋତ୍ତମପୁର ଥାନା ଅଞ୍ଚଳର ଜନୈକା ନାବାଳିକା(୧୬) ତାଙ୍କର ଦୁଇ ସାଙ୍ଗସହ ନିକଟରେ ଥିବା ଏକ ଅଙ୍ଗନାବାଡ଼ି କେନ୍ଦ୍ରକୁ ଯାଉଥିଲେ। ରାସ୍ତାରେ ଦୁଇ ଜଣ ବ୍ୟକ୍ତି ସମ୍ପୃକ ନାବାଳିକାକୁ ଟାଣି ନେବା ବେଳେ ସେ ଚିତ୍କାର କରିଥିଲେ। ଗାଁ ଲୋକ ରୁଣ୍ଡ ହୋଇ ତାଙ୍କୁ ଧରିଥିଲେ। ହେଲେ ସେ ଦୁଇଜଣ ଉକ୍ତ ନାବାଳିକାଙ୍କ ବାପା ଓ ତାଙ୍କ ତୃତୀୟ ମା'ଙ୍କ ଭାଇ ଅର୍ଥାତ ମାମୁ। ପରେ ନାବାଳିକା ଜଣଙ୍କ ରାତ୍ର ଘରେ ଶୋଇଥିବା ବେଳେ ତାଙ୍କ ବାପା ତାଙ୍କୁ ଦୁଷ୍କର୍ମ କରିଥିଲେ । ଏହି ଘଟଣାକୁ ନେଇ ନାବାଳିକା ଜଣକ ନିଜ ପ୍ରଥମ ମାମୁଁ ଓ ମାଇଁଙ୍କୁ ଜଣାଇଥିଲା। ପରେ ସେ ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ୯୦୨/୨୩ ରେ ଏକ ମାମଲା ରୁଜୁ କରିଥିଲା। ସେହିବର୍ଷ ଡିସେମ୍ବର ୨୪ ରେ ପିଡ଼ିତାଙ୍କ ବାପାକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲ । ପରେ ପିଡ଼ିତାଙ୍କ ମାମୁଁକୁ ଗିରଫ କରି ଜେଲ ପଠାଇଥିଲା। କିଛିଦିନ ପରେ ମାମୁଁ ଜାମିନରେ ମୁକୁଳିଥିଲେ। କିନ୍ତୁ ଗିରଫପର ଠାରୁ ପିଡ଼ିତାଙ୍କ ବାପା ଜେଲରେ ରହିଥିଲେ। ମମାଲର ବିଚାରଣା ବେଳେ ୮ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା।

# ଜିନ୍ଦଲ ଷ୍ଟେନଲେସ୍‌କୁ ବ୍ରିଟିଶ୍ ସେଫ୍ଟି କାଉନସିଲ୍ ପୁରସ୍କାର

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନଲେସ୍‌ର ଯାଜପୁର କାରଖାନା ପୁଣି ଥରେ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା ଅର୍ଜନ କରିଛି, ଲଗାତାର ଦ୍ୱିତୀୟ ବର୍ଷ ପାଇଁ ଏହାକୁ ପ୍ରତିଷ୍ଠିତ ବ୍ରିଟିଶ୍ ସେଫ୍ଟି କାଉନସିଲ୍ ପୁରସ୍କାର ପ୍ରଦାନ କରାଯାଇଛି। ଗତକାଲି ମୁମ୍ବାଇରେ ଅନୁଷ୍ଠିତ ବ୍ରିଟିଶ୍ ସେଫ୍ଟି କାଉନସିଲ୍ ଆନ୍ତର୍ଜାତୀୟ ସୁରକ୍ଷା ପୁରସ୍କାର ସମ୍ମିଳନୀ ୨୦୨୪ରେ ଏହି ସମ୍ମାନ ଘୋଷଣା କରାଯାଇଥିଲା।

ଏହି ସମ୍ମାନଜନକ ପୁରସ୍କାର ଯାଜପୁର ପ୍ଲାଣ୍ଟର କର୍ମକ୍ଷେତ୍ର ସୁରକ୍ଷା ପ୍ରତି ଅସାଧାରଣ ସମର୍ପଣ, ଏହାର ପ୍ରଭାବଶାଳୀ ଶୂନ୍ୟ-ଦୁର୍ଘଟଣା ପ୍ରଦର୍ଶନ ଏବଂ ବିଶ୍ୱସ୍ତରୀୟ ସୁରକ୍ଷା ମାନଦଣ୍ଡ ପାଳନକୁ ସ୍ୱୀକାର କରେ। ଏହି ଉତ୍ସବରେ ବ୍ରିଟିଶ ସେଫ୍ଟି, ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ, ଜୋନାଥନ ଗ୍ୟାଥ୍ରୋ ଏବଂ ବ୍ରିଟିଶ୍ ସେଫ୍ଟି କାଉନସିଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ, ମାଇକ୍ରବିନସନଙ୍କ ଛଡ଼ା ପରିଚାଳନା ନିର୍ଦ୍ଦେଶକ ଭାରତ, ବ୍ରିଟିଶ୍ ସେଫ୍ଟିକାଉନ୍ସିଲ, ହେମନ୍ତ ସେଠୀ ଓ ଅନ୍ୟାନ୍ୟବିଶିଷ୍ଟ ଅତିଥି ଏବଂ ଶିଳ୍ପ ସୁରକ୍ଷା



କ୍ଷେତ୍ରର ଉଲ୍ଲେଖନୀୟ ନେତାମାନେ ଉପସ୍ଥିତ ଥିଲେ। କମ୍ପାନୀ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଥିଲେ, ଅଗ୍ନିଶମ ଏବଂ ସୁରକ୍ଷା ମୁଖ୍ୟ, ଜିନ୍ଦଲ ଷ୍ଟେନଲେସ୍, ଯାଜପୁର, ମନୋଜ କୁମାର ବଳ ।

ଏହି ପୁରସ୍କାର କୃତକର୍ମ ସୁରକ୍ଷା ନୀତି, ଶୂନ୍ୟ ଦୁର୍ଘଟଣା ଏବଂ ଉତ୍କୃଷ୍ଟ ମାନର ସୁରକ୍ଷା ମାନଦଣ୍ଡ ଏବଂ ନିରନ୍ତର ପ୍ରଚେଷ୍ଟାର ପରିଣାମ ସ୍ୱରୂପ ମିଳିଛି। ଉଲ୍ଲେଖନୀୟ ଯେ, ଯାଜପୁରର ଜିନ୍ଦଲ ଷ୍ଟେନଲେସ୍ ୨୦୨୪ ମସିହାରେ 'ଶୂନ୍ୟ ଦୁର୍ଘଟଣା' ରେକର୍ଡ ବଜାୟ ରଖିବାର ଗୌରବ ହାସଲ କରିଛି, ଯାହା ସଂଗଠନର ଦୃଢ଼ ସୁରକ୍ଷା ସଂସ୍କୃତିକୁ ଗୁରୁତ୍ୱାରୋପ କରେ। ଏହି ସଂସ୍କୃତି ସଂରଚିତ ନୀତି, ନିରନ୍ତର ତାଲିମ ପଦକ୍ଷେପ ଏବଂ ଏହାର ସମଗ୍ର କର୍ମଚାରୀଙ୍କ ଅଟଳ ପ୍ରତିବଦ୍ଧତା ମାଧ୍ୟମରେ ପରିଚାଳିତ ହୁଏ ।

ଏହି ସଫଳତା ବିଷୟରେ କହି, ୟୁନିଟ୍ ମୁଖ୍ୟ, ଜିନ୍ଦଲ ଷ୍ଟେନଲେସ୍, ଯାଜପୁର, ଦୀପକ ଅଗ୍ରୱାଲ କହିଛନ୍ତି, 'କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ବ୍ରିଟିଶ୍ ସେଫ୍ଟି କାଉନସିଲ୍ ପୁରସ୍କାର ହାସଲ କରିବା, ବିଶେଷକରି ୨୦୨୪ ମସିହାରେ 'ଶୂନ୍ୟ ଦୁର୍ଘଟଣା' ରେକର୍ଡ ସହିତ, କେବଳ ଏକ ସମ୍ମାନ ନୁହେଁ ଏହା ଆମର ଗଭୀର ଭାବରେ ସ୍ଥାପିତ ସୁରକ୍ଷା ସଂସ୍କୃତିକୁ ବୈଧ କରେ। ଆମେ ବିଶ୍ୱାସ କରୁ ଯେ ପ୍ରକୃତ ସୁରକ୍ଷା ଉତ୍କର୍ଷତା ନିରନ୍ତର ସକ୍ରିୟ ନିୟୋଜିତତା, ଦୃଢ଼ ତାଲିମ କାର୍ଯ୍ୟକ୍ରମ ଏବଂ ଆମର କାର୍ଯ୍ୟର ପ୍ରତ୍ୟେକ ସ୍ତରରେ ପରିବ୍ୟାପ୍ତ ନେତୃତ୍ୱ ପ୍ରତିବଦ୍ଧତାରୁ ଆସିଥାଏ ।

# ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଏକ ଆକ୍ରମଣ ଘଟଣାରେ ଫେରାର ଥିବା ଅଭିଯୁକ୍ତଙ୍କୁ ବଡବ୍ଜାର ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ରଘୁପତି ନଗର ତୃତୀୟ ଲାଇନର ଓଁମ୍ ଦାସ(୨୦) । ପୂର୍ବରୁ ଏହି ମାମଲାରେ ଗ୍ରାମଦେବୀ ସାହିର ରାଜା ନାୟକଙ୍କ ସମେତ ଏକାଧିକ ଗିରଫ ହୋଇଥିଲେ । ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ୧୮ ତାରିଖରେ ରାଜା ନାୟକ, କାଳିଆ ସାହୁ, କୈଳାସ ସାହୁ, ଓମ ଦାସ ପାଷ୍ଟଗେଟ ନିକଟରେ ଥିବା ଏକ ଆପାର୍ଟମେଣ୍ଟରେ ପହଞ୍ଚି ଜନୈକ ମହିଳାଙ୍କୁ କମେଣ୍ଟ କରିଥିଲେ। ସେହି ସମୟରେ ସେଠାରେ ରହୁଥିବା ମହମ୍ମଦ ଇମରାନ ଏହାର ପ୍ରତିବାଦ କରିଥିଲେ । ଫଳରେ ସେମାନେ ପ୍ରତିଶୋଧ ପରାୟଣ ହୋଇଥିଲେ। କିଛିଦିନ ପରେ ଇମରାନ ଘରେ ଥିବା ବେଳେ ଉପରୋକ୍ତ ଦୁର୍ବୃତ୍ତମାନେ ତାଙ୍କ ଘରକୁ ଆସି କବାଟ ବାଡ଼େଇଥିଲେ। ସେ କବାଟ ଖୋଲିବା ବେଳେ କାଳିଆ ତାଙ୍କୁ ବନ୍ଧୁକ ଦେଖାଇ ବାହାରକୁ ଡ଼ାକିଥିଲେ। ଏହି ସମୟରେ ଅନ୍ୟାନ୍ୟ ଅଭିଯୁକ୍ତ ମାନେ ଖଣ୍ଡାରେ ମରଣାନ୍ତକ ଆକ୍ରମଣ ଜୀବନରୁ କରିଥିଲେ। ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଆହତ ଯୁବକ ଜଣଙ୍କ ଏନେଇ ଥାନାରେ ଅଭିଯୋଗ କରିଥିଲେ।

# ୫୨ କେଜି ଗଞ୍ଜେଇ ଜବତ : ଜଣେ ଗିରଫ



ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲ୍ଲା। ଗାଙ୍ଗପୁର ପୁଲିସ ଗୁରୁବାର ୫୨ କିଲୋ ଗଞ୍ଜେଇ ସହ ଗୋଟିଏ ଟିଭିଏସ ଏକ୍ସଲ୍ ମୋପେଡ ଜବତ କରିବା ସହ ଏଥିରେ ସଂପୃକ୍ତ ଅଭିଯୋଗରେ ସେହି ଥାନା ଅନ୍ତର୍ଗତ ଷଡ଼ଙ୍ଗୀ ପଲ୍ଲୀ ଗ୍ରାମର ବଳରାମ ବେହେରା (୬୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀଙ୍କ ସୂଚନା ପ୍ରକାରେ ଗାଙ୍ଗପୁର ପୁଲିସ ଗୁରୁବାର ସକାଳେ କଣ୍ଟେଇପଲ୍ଲୀ ଠାରୁ ବଡବୋରସିଙ୍ଗି ଯାଏଁ ପେଟ୍ରୋଲିଂ ରେ ଥିବାବେଳେ ଦୁବୁଲୁଣ୍ଡା ଘାଇ ଛକରେ ଷଡଙ୍ଗୀପଲ୍ଲୀର ବଳରାମ ବେହେରା ନିଜ ଟିଭିଏସ ଏକ୍ସଲ୍ ରଖି ଠିଆ ହୋଇଥିବା ଦେଖି ସରଜମିନ ତଦନ୍ତ କରିଥିଲେ । ଆଉ ଗଞ୍ଜେଇ ଥିବା ଦେଖିଥିଲେ । ଏସଂପର୍କରେ ଏସଆଇ ଅଜୟ ମଲ୍ଲିକଙ୍କ ରିପୋର୍ଟ ଆଧାରରେ ଗାଙ୍ଗପୁର ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପୂଜାରୀ ସୂଚନା ଦେଇଛନ୍ତି ।

# ବିଚ୍ ବଜାରରେ ପତ୍ନୀକୁ ଛୁରାମାଡ଼

ବାରିପଦା, (ସବ୍ୟୁ) : ଶୁକ୍ରବାର ପୂର୍ବାହ୍ନରେ ବାରିପଦା ସହରର ମୁଖ୍ୟ ମାର୍କେଟ ତଥା ଏମ୍‌କେସି ହାଇସ୍କୁଲ ନିକଟରେ ପାରିବାରିକ କଳହକୁ କେନ୍ଦ୍ର କରି ସ୍ୱାମୀ ଜଣଙ୍କ ବିଚ୍ ବଜାରରେ ସମସ୍ତଙ୍କ ସମ୍ମୁଖରେ ସ୍ତ୍ରୀକୁ ଛୁରୀ ମାରି ଲହୁଲୁହାଣ କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ଏହି ଦମ୍ପତି ପରିବା ବେପାରୀ ବୋଲି ଜଣାପଡିଥିବା ବେଳେ ସ୍ୱାମୀ ରବିନ୍ଦ୍ର ଦିଗାର୍, ପତ୍ନୀ କବିତା ଦିଗାର୍‌ଙ୍କୁ ଛୁରୀ ମାରୁଥିବାବେଳେ ସାଧାରଣ ଲୋକେ ସ୍ୱାମୀଙ୍କୁ କାବୁ କରି ନିସ୍ତୁକ ମାଡ ମାରିବା ସହ ପୋଲିସକୁ ଜିମା ଦେଇଥିଲେ । ସ୍ତ୍ରୀଙ୍କୁ ପିଆରଏମ୍ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ବାରିପଦା ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ସ୍ୱାମୀ ରବିନ୍ଦ୍ରଙ୍କୁ କାବୁ କରି ଥାନାକୁ ଆଣି ଅଟକ ରଖି ତଦନ୍ତ ଚଲାଇଛନ୍ତି । ପ୍ରାଥମିକ ତଦନ୍ତରୁ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ସନ୍ଦେହକୁ ନେଇ ଏହି ଘଟଣା ଘଟିଥିବା ଜଣାଯାଇଛି ।

## ଏମ୍‌ଏସସିବି ବିଶ୍ୱବିଦ୍ୟାଳୟର ୩ ଫାଇନାଲ୍ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶ: ପାସ୍‌ହାର ୮୧.୨୯%

# କଳାରେ ଶୁଭଲକ୍ଷ୍ମୀ, ବିଜ୍ଞାନରେ ବିକାଶ, ବାଣିଜ୍ୟରେ ଶାଶ୍ୱତ ଟପର

ବାରିପଦା, (ସବ୍ୟୁ) : ଶୁକ୍ରବାର ଅପରାହ୍ନରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଯୁକ୍ତ ୩ ଫାଇନାଲ୍ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଅୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପରୀକ୍ଷା ଫଳ ପୁସ୍ତିକାକୁ ଉନ୍ମୋଚିତ କରିବାସହ ପରୀକ୍ଷା ଫଳ ସମ୍ବନ୍ଧରେ ସୂଚନା ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ କୁଳସଚିବ ସୁମିତା ସିଂ, ପରୀକ୍ଷା ନିୟନ୍ତ୍ରକ ଡଃ ସୁବ୍ରତ କୁମାର ରଣା, କଣ୍ଟ୍ରୋଲାର ଅଫ୍ ଫାଇନାନ୍ସ ସୁକଦେବ୍ ତରେଇ, ଡେପୁଟି ସିଓଇ ରମାକାନ୍ତ ମହାନ୍ତ ଓ ସହକୁଳସଚିବ ସଞ୍ଜିବ୍ କୁମାର ତନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ଚଳିତ ବର୍ଷ ବିଶ୍ୱବିଦ୍ୟାଳୟ ଅଧିନରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ୮୫ଟି ମହାବିଦ୍ୟାଳୟର କଳା, ବାଣିଜ୍ୟ ଓ ବିଜ୍ଞାନ୍ ବିଭାଗରେ ମୋଟ୍ ୧୪,୩୪୮ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୧୧,୪୮୪ଜଣ




ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ମୋଟ୍ ପାସହାର ୮୧.୨୯ ଶତକଡା ଉତ୍ତୀର୍ଣ୍ଣ ହୋଇଛନ୍ତି । ସେମାନଙ୍କ ମଧ୍ୟରେ କଳାରେ ଶତକଡା ୮୬.୭୬, ବିଜ୍ଞାନରେ ଶତକଡା ୭୦.୩୨ ଏବଂ ବାଣିଜ୍ୟରେ ଶତକଡା ୬୦.୧୯ ଉତ୍ତୀର୍ଣ୍ଣ ହୋଇଛନ୍ତି । ଚଳିତ ବର୍ଷ ଛାତ୍ରମାନଙ୍କ ଠାରୁ ଛାତ୍ରୀ ମାନଙ୍କ ପାସହାର ଅଧିକ ରହିଛି । କଳାରେ ରାଇରଙ୍ଗପୁର କଲେଜର ଏନ୍ଥ୍ରୋପୋଲୋଜି ବିଭାଗର ଶୁଭଲକ୍ଷ୍ମୀ ଟୁଡୁ ଟପର ହୋଇଥିବାବେଳେ ବିଜ୍ଞାନରେ ଝାରପୋଖରିଆ ସୀମାନ୍ତ ମହାବିଦ୍ୟାଳୟର ପିଜିକ୍ସ ବିଭାଗର ବିକାଶ ସାହୁ ଏବଂ ବାଣିଜ୍ୟରେ ଉଦଳା କଲେଜର ଶାଶ୍ୱତ ଖୁଣ୍ଟିଆ ଟପର ହୋଇଛନ୍ତି । ସେହିପରି କଳା ବିଭାଗର ଆନନ୍ଦପୁର କଲେଜର ଅର୍ଥନୀତି ବିଭାଗରେ ଶୁଭମ ଦାଶ ଓ ଇତିହାସ ବିଭାଗର ନେହା ମହାପାତ୍ର, ଉଦଳା କଲେଜର ଶିକ୍ଷା ବିଭାଗର ଅଙ୍କିତା ପାତ୍ର, ବାରିପଦା କଲେଜର ଇଂରାଜୀ ବିଭାଗର ଅନୁସ୍କା ପାତ୍ର, ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ଭୂଗୋଳ ବିଭାଗର ବେବି ସୋରେନ୍, ଗୃହ ବିଜ୍ଞାନ ବିଭାଗର ନିବେଦିତା ମହାନ୍ତ, ମନବିଜ୍ଞାନ ବିଭାଗର ମନିଷା ବେହେରା, କେ.ଏ. ମହାବିଦ୍ୟାଳୟର ଓଡିଆ ବିଭାଗର ଜ୍ୟୋତିର୍ମୟୀ ନାୟକ, ରାଜନୀତି ବିଜ୍ଞାନ ବିଭାଗର ସସ୍ମିତା ରାଜ୍, ବରବିଲ୍ କଲେଜର ହିନ୍ଦୀ ବିଭାଗର ରେହେନା ପରୱିନ୍, ଚମ୍ପୁଆ ସି.ଏସ. କଲେଜର ଦର୍ଶନଶାସ୍ତ୍ର ବିଭାଗର ଇଷାରାଣୀ ରଣା, ବାଇଗଣବାଡିଆ କଲେଜର ସଂସ୍କୃତ ବିଭାଗର ଶୁଭଦ୍ରା ବାସୁରୀ ଓ ହରିଚନ୍ଦନପୁର ବି.ବି. ମହାବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗର ଅଞ୍ଜଳୀ ସାହୁ ଟପର ହୋଇଛନ୍ତି । ସେହିପରି ବିଜ୍ଞାନ ବିଭାଗର ବେତନଟୀ କଲେଜର ବୋଟାନୀ ବିଭାଗର କସ୍ତୁରିରାଣୀ ସାହୁ, କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟର କେମେଷ୍ଟ୍ରି ବିଭାଗର ପ୍ରମଥିନି ବେହେରା, ଚମ୍ପୁଆ କଇରାଳି କଲେଜର ଜିଓଲୋଜି ବିଭାଗର ଅଙ୍କିତା ଦାସ, ରରୁଆଁ ଏ.ପି. କଲେଜର ଗଣିତ ବିଭାଗର ଶୋଭନା ସମର୍ପିତ ମହାନ୍ତ ଓ ଜୁଲୋଜି ବିଭାଗର ମଧୁସ୍ମିତା ମହାକୁଡ, ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗର ସ୍ମିତା ଦାସ ଓ କୁଣ୍ଡାବାଇ ଆର.ଡି.ଏସ ଡିଗ୍ରୀ ମହାବିଦ୍ୟାଳୟର ଏମ୍‌ଆଇସିବି ବିଭାଗର ପ୍ରତିମା ବେହେରା ପ୍ରମୁଖ ଟପର ହୋଇଛନ୍ତି ।


## ଫୁଲବାଣୀର ପ୍ରଥମ ଏସିଡ୍ ଆକ୍ରମଣ ଘଟଣା

# ଅଭିଯୁକ୍ତକୁ ୧୨ ବର୍ଷ ଜେଲ୍

ଫୁଲବାଣୀ, (ସବ୍ୟୁ): ଫୁଲବାଣୀ ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ପ୍ରିତିଶ କୁମାର ରାଉତରାଏ ଏକ ଏସିଡ ଫିଙ୍ଗା ମାମଲାର ବିଚାରଣ କରି ଅଭିଯୁକ୍ତ ଫୁଲବାଣୀ ପଟାବାଲି ସାହିର ପ୍ରମୋଦ କୁମାର ସାହୁ (୬୦) ଙ୍କୁ ୧୨ ବର୍ଷ ସଶ୍ରମ କାରାଦଣ୍ଡାଦେଶ କରିବା ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି । ଅର୍ଥ ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶ କରିଛନ୍ତି। ଘଟଣା ଅନୁଯାୟୀ ଗତ ୨୮/୧୨/୨୦୨୩ ତାରିଖରେ ଦିନ ପ୍ରାୟ ୧.୩୦ ସମୟରେ ଫୁଲବାଣୀ ସାହି ର ସୁରଜ କୁମାର ମହାନ୍ତି ଫୁଲବାଣୀ ସହର ମଧ୍ୟସ୍ଥ ଶଶୀ ପାନ ଦୋକାନ ଛକ ଠାରେ ଠିଆ ହୋଇଥିଲାବେଳ ଅଭିଯୁକ୍ତ ପ୍ରମୋଦ ତାଙ୍କ ଉପରକୁ ଏସିଡ ଫିଙ୍ଗି ଥିଲା, ଖବର ପାଇ ସୁରଜଙ୍କ ବାପା କୃଷ୍ଣ ଚନ୍ଦ୍ର ମହାନ୍ତି ଘଟଣା ସ୍ଥଳକୁ ଆସି ପହଁଚିଲା ପରେ ଆସାମୀ ତାଙ୍କ ଉପରକୁ ମଧ ଏସିଡ ଫିଙ୍ଗି ଥିଲା । ଏସିଡ ମାଡ଼ରେ ବାପା ଓ ପୁଅ ଗୁରୁତର ହେବାରୁ କିଛି ସ୍ଥାନୀୟ ବ୍ୟକ୍ତି ତାଙ୍କୁ ଫୁଲବାଣୀ ହସ୍ପିଟାଲକୁ ନେଇଥିଲେ ।

ଅଭିଯୁକ୍ତକୁ ସେଠାରେ ଥିବା ଲୋକମାନେ କାବୁ କରି ପୋଲିସ ଜିମା ଦେଇଥିଲେ । ଏନେଇ ଫୁଲବାଣୀ ଟାଉନ ଥାନାରେ ପୋଲିସ କେସ୍ ନମ୍ବର ୩୨୯/୨୩ ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ପ୍ରମୋଦକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ବିଚାରଣ କରି ତଥା ୧୭ ଜଣ ସାକ୍ଷୀ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନକୁ ଭିତ୍ତି କରି ବିଚାରପତି ଅଭିଯୁକ୍ତ ପ୍ରମୋଦକୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ଏହି ଏସିଡ୍ ଆକ୍ରମଣ ଘଟଣା ଫୁଲବାଣୀ ସହରରେ ପ୍ରଥମ ହୋଇଥିବା ବେଳେ ଏହା ସହରରେ ଆଲୋଚନାର ବିଷୟ ହୋଇଥିଲା।



# ବାପ, ମା, ଝିଅଙ୍କୁ ବିଲରେ ଗଡ଼େଇ ତଡ଼େଇ ମାଡ଼



ନାଉଗାଁ, (ସବ୍ୟୁ) : ଦିନ ଦ୍ୱିପ୍ରହରରେ ଗଡେଇ ତଡ଼େଇ ମାଡ ମାରିଲା । ବିଧା ପରେ ବିଧା ଆଉ ଗୋଇଠା ବି ମାରିଲା । ଦୀର୍ଘ ସମୟ ଧରି ମାଡ ମାରି ଚାଲିଲା ଯିଏ ଯେତେ ଅଟକାଇଲେ ମଧ୍ୟ ଅଟକିଲା ନାହିଁ । ରକ୍ତମୁଖା ହୋଇ ଗଲା ଯୁବକ । ଆଇନ କାନୁନକୁ ଖାତିର ନକରି ସେ ପିଟି ଚାଲିଲା । ଏଭଳି ଏକ ଭିଡିଓ ଏବେ ଜଗତସିଂହପୁର ଜିଲ୍ଲା ନାଉଗାଁ ଅଞ୍ଚଳରେ ଭାଇରାଲ ହେବାରେ ଲାଗିଛି । ଭାତପଡ଼ା ଅଞ୍ଚଳର ଜନୈକା ନାବାଳିକା ଓ ତାଙ୍କ ପରିବାରକୁ ଆକ୍ରମଣ ଘଟଣାରେ ଅଭିଯୁକ୍ତକୁ ଗିରଫ ମଧ୍ୟ କରିଛି ନାଉଗାଁ ପୋଲିସ ।

ସୂଚନା ମୁତାବକ ନାଉଗାଁ ଥାନା ଅଞ୍ଚଳର ମୁଣ୍ଡାଳ ବଜାର ନିକଟରେ ଗତକାଲି ଭାତପଡ଼ା ଅଞ୍ଚଳର ଜନୈକା ନାବାଳିକା ନିଜର କମ୍ପ୍ୟୁଟର କ୍ଲାସ ସାରି ଫେରୁଥିବା ସମୟରେ ନାଉଗାଁ ଥାନା ଅଧୀନ ଖଇରା ହୁଲି ଗ୍ରାମର ଶ୍ୟାମ ସୁନ୍ଦର ମଲ୍ଲିକଙ୍କ ପୁଅ ଦିପୁନା ମଲ୍ଲିକ ତାଙ୍କୁ ରାସ୍ତାରେ ଅଟକାଇ ଜୀବନରୁ ମାରି ଦେବାକୁ ଧମକ ଦେବା ସହିତ ଉକ୍ତ ନାବାଳିକାଙ୍କୁ ଦୁର୍ବ୍ୟବହାର କରିଥିଲା ।

ଘଟଣା ସମ୍ପର୍କରେ ନାବାଳିକାଙ୍କ ପରିବାର ଲୋକେ ଉକ୍ତ ଯୁବକଙ୍କୁ ପଚାରିବାରୁ ଏଥିରେ ଯୁବକ ଜଣକ ଯୁବତୀଙ୍କ ପରିବାର ଲୋକଙ୍କୁ ରାସ୍ତାରେ ମରଣାତ୍ମକ ଆକ୍ରମଣ କରିଥିବା ନେଇ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି । ଭିଡ଼ିଓଟି ବେସ ଭାଇରାଲ ହେଉଥିବା ବେଳେ ଉକ୍ତ ଘଟଣାକୁ ଆଧାର କରି ନାବାଳିକା ଜଣକ ଏକ ଲିଖିତ ଅଭିଯୋଗ ନାଉଗାଁ ପୋଲିସ ଷ୍ଟେସନରେ କରିଥିଲେ । ପୋଲିସ ଉକ୍ତ ଘଟଣା ଆଧାରରେ ମାମଲା ଦାୟର କରି ସମ୍ପୃକ୍ତ ଅଭିଯୁକ୍ତ ଦିପୁନା ମଲ୍ଲିକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ସୂଚନା ପ୍ରଦାନ କରିଛି । ସଂପୃକ୍ତ ଯୁବକଙ୍କ ଏଭଳି ଉନ୍ମତକାଣ୍ଡ ଏବେ ସାରା ନାଉଗାଁ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ୩ ବାଲି ବୋଝେଇ ହାଇୱା ଜବତ

ପାଣିକୋଇଲ, (ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ସଠିପୁର ଦିବାରାତ୍ରୀ ଚୋରା ବାଲି ଚାଲାଣ ବୃଦ୍ଧି ପାଇବାରେ ଲାଗିଛି । ଗ୍ରାମାଂଚଳ ଠାରୁ ରାଜପଥ ପ୍ରତ୍ୟେକ ରାସ୍ତାରେ ବେନିୟମ ଭାବେ ଭାରିଯାନରେ ବାଲି ଚାଲାଣ କରାଯାଉଛି। କେତେବେଳେ କେମିତି ଖଣି ବିଭାଗ ଓ ପୁଲିସ ଗାଡି ଧରି ତାର କାମ ସାରୁଛି । ସମୁଦ୍ରକୁ ଶଙ୍ଖେ ଭଳି ବାଲି ଗାଡି ଧରୁଛି ଖଣି ବିଭାଗ । ଆଜି ଖଣି ବିଭାଗ ପକ୍ଷରୁ ଚଢାଉ କରାଯାଇ ୩ ଟି ବାଲି ବୋଝେଇ ହାଇୱା (ଓଡି୩୪ଏନ୦୫୭୪, ଓଡି ୦୪ଟି୦୯୩୭, ଓଡି୨୨ଜେ ୮୮୮୯)କୁ ଖଣିବିଭାଗ ଧରିବାରେ ସକ୍ଷମ ହୋଇଛି । ମାଳଆନନ୍ଦପୁର ସଠିପୁର ମଧ୍ୟରେ ଚଢାଉ ସମୟରେ ବାଲିର କୌଣସି ଟିପି ନଥିବାରୁ ବେଆଇନ ଚାଲାଣ ହେଉଥିବା ଜଣାପଡିଥିଲା । ଜୁନିଅର ଖଣି ଅଧିକାରୀ ଛାୟାକାନ୍ତ ମହନ୍ତ ଓ ପୁଲିସ ପ୍ରମୁଖ ଏହି ଚଢାଉରେ ସାମିଲ ଥିଲେ ।

## କେନାଲ ପାଲଟିଛି ଡମ୍ପିଂୟାଡ଼

ଡେରାବିଶ, (ସବ୍ୟୁ) : ଡେରାବିଶ ବ୍ଲକର ସର୍ବପୁରାତନ ଓ ବୃହତ ବ୍ୟବସାୟ ପେଣ୍ଠସ୍ଥଳ ଚାନ୍ଦୋଳ ବଜାର ଓ ହାଟର ବର୍ଯ୍ୟବସ୍ତୁରେ ପୋତି ହୋଇପଡ଼ିଲାଣି କେନ୍ଦ୍ରାପଡ଼ା କେନାଲର ୧୨ ନଂ ଶାଖାନାଳ ଓ ୨୦ ନଂ ଡ୍ରେନେଜ କଟ୍ । ୨୦ ନଂ ଡ୍ରେନେଜ୍‌କଟ୍ ଓ କେନ୍ଦ୍ରାପଡ଼ା କେନାଲ୍‌ର ୧୨ ନଂ ଶାଖା ନାଳକୁ ଚାନ୍ଦୋଳ ନିକଟରେ ଅତିକ୍ରମ କରିଥିବା କଟକ-ଚାନ୍ଦବାଲି ରାଜରାସ୍ତା କଡ଼ରେ ଗଢ଼ି ଉଠିଛି ଚାନ୍ଦୋଳ ଓ ବଜାର । ଏହି ହାଟ ଓ ବଜାରରେ ଥିବା ବିଭିନ୍ନ ଦୋକାନମାନଙ୍କରୁ ବାହାରୁଥିବା ବର୍ଯ୍ୟବସ୍ତୁକୁ ଲୋକମାନେ ସିଧାସଳଖ ଭାବେ କେନାଲ୍ ଓ ଡ୍ରେନେଜକଟ୍‌ରେ ପକାଉଛନ୍ତି ।



ଏହି ବର୍ଯ୍ୟବସ୍ତୁ ଜମି ରହି ଯେ କେବଳ ଜଳ ପ୍ରବାହକୁ ଅବରୋଧ କରୁଛି ନୁହେଁ, ଏଥିସହିତ କେନାଲର ତଳ ମୁଣ୍ଡଯାଏ ଜଳ ଓ ପରିବେଶକୁ ପ୍ରଦୂଷିତ କରୁଛି । ଏଥିସହିତ ପ୍ରତି ବର୍ଷ ଜଳସେଚନ ବିଭାଗ ଏହାକୁ ସଫେଇ କରିବା ପାଇଁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ମଧ କରୁଛି । ତେଣୁ ଏହି ବର୍ଯ୍ୟବସ୍ତୁକୁ କେନାଲରେ ନପକାଇ ଏହାକୁ ସଠିକ୍ ଢ଼ଙ୍ଗରେ ପରିଚାଳନା କରିବା ପାଇଁ ପରିବେଶବିତ୍‌ମାନେ ଦାବି କରିଛନ୍ତି ।

## ବୈତରଣୀ ବଜାରରେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ
# ନାହିଁ ବିଶ୍ରାମାଗାର, ବଢୁଛି ଟ୍ରାଫିକ ସମସ୍ୟା



କୋରେଇ, (ସବ୍ୟୁ) : ଯାଜପୁର ଜିଲ୍ଲାର ବୈତରଣୀ ରୋଡ ବଜାରଟି ବହୁ ପୁରାତନ ବଜାର ଏବଂ କୋରେଇ ବ୍ଲକର ମୁଖ୍ୟ ବ୍ୟବସାୟ ସ୍ଥଳ ଭାବେ ପରିଚିତ । ଏହି ବଜାର କୁ ରେଳ ସଂଯୋଗ କରିଥିବାବେଳେ ଏହା ମଧ୍ୟ କେନ୍ଦୁଝର ଜିଲ୍ଲାକୁ ସଂଯୋଗ କରିଛି । ଏହି ବଜାର ଦେଇ କେନ୍ଦୁଝର ଜିଲ୍ଲା ହାଟଡି ଓ ଛେନାପଦୀ ଠାରୁ ଯାତ୍ରୀବାହି ବସ ମଧ୍ୟ ଯାତାୟତ କରେ । ବଜାରର ଉଭୟପାର୍ଶ୍ୱରେ ୫୦୦ରୁ ଉର୍ଦ୍ଧ୍ୱ ଛୋଟ ବଡ ବ୍ୟବସାୟ ପ୍ରତିଷ୍ଠାନ ରହିଛି । ବଜାର ଉପରେ କୋରେଇ ବ୍ଲକର ୧୦ଗୋଟି ପଞ୍ଚାୟତ ଓ କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକର ଅନ୍ୟୁନ ୬ରୁ ୮ଗୋଟି ପଞ୍ଚାୟତ ନିର୍ଭର କରିଥାନ୍ତି ।

ଏହି ବଜାରକୁ ଲାଗି ସ୍କୁଲ, କଲେଜ, ମେଡିକାଲ, ଦମକଳ କେନ୍ଦ୍ର, ବ୍ୟାଙ୍କ, ପୋଷ୍ଟାପିସ, ରେଳ ଷ୍ଟେସନ ରହିଛି । ଏସବୁ ପରେ ଏହି ବଜାରଟି ବିଭିନ୍ନ ସମସ୍ୟା ଦେଇ ଗତି କରୁଛି । ବଜାର ମଧ୍ୟରେ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ଅସଲେ ବର୍ଷା ହେଲେ ବର୍ଷା ଜଳ ରାସ୍ତାରେ ଭାସୁଛ । ବର୍ଷା ଜଳ ନିଷ୍କାସନ ପାଇଁ ବାରମ୍ବାର ଦାବୀ ହେଉଥିଲେ ସୁଦ୍ଧା ପ୍ରଶାସନର ଏହାପ୍ରତି ନିଘା ନାହିଁ । ଆଲୋକିକରଣ ନକହିବା ଭଲ । ବଜାରରେ ପାନୀୟ ଜଳ ବ୍ୟବସ୍ଥା ନଥିବାରୁ ବଜାରକୁ ଆସୁଥିବା ଲୋକେ ବହୁ ହଇରାଣ ହରକତ ହେଉଛନ୍ତି । ଯାତ୍ରୀ ବିଶ୍ରାମଗାର ଓ ଶୌଚାଳୟ ମଧ୍ୟ ଏଠାରେ ନାହିଁଛବଜାରର ଗୋଟିଏ ପାଖ ରାସ୍ତା ନିର୍ମାଣ ବେଳେ ପୂର୍ତ୍ତ ବିଭାଗ ପକ୍ଷରୁ ଡ୍ରେନେଜ ବ୍ୟବସ୍ଥା କରିଥିବା ବେଳେ ଏହା ଏବେ ପୋତି ହୋଇଗଲାଣି । ଫଳରେ ବର୍ଷା ହେଲେ ରାସ୍ତା ଉପରେ ବର୍ଷା ପାଣି ଜମି ରହୁଛି ଯାହା ଦ୍ୱାରା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ସନ୍ଧ୍ୟା ସମୟରେ ପ୍ରବଳ ଟ୍ରାଫିକ ସମସ୍ୟା ଦେଖାଯାଉଛି । ଫଳରେ ବଜାରକୁ ଆସୁଥିବା ଲୋକମାନଙ୍କର କିଣାବିକାରେ ଘୋର ସମସ୍ୟା ଦେଖାଦେଉଛି । ଆଗକୁ ବର୍ଷା ଋତୁ ଆସୁଛି ଏହାର କିଛି ସମାଧାନ ନହେଲେ ବର୍ଷା ଜଳ ରାସ୍ତାରେ ଜମିରହିବ । ତୁରନ୍ତ ବଜାରର ସମସ୍ୟା ଦୂର କରିବାପାଇଁ ପ୍ରଶାସନ ନିକଟରେ ବଜାର ପକ୍ଷରୁ ଦାବିହେଉଛି ।

# କୋରମ ଅଭାବରୁ ଅନାସ୍ଥା ଆସିଲାନି

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅଧ୍ୟକ୍ଷା ରୋଜୀ ସେଠୀଙ୍କ ଅନାସ୍ଥା ଭୋଟ ତା.୩୦.୦୫.୨୦୨୫ ରିଖ ଶୁକ୍ରବାର ନିଶ୍ଚିନ୍ତକୋଇଲି ବ୍ଲକ ସମ୍ମିଳନୀ କକ୍ଷରେ ହେବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା । ଅନାସ୍ଥା ବିଷୟରେ ଆଲୋଚନା ଓ ଆବଶ୍ୟକସ୍ଥଳେ ଭୋଟ ହେବାର ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଇଥିଲା ।

କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଂଜନ ଦେଓଙ୍କ ନିର୍ଦ୍ଦେଶକ୍ରମେ କଟକ ସଦର ତହସିଲଦାର ଦେବଦତ୍ତ ପ୍ରଧାନ, ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହ, ନିର୍ବାଚନ ଅଧିକାରୀ ଭାବେ ନିୟୋଜିତ ହୋଇଥିବା ବେଳେ ମାଜିଷ୍ଟ୍ରେଟ ଭାବେ ନିଶ୍ଚିନ୍ତକୋଇଲି ତହସିଲଦାର ଶ୍ରୀମତୀ ଅନୀତା ନାୟକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ନିର୍ବାଚନ ପରିଚାଳନାରେ ସହଯୋଗ ପାଇଁ ନିଶ୍ଚିନ୍ତକୋଇଲି ଗ୍ରାମ ପଂଚାୟତ ଉନ୍ନୟନ ଅଧିକାରୀ ମନୋଜ କୁମାର ପଢିହାରୀ, ପଂଚାୟତ ନିର୍ବାହୀ ଅଧିକାରୀ କୈଳାସ କୁମାର ରାଉତ ଉପସ୍ଥିତ ଥିଲେ । ବ୍ଲକ ସମ୍ମିଳନୀ କକ୍ଷରେ ପଂଚାୟତ ସମିତିର ସମସ୍ତ ସରପଂଚ ଓ ସମିତି ସଭ୍ୟ ସଭ୍ୟାମାନେ ଉପସ୍ଥିତ ରହିବା ପାଇଁ ପ୍ରଶାସନ ପକ୍ଷରୁ ଚିଠି କରାଯାଇଥିଲା । କିନ୍ତୁ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷା ରୋଜୀ ସେଠୀଙ୍କ ସମେତ ମାତ୍ର ୮ ଜଣ ଉପସ୍ଥିତ ରହିଥିଲେ ।



ଅନାସ୍ଥା ବିଷୟରେ ଆଲୋଚନା ହେବା ପାଇଁ କୋରମ ହୋଇପାରିନଥିଲା । ପ୍ରଶାସନ ପକ୍ଷରୁ ଆଲୋଚନା ପରେ ଭୋଟ ବାକ୍ସ ବସିଥାଆନ୍ତା । କିନ୍ତୁ ତାହା ଆଜି କୋରମ ଅଭାବରୁ ହୋଇ ପାରିଲା ନାହିଁ । ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ୩୧ ଜଣ ସଭ୍ୟ ସଭ୍ୟା ଅନାସ୍ଥା ପାଇଁ ଦସ୍ତଖତ କରିଥଲେ । ସେଥି ମଧ୍ୟରୁ ୪ ଜଣ ରୋଜୀସେଠୀଙ୍କ ସପକ୍ଷକୁ ଯାଇଥିଲେ । ମୋଟ ଏହି ବ୍ଲକରେ ୮୨ ଜଣ ସରପଂଚ ଓ ସମିତି ସଭ୍ୟ ସଭ୍ୟା , ୨ ଜଣ ସାଂସଦ ଓ ଦୁଇଜଣ ବିଧାୟକ ଭୋଟ ଦେଇଥାଆନ୍ତେ । ଗତ ୧୩ ତାରିଖ ଦିନ ଅନାସ୍ଥା ପାଇଁ ଦିନ ଧାର୍ଯ୍ୟ ହୋଇଥିଲେ ମଧ କେତେକ ସଭ୍ୟ ସଭ୍ୟା ଓ ପ୍ରଶାସନିକ ଅଧିକାରୀଙ୍କ ଅସୁସ୍ଥତା କାରଣରୁ ଏହାକୁ ସ୍ଥଗିତ ରଖାଯାଇଥିଲା ।

ଉପଜିଲ୍ଲାପାଳ ୩୦ ତାରିଖ ଦିନ ପୁନର୍ବାର ଅନାସ୍ଥା ପାଇଁ ଦିନଧାର୍ଯ୍ୟ କରିଥିଲେ । ଦିବା ୧୧ ଘଟିକା ସମୟରେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲ ମଧ ସମ୍ମିଳନୀ କକ୍ଷକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସରପଂଚ, ସମିତିସଭ୍ୟ ସଭ୍ୟ, ସାସଂଦ ଓ ବିଧାୟକ ଉପସ୍ଥିତ ନ ହେବାରୁ ନିର୍ବାଚନ ଅଧିକାରୀ ତାଙ୍କର ନିୟମାନୁଯାୟୀ କାର୍ଯ୍ୟ କରିଥିଲେ । କୋରମ ଅଭାବରୁ ଅନାସ୍ଥା ହୋଇ ପାରିଲା ନାହିଁ ବୋଲି ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ ।

## ବସ୍ତି ବାସିନ୍ଦାଙ୍କ ପାଇଁ ଆଇନ ସଚେତନତା ଶିବିର

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ବସ୍ତି ବାସିନ୍ଦାଙ୍କ ପାଇଁ ଏକ ଆଇନ ସଚେତନତା ଶିବିର ପ୍ରାଧିକରଣ ସଚିବ ସଂୋଷ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ପିଏଲଓ ପିଭିଏସ୍ କାର୍ଯ୍ୟକାରିତା ଓ ଏହାର ସୁଯୋଗ କିପରି ସାଧାରଣ ଆର୍ଥିକ ଅନଗ୍ରସର ବ୍ୟକ୍ତିମାନେ ନେଇ ପାରିବେ ସେ ସଂପର୍କରେ ସଚିବ ଶ୍ରୀ ମହାପାତ୍ର ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ଏଥି ସହିତ ଏହି ଆଇନର ସାଧାରଣ ବର୍ଗର ବ୍ୟକ୍ତିମାନଙ୍କ ପାଇଁ ଉଦ୍ଦିଷ୍ଟ ଆଧାର କେସ, ଭୋଟ ଆଇଡି କେସ,ବ୍ୟାଙ୍କ କେସ ଇତ୍ୟାଦି କିପରି ସହଜରେ ସମାଧାନ ହୋଇପାରିବ ସେଥିପ୍ରତି ଆଲୋଚନା କରା ଯଅଇଥିଲା । ବସ୍ତି ବାସିନ୍ଦା ମାନେ ଉଦ୍ଦିଷ୍ଟ ନିୟମ ଆଇନ କାନୁନ କିଭଳି ସେମାନେ ନ୍ୟାୟ ପାଇ ପାରିବେ, ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଆଇନଜୀବି ରମଣୀ ରଂଜନ ରାଉତରାୟ, ପ୍ରଧାନ ଶିକ୍ଷକ ପ୍ରଦିପ କୁମାର, ପ୍ରଦିପ୍ତ କୁମାର ଶତପଥୀ, ପ୍ରଫେସର ସରୋଜ କୁମାର ପ୍ରଧାନଙ୍କ ସହ ସ୍ଥାନୀୟ ଅଂଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ପୁଅ ମୃତ୍ୟୁର ଚାରି ଦିନ ନପୂରୁଣୁ ବାପା ମୃତ

ବିଂଝାରପୁର, (ସବ୍ୟୁ) : ବିଂଝାରପୁର ବ୍ଲକ ଅନ୍ତର୍ଗତ ଚିକଣା ପଞ୍ଚାୟତ ଅଧିନ ବ୍ରାହ୍ମଣୀ ଗାଁର ଅବସରପ୍ରାପ୍ତ ପଶୁ ଚିକିତ୍ସକ ରାମଚନ୍ଦ୍ର ରାଉତଙ୍କ ୬୫ ବର୍ଷରେ ହୃଦଘାତ ରେ ଦେହାନ୍ତ ହୋଇଯାଇଛି । ସୂଚନା ଥାଉକି ଚାରି ଦିନ ପୂର୍ବରୁ ତାଙ୍କ ପୁତ୍ର ଦେବଦର୍ଶ ବିଶ୍ୱମୋହନ ରାଉତ ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଥିଲା । ଶବ ସତ୍କାର ପରେ ପିତାର ହୃଦଘାତ ହୋଇଥିଲା । ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତତପରେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଥିଲା ।

ଚିକିତ୍ସା ସମୟରେ ତାଙ୍କର ଦେହାନ୍ତ ହୋଇଥିଲା । ତାଙ୍କର ଦେହାନ୍ତ ଖବର ପ୍ରଚାରିତ ହେବାପରେ ସମଗ୍ର ବିଂଝାରପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସେ ବିଂଝାରପୁର ପୂର୍ବତନ ବିଜେପି ସଭାପତି ଥିଲେ । ଖବର ପାଇ ବିଜେପି ସଭାନେତ୍ରୀ ବବିତା ମଲିକ, ପୂର୍ବତନ ସରପଞ୍ଚ ପ୍ରଦୀପ ମଲିକ, ପୂର୍ବତନ ଅଦକ୍ଷ ପୁରୁଷୋତ୍ତମ ବେହେରା, ପୁର୍ବତନ ସରପଞ୍ଚ ଧ୍ରୁବଚରଣ ସେଠୀ,ବିଜେପି ନେତା କୁମାର ପାତ୍ର,ଶ୍ରୀଧର ମଲିକ,, ଉତ୍କଳ କିଶୋର ସାହୁ, ଦିବାକର ସାହୁ, ରାଧାଶ୍ୟାମ ସାହୁ, କୈଳାସ ମଲିକ, ବିଜୟ ସାମଲ, ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ । ତାଙ୍କ ଦେହାନ୍ତ ପାଇଁ ଚିକଣା ବଜାର ବନ୍ଦ କରାଯାଇଥିଲା । ପାର୍ଥିବ ଶରୀରକୁ ଗ୍ରାମ ପରିକ୍ରମା କରାଯାଇଥିଲା । ପୁଅ ବହୁ, ଝିଅ ଜ୍ୱାଇଁ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ପ୍ରାକ୍ତନ ବିଧାୟକ ରବି ଲାବଣ୍ୟଙ୍କ ୮୮ ତମ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି



ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ବ୍ଲକ ଜାରକା ଷ୍ଟାଡିୟମ ସଭାଗୃହରେ ପ୍ରାକ୍ତନ ବିଧାୟକ ରବି ଲାବଣ୍ୟଙ୍କ ୮୮ତମ ଜୟନ୍ତୀ ଆଜି ପାଳିତ ହୋଇଯାଇଛି । ବନ୍ଦେ ଉତ୍କଳ ଜନନୀର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଜୟନ୍ତୀ ସମାରୋହରେ ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ ଉଦ୍‌ଘାଟକ ଭାବେ ଯୋଗଦେଇ ରବି ଲାବଣ୍ୟ ଜଣେ ପ୍ରତିଭାବାନ୍ ଛାତ୍ରନେତା ଥିଲେ ଏବଂ ରାଜ୍ୟ ସରକାର ଛାତ୍ର ସଂସଦ ନିର୍ବାଚନ କରିବାକୁ ସେ ପ୍ରସ୍ତାବ ଦେଇଥିଲେ ।

ସମାରୋହରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ମଣ୍ଡଳ କମିଶନକୁ ବିରୋଧ କରି ସେ ନିଜ ନାମ ରବି ଦାଶକୁ ବଦଳାଇ ରବି ଲାବଣ୍ୟ କରିଥିଲେ । ତାଙ୍କ ପରି ସ୍ୱାଭିମାନି ଓ ଆଦର୍ଶ ମଣିଷ ଆଉ ଜନ୍ମ ହେବେନାହିଁ ବୋଲି ସେ ପ୍ରକାଶ କରିଥିଲେ । ଉତ୍ସବରେ ଅନ୍ୟତମ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଯୋଗଦେଇ ସ୍ୱର୍ଗତ ଲାବଣ୍ୟ ତାଙ୍କ ପ୍ରତିପକ୍ଷଙ୍କ ସହିତ ସମ୍ପର୍କ ରଖିବା ପାଇଁ ପରାମର୍ଶ ଦେଉଥିଲେ ବୋଲି କହିଥିଲେ । ବରିଷ୍ଠ ସାମ୍ବାଦିକ ସତ୍ୟ ରାୟ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ଅବସରପ୍ରାପ୍ତ ପୋଲିସ ଅଫିସର ସୂର୍ଯ୍ୟମଣି ତ୍ରିପାଠୀ ଏବଂ ବରିଷ୍ଠ ଆଇନଜୀବୀ ଶିଶିର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଲାବଣ୍ୟଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ ।

ପ୍ରାରମ୍ଭରେ ନବକଳିକା ଅନୁଷ୍ଠାନ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରାଯାଇ ସ୍ୱର୍ଗତ ଲାବଣ୍ୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

ଏହି ଅବସରରେ ସ୍ମରଣିକା 'ସ୍ୱାଭିମାନ'ର ତୃତୀୟ ଭାଗକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଓଡିଆ ଚଳଚିତ୍ର ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା ଓ ଧର୍ମଶାଳା ବାଣୀପୀଠର ଅବସରପ୍ରାପ୍ତ ଶିକ୍ଷକ ମଦନ ମୋହନ କଣ୍ଣଙ୍କୁ ରବି ଲାବଣ୍ୟ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଗ୍ରେଟ ଓଡିଶା ପଲିଟିକାଲ ସର୍କସର ଦିବଙ୍ଗତ ହାସ୍ୟ ଅଭିନେତା ଅଜୟ ନାୟକଙ୍କୁ ଅନୁଷ୍ଠାନ ତରଫରୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା । ଅଭିନେତ୍ରୀ ମଧୁମିତା ମହାନ୍ତି ସମାରୋହରେ ଉଦ୍‌ଘୋଷିକା ଭାବେ ଯୋଗ ଦେଇଥିବା ବେଳେ ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠ ପୁତ୍ର ପ୍ରାଧାପକ ବଳଭଦ୍ର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ସ୍ୱର୍ଗତ ଲାବଣ୍ୟଙ୍କ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ପାଣିକୋଇଲି, (ସବ୍ୟୁ) : ପଥରପଦା ଗଳିପୋଲ ନିକଟରେ ପଥରପଦା, କାଜିପାଟଣା, ନୂଅଗାଁ, କଂଟିଗଡିଆ, ନୁରୁଂଗା, ସଠିପୁର, ପାଣିକୋଇଲି ଗ୍ରାମକୁ ନେଇ ଜୟ ହନୁମାନ ଛକ ଠାରେ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଉଦଯାପିତ ହୋଇଛି । ଏଥି ନିମନ୍ତେ ମଙ୍ଗଳବାର ଅଙ୍କୁରାରୋପଣ ଓ ଶୁଭାଧିବାସ କରାଯାଇଥିଲା । ବୁଧବାର ପ୍ରତ୍ୟୁଷରୁ ପୂର୍ଣ୍ଣତୋୟା ବୈତରଣୀ ନଦୀକୁ କଳସ ଯାତ୍ରା ବିଗ୍ରହସ୍ଥଳରେ ପହଂଚିଥିଲା । କଳସ ଯାତ୍ରା ମହାସମାରୋହରେ ପହଂଚିବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଛି । ଗୁରୁବାର ବିଗ୍ରହ ନଗର ଭ୍ରମଣ, ମନ୍ଦିର ନ୍ୟାସ, ମହାସ୍ନାନ, ମନ୍ଦିର ଶୋଧନ, ମନ୍ଦିର ପ୍ରବେଶ ପରେ ପୂର୍ଣ୍ଣାହୂତି କରାଯାଇଥିଲା । ଏହି କାର୍ଯ୍ୟକ୍ରମ ବେଦଜ୍ଞ ବ୍ରାହ୍ମଣ ମାନଙ୍କ ଦ୍ୱାରା ସମାପିତ ହୋଇଥିଲା ।



ପ୍ରଚାରକ ଭାବେ କରୁଣାକର ପଣ୍ଡା, ଉପ ପ୍ରଚାରକ ଭାବେ ଚନ୍ଦ୍ର ଶେଖର ପାଢୀ, ସୁନ୍ଦରକାଣ୍ଡ ପାଠକ ମନୋଜ ପାଢୀ, ବ୍ରହ୍ମା ରାମଚନ୍ଦ୍ର ପାଢୀ, ହୋତା ବୃନ୍ଦାବନ ପଣ୍ଡା, ପ୍ରଧାନ ଆଚାର୍ଯ୍ୟ ନିରଂଜନ ପଣ୍ଡା ଓ ସହକର୍ମୀ ମହେନ୍ଦ୍ର ପାଢୀ କାର୍ଯ୍ୟଭାର ତୁଲାଇଥିଲେ । ଏଥି ନିମନ୍ତେ ପ୍ରତ୍ୟେହ ସନ୍ଧ୍ୟାରେ ଭଜନ କୀର୍ତନ, ପ୍ରବଚନ ଓ ସାଂସ୍କୃତି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥବା ବେଳେ ଭକ୍ତି ପ୍ରବଚକ ବିରେନ୍ଦ୍ର କୁମାର ପଣ୍ଡାଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଦର୍ଶକ ଓ ଭକ୍ତଙ୍କୁ ବାନ୍ଧି ରଖିଥିଲା । ପରେ ସମୂହ ପ୍ରସାଦ ସେବନ କରି କାର୍ଯ୍ୟକ୍ରମ ଶେଷ କରାଯାଇଥିଲା । ପଥରପଦା, କାଜିପାଟଣା, ନୂଅଗାଁ, କଂଟିଗଡିଆର ଗ୍ରାମବାସୀ ବିଶେଷ କରି ଯୁବଗୋଷ୍ଠୀ ସମସ୍ତ କାର୍ଯ୍ୟକ୍ରମ ତୁଲାଇଥିଲେ ।

## ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ

ଜଗତସିଂହପୁର, (ସବ୍ୟୁ) : କେନ୍ଦ୍ରୀୟ କୃଷି, କିସାନ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଆହ୍ୱାନରେ ୨୯ ମଇ ଠାରୁ ଦେଶବ୍ୟାପୀ 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଆରମ୍ଭ ହେଉଛି । ଏହି ଅଭିଯାନ ୧୨ ଜୁନ୍ ପର୍ଯ୍ୟନ୍ତ ଚାଲିବ । ଏଥିରେ କେନ୍ଦ୍ରୀୟ କୃଷି ମନ୍ତ୍ରାଳୟ, ରାଜ୍ୟ କୃଷି ବିଭାଗ ଏବଂ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର) ମିଳିତ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିବେ । ଏହି ଅଭିଯାନ ଅଧୀନରେ ସାରା ଭାରତର ୭୦୦ରୁ ଅଧିକ ଜିଲ୍ଲାରେ ପ୍ରାୟ ୨୦୦୦ ବୈଜ୍ଞାନିକ ଦଳ ଯୋଗଦେବେ ଓ ଆନୁମାନିକ ୧.୫ କୋଟି କୃଷକଙ୍କ ସହିତ ସିଧା ସମ୍ପର୍କ ସ୍ଥାପନ କରାଯିବ । ଏଥିରେ ନୂତନ କୃଷି ପ୍ରଯୁକ୍ତି, ସରକାରୀ ଯୋଜନା ଏବଂ ଉନ୍ନତ ବୀଜ ଓ ରୋଗ ପ୍ରତିରୋଧ ବିଷୟରେ ଚାଷୀମାନଙ୍କୁ ସୂଚନା ଦିଆଯିବ । ପରିଶେଷରେ, କୃଷକମାନଙ୍କ ପ୍ରତିକ୍ରିୟା ଏବଂ ସେମାନଙ୍କ ସମସ୍ୟାଗୁଡ଼ିକୁ ଲିପିବଦ୍ଧ କରାଯିବ।ଏହି ଅଭିଯାନ ପାଇଁ ଜଗତସିଂହପୁରରେ ତିନୋଟି ଦଳ ଗଠନ କରାଯାଇଛି ।

ପ୍ରତି ଦଳରେ କୃଷି ବିଜ୍ଞାନ କେନ୍ଦ୍ର (କେଭିକେ), ଜଗତସିଂହପୁର ଆଇସିଏଆର-ସିଫା(ମଧୁର ଜଳ ମତ୍ସ୍ୟ ଗବେଷଣା କେନ୍ଦ୍ର), ଆଇସିଏଆର-ଏନଆଇଏଫଏମଡ (ଜାତୀୟ ପାଦ ଓ ମୁଖ ରୋଗ ପ୍ରତିଷ୍ଠାନ), ଜିଲ୍ଲା କୃଷି ବିଭାଗ, ଜିଲ୍ଲା ଉଦ୍ୟାନ ବିଭାଗ, ଜିଲ୍ଲା ମୃତ୍ତିକା ସଂରକ୍ଷଣ ବିଭାଗ ଏବଂ ଜିଲ୍ଲା ମତ୍ସ୍ୟ ବିଭାଗର ବୈଜ୍ଞାନିକ ଓ ଅଧିକାରୀମାନେ ଅଛନ୍ତି। ପ୍ରତ୍ୟେକ ଦଳ ଦିନକୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ୨ଟି କାର୍ଯ୍ୟକ୍ରମ ଆୟୋଜନ କରିବେ ଏବଂ ୧୨ ଜୁନ୍ ପର୍ଯ୍ୟନ୍ତ ୮ଟି ବ୍ଲକର ୧୫,୦୦୦ ଚାଷୀଙ୍କ ସହିତ ସଂପର୍କ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ଅଭିଯାନ ମାଧ୍ୟମରେ ନୂତନ କୃଷି ପ୍ରଯୁକ୍ତି, ସରକାରୀ ଯୋଜନା ଓ କୃଷି ସମ୍ବନ୍ଧୀୟ ସୂଚନା ଚାଷୀଙ୍କୁ ପ୍ରଦାନ କରାଯିବ। ଆଜି ଏହି ଅଭିଯାନଟି ଜଗତସିଂହପୁର ଜିଲ୍ଲାରେ ଏରସମା ବ୍ଲକର ନୂଆଗାଁ, ଅଚ୍ୟୁତଦାସପୁର, ନଇଗୁଆଁ, ତଳକୁସୁମା ଗ୍ରାମରେ ଏବଂ କୁଜଙ୍ଗ ବ୍ଲକର ଗଣ୍ଡକିପୁର, ଗୋପିଆକୁଦ ଠାରେ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ,ବିଶ୍ୱଜିତ୍ ପଣ୍ଡା, ଜିଲ୍ଲା କୃଷି ଅଧିକାରୀ, ଜଗତସିଂହପୁର, ବିଭୁଦତ୍ତ ସାହୁ,ଜିଲ୍ଲା କୃଷି ଅଧିକାରୀ, ତିର୍ତୋଲ, ସମଲେଇ ପ୍ରସାଦ ପରିଡ଼ା, ସୀତାରତ୍ନମାଳା ଦାସ,ମଣ୍ଡଳ କୃଷି ଅଧିକାରୀ,କୁଜଙ୍ଗ, ସୋଫିଆ ସ୍ୱାଇଁ, ମଣ୍ଡଳ କୃଷି ଅଧିକାରୀ, ଏରସମା ଓ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଦେବାଶିଷ ପଣ୍ଡା, ଡ଼ ପ୍ରଦୀପ୍ତ ମାଝି, ଡ଼ ଦ୍ୱାରିକା ମୋହନ ଦାସ, ସସ୍ମିତା ପୁରୋହିତ,ସରିତା ଦାସ ପ୍ରମୁଖ ଯୋଗ ଦେଇଥିଲେ ।

ଏହି କାର୍ଯ୍ୟକ୍ରମେରେ ବୈଜ୍ଞାନିକମାନେ କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ବିକଶିତ ହୋଇଥିବା ନୂତନ ଜ୍ଞାନକୌଶଳ ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଲେ ଏବଂ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲା କୃଷି ବିଭାଗ, ଉଦ୍ୟାନ ଓ ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ଚାଷୀମାନଙ୍କ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କରିଥିବା ବିଭିନ୍ନ ଯୋଜନା ଓ ରିହାତି ସୁବିଧା ବିଷୟରେ ଅବଗତ କରା ଯାଇଥିଲା । ଖରିଫ ଋତୁର ବୁଣାବୁଣି ପୂର୍ବରୁ କୃଷି ଉତ୍ପାଦନ ବୃଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବା । 'ଏକ ରାଷ୍ଟ୍ର, ଏକ କୃଷି' ନୀତିର ମନ୍ତ୍ର ନେଇ, ଭାରତୀୟ କୃଷିର ଭବିଷ୍ୟତ ପାଇଁ, କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ଭାରତୀୟ କୃଷି ପରିଷଦର ଏହା ଏକ ମହତ୍ତ୍ୱ ପୂର୍ଣ୍ଣ ପ୍ରୟାସ, ଯାହାକି ଆଗାମୀ ଦିନରେ କୃଷି ଓ କୃଷକ ମାନଙ୍କ ସମସ୍ୟାର ସମାଧାନ କରିପାରିବ ।

## ସ୍ଥାନୀୟ ଲିଜ୍‌ଧାରୀଙ୍କ ମିଳିଭଗତରେ ଖଣି ଲୁଟ୍
# ବାରମାଣ ମୌଜାରେ ଲକ୍ଷାଧିକ ଟନ ପଥର ଲୁଟ୍ ପରେ ଚଢ଼ାଉ

ଚଣ୍ଡିଖୋଲ,(ସବ୍ୟୁ) : ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଅନ୍ତର୍ଗତ ବାରମାଣ ମୌଜାରେ ସମ୍ପୂର୍ଣ୍ଣ ବେଆଇନ ଭାବେ ଦୀର୍ଘଦିନ ଧରି ଦୁଇଟି ସ୍ଥାନରୁ ଲକ୍ଷାଧିକ ଟନ କଳାପଥର ଚୋରି ପରେ ଏବେ ସେଠାରେ ଚଢାଉ କରାଯାଇ ଦୁଇ ତିନୋଟି ଟ୍ରକ ଓ ପଥର ବିସ୍ଫୋରଣରେ ନିୟୋଜିତ ଗୋଟିଏ କମ୍ପ୍ରେସର ମେସିନକୁ ଜବତ କରାଯାଇଛି।ଜିଲ୍ଲା ଲଘୁ ଖଣି ଅଧିକାରୀ ଓ ପୋଲିସ ମିଳିତଭାବେ ଏହି ଚଢାଉକରି ମେସିନ ଓ ଟ୍ରକ ଜବତ କରି ଚଡେଇଧରା ଚେକପୋଷ୍ଟରେ ଜିମା ଦେବା ସହିତ ବେଆଇନରେ ଚାଲିଥିବା ଏହି ଖଣି ଖନନକୁ ବନ୍ଦ କରିଛନ୍ତି।ତେବେ ବାରମାଣ ମୌଜାର ବିଏସକ୍ୟୁ ୨ର ଖଣି ଲିଜଧାରୀଙ୍କ ମିଳିଭଗତରେ ତାଙ୍କ ଖଣି ପରସରକୁ ଲାଗି ଏହି ଦୁଇଟି ସ୍ଥାନରେ ବେଆଇନ ପଥରଖନନ ସହ ଲକ୍ଷାଧିକ ଟନର ପଥର ଚୋରୀ ଚାଲିଥିବା ଜଣାପଡିଛି।



ଏହି ପଥର ଚୋରିରେ ବିଏସକ୍ୟୁ ୨ର ଲିଜଧାରୀଙ୍କ ସିଧାସଳଖ ସଂପୃକ୍ତି ନେଇ ଏବେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଲଘୁ ଖଣି ଅଧିକାରୀଙ୍କ ପକ୍ଷରୁ ଖୋଳତାଡ ଆରମ୍ଭ ହୋଇଛି। ସରକାରୀ ନିୟମ ଓ ଲଘୁ ଖଣି ଆଇନର ଚୁକ୍ତି ଅନୁଯାଇ ଲିଜଧାରୀଙ୍କ ଖଣି ପରିସର ବା ତା ନିକଟରେ କୌଣସି ପ୍ରକାର ଖନନ ହୋଇପାରିବ ନାହିଁ।ଯଦି କେହି ବେଆଇନ ଖନନ କରେ ତେବେ ସଂପୃକ୍ତ ଲିଜଧାରୀ ସଙ୍ଗେସଙ୍ଗେ ଜିଲ୍ଲା ଖଣି ଅଧିକାରୀଙ୍କ ନଜରକୁ ତାହା ଆଣିବା ପାଇଁ ନିୟମ ରହିଛି । ହେଲେ ବାଡ ଫଷଲ ଖାଇଯିବା ନିତିରେ ଲିଜଧାରୀଙ୍କ ମିଳିଭଗତରେ ଏହି ଦୁଇ ସ୍ଥାନରୁ ପଥରଚୋରି ଚାଲିଥିବାରୁ ସେ ସମ୍ପର୍କରେ ଲିଜଧାରୀ ପ୍ରଶାସନକୁ ଜଣାଇନଥିବା କୁହାଯାଉଛି।ତେବେ ବାରମାଣ ମୌଜାର ବିଏସକ୍ୟୁ ୨ ପରିସୀମା ନିକଟରୁ କୋଟିକୋଟି ଟଙ୍କା ମୂଲ୍ୟର ହୋଇଥିବା ଏହି ପଥର ଚୋରି ଓ ଆତ୍ମସାତ ହୋଇଥିବା ଲକ୍ଷଲକ୍ଷ ଟଙ୍କାର ସରକାରୀ ରାଜସ୍ୱ କାହାଠାରୁ ଅସୁଲ ହେବ ତା ଉପରେ ଜିଲ୍ଲା ଖଣି ଅଧିକାରୀ ତର୍ଜମା କରୁଥିବା ଜଣାପଡିଛି। ତେବେ ଏହି ଦୁଇ ସ୍ଥାନରୁ ଚାଲିଥିବା ପଥର ଚୋରୀ କାର୍ଯ୍ୟରେ ବିଏସକ୍ୟୁ ୨ ଲିଜଧାରୀଙ୍କ ମେସିନ ଓ ଗାଡି ବ୍ୟବହୃତ ହୋଇଥିବା ଆଲୋଚନା ହେଉଥିବାରୁ ସେ ଏହି ଚୋରିରେ ସିଧାସଳଖ ସଂପୃକ୍ତ ବୋଲି ଖଣି ବିଭାଗ ପାଖରେ ଖବର ପହଞ୍ଚିଛି । ତେଣୁ ଏହି ପଥର ଚୋରି ଓ ସରକାରୀ ରାଜସ୍ୱ ଆତ୍ମସାତ ଘଟଣାରେ ଖଣି ବିଭାଗ ତାଙ୍କୁ ହିଁ ଦାୟି କରିବ ବୋଲି ଆଲୋଚନା ଚାଲିଛି।ବାରମାଣ ବିଏସକ୍ୟୁ ୨ ସହିତ ଏହି ଦୁଇ ସ୍ଥାନରୁ ଦୈନିକ ଉତ୍ତୋଳିତ ହୋଉଥିବା ଶହଶହ ଟ୍ରିପ କଳାପଥର କେଉଁ କ୍ରସର ଓ କେଉଁ ସଂସ୍ଥାକୁ ଯୋଗାଣ ହୋଇଛି ଓ ସେ ବାବଦରେ କେ-ତେ ଟିପି ବ୍ୟବହାର କରାଯାଇଛି ତାର ଖୋଳତାଡ ହେଲେ ଏହି ଲୁଟପାଟର ସମସ୍ତ ଗୁମର ପଦାକୁ ଆସିବ ବୋଲି ସାଧାରଣରେ ଦାବିହୋଇଛି।ଜନୈକ କୁନା ପ୍ରଧାନଙ୍କ ନାମରେ ବାରମାଣ ମୌଜାର ବିଏସକ୍ୟୁ ୨ ପଥରଖଣି ଲିଜଥିବା ବେଳେ ତାହାର ଲିଜ କେଶ ନଂ ୨୨/୨୦୨୦-୨୧ ରହିଛି।ବାରମାଣ ମୌଜାର ଖାତା ନମ୍ବର ୨୪୭ (ଏ-ଏଏ) ଓ ଏହାର ପ୍ଲଟ ନମ୍ବର ୧୨୬୧ ରହିଛି।ଏହି ସ୍ଥାନରୁ ୭.୩୦ ଏକର ଖଣିକୁ ଶ୍ରୀ ପ୍ରଧାନଙ୍କୁ ଲିଜ ଦିଆଯାଇଛି ।ଉକ୍ତ ଖଣିର ଲିଜ ଅବଧି ୧୮/୧୦/୨୦୨୨ ଠାରୁ ୧୭/୧୦/୨୦୨୭ ପର୍ଯ୍ୟନ୍ତ ରହିଥିଲା ବେଳେ ଏହାର ପରିବେଶ ମଞ୍ଜୁରୀ ଅବଧି ୦୩/୦୬/୨୦୨୭ ଓ ପ୍ରାଥମିକ ସିଟିଓ ଅବଧି ୦୩/୦୬/୨୦୨୫ ପର୍ଯ୍ୟନ୍ତ ଥିବା ଖଣି ଖନନ ସ୍ଥଳରେ ଲଗାଯାଇଥିବା ଫଳକରୁ ସୂଚିତ ହୋଇଛି ।ତେବେ ଯେଉଁ ଦୁଟି ସ୍ଥାନରୁ ବେଆଇନ ପଥର ଖନନ ହେଉଥିଲା ତାହା ଲିଜଧାରୀଙ୍କ ରାଜସ୍ୱ ଖାତା ଅଧିନ ବୋଲି ଜଣାପଡିଛି ।ଏହି ବେଆଇନ ଖଣି ଖନନ ଓ କୋଟିକୋଟି ଟଙ୍କାର ପଥର ଲୁଟପାଟ ନେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି ।

# ଦୁଇ ହାଇୱା ମଧ୍ୟରେ ଧକ୍କା, ଦୁଇ ଗୁରୁତର



ନିମାପଡା, (ସବ୍ୟୁ) : ନିମାପଡା ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ୨ଟି ହାଇୱା ମଧ୍ୟରେ ଧକ୍କା ହେବା ଯୋଗୁଁ ଗୋଟିଏ ଗାଡିର ଜଣେ ଡ୍ରାଇଭର ଓ ଜଣେ ହେଲପର ଗୁରୁତର ଆହତ ହୋଇଥିବା ଜଣାପଡିଛି । ଖବରରୁ ପ୍ରକାଶ ଯେ, ମୁଖ୍ୟ ରାସ୍ତାରେ ନିମାପଡା ଅଭିମୁଖେ ଯାଉଥିବା ଏକ ହାଇୱାକୁ ପଛପଟୁ ଦ୍ରୁତ ଗତିରେ ଏକ ହାଇୱା ଧକ୍କା ଦେଇଥିଲା । ଫଳରେ ଗାଡିର ଚାଳକ ଓ ହେଲପର ଗୁରୁତର ହୋଇପଡିଥିଲେ । ଉଭୟଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଭୁବନେଶ୍ୱର ପଠାଇଛନ୍ତି । ଆହତ ଦୁଇଙ୍କ ପରିଚୟ ମିଳିପାରିନାହିଁ । ଘଟଣା ସ୍ଥଳରେ ପୁଲିସ ପହଂଚି ଗାଡିକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଉଛି ।

# ସାନହୁଲି ଦାଶ ସାହି ରାସ୍ତା କାମ ନିମ୍ନମାନର

ନିମାପଡା, (ସବ୍ୟୁ) : ନିମାପଡା ବ୍ଲକ ତାରିଛକ-କାକଟପୁର ମୁଖ୍ୟ ରାସ୍ତାର ତୁଳସୀପୁର ଠାରୁ ସାନହୁଲି ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅଢେଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୪ କି.ମି ପିଚୁ ରାସ୍ତା ନିର୍ମାଣ ହୋଇଥିଲା । ମାତ୍ର ଉକ୍ତ କାର୍ଯ୍ୟରେ ଏହି ରାସ୍ତାରୁ ସଂଯୋଗ କରୁଥିବା ସାନହୁଲି ବ୍ରିଜ ଠାରୁ ସାନହୁଲି ଦାଶ ସାହି ପର୍ଯ୍ୟନ୍ତ ରାସ୍ତା କାମ ହେବାର ଦୁଇ ସପ୍ତାହ ନପୁରୁଣୁ ଉକ୍ତ ରାସ୍ତା ଫାଟି ଆଁ କରିଛି । ସଠିକ ଭାବେ ମେଣ୍ଟାଲିଂ କରାନଯିବା ସହିତ ନିମ୍ନମାନର ପିଚୁ ପକାଇ କାର୍ଯ୍ୟ ହୋଇଥିବାରୁ କାମ ହେବାର ଦିନ କେଇଟା ମଧ୍ୟରେ ରାସ୍ତାରେ ଫାଟ ଓ ପିଚୁ ଉଠିଯାଇଥିବା ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ୍ତ ନାୟକ, ବନବିହାରୀ ଦାଶ, ପୂର୍ଣ୍ଣଚନ୍ଦ୍ର ଦାଶ,ବେଣୁଧର ଶତପଥୀ ପ୍ରମୁଖ ଦାବୀ କରିଛନ୍ତି । ଏ ସଂପର୍କରେ ଗ୍ରାମ୍ୟଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ସ୍ମୃତି ରଂଜନ କାନୁନଗୋଙ୍କୁ ପଚାରିବାରେ ରାସ୍ତାରେ ଯଦି ଫାଟ ଓ ପିଚୁ ଉଠିଥିବ ତେବେ ସଂପୃକ୍ତ ଠିକାଦାରଙ୍କୁ ପୁଣି କାମ କରିବାକୁ ନିର୍ଦ୍ଦେଶ ଦିଆଯିବ ବୋଲି ପ୍ରକାଶ କରିଛନ୍ତି।

# କାର୍ଯ୍ୟକାରୀ ହେଉନି ଶିକ୍ଷକ ବଦଳି ନୀତି

ଖଣ୍ଡପଡା,(ସବ୍ୟୁ) : ନୟାଗଡ଼ ଜିଲ୍ଲା ଖଣ୍ଡପଡା ବ୍ଲକ ଅଂଚଳରେ ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କ କ୍ଷେତ୍ରରେ ବଦଳୀ ନୀତି କାର୍ଯ୍ୟକାରୀ ହେଉ ନଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି । ଖଣ୍ଡପଡା ବ୍ଲକ ଅଂଚଳର ବିଭିନ୍ନ ବିଦ୍ୟାଳୟରେ ଏକାଧିକ ଶିକ୍ଷକ, ଶିକ୍ଷୟତ୍ରୀ ଗୋଟିଏ ବିଦ୍ୟାଳୟରେ ୧୦ରୁ ୧୫ ବର୍ଷ ଧରି ଶିକ୍ଷାଦାନ କରି ଆସୁଥିଲେ ହେଁ ସେମାନଙ୍କ କ୍ଷେତ୍ରରେ ବଦଳି ନୀତି କାର୍ଯ୍ୟକାରୀ ହେଉ ନଥିବା ଜଣାପଡିଛି । ଖଣ୍ଡପଡା ବ୍ଲକ ଅଧିନରେ ଏବେ ୨୮ ଗୋଟି ଉଚ୍ଚ ବିଦ୍ୟାଳୟ, ୩ଟି ଆଶ୍ରମ ବିଦ୍ୟାଳୟ, ୧୦୨ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ମ. ଇ ବିଦ୍ୟାଳୟ ଓ ଖଣ୍ଡପଡା ଠାରେ ଆଦର୍ଶ ବିଦ୍ୟାଳୟଟିଏ ରହିଛି । କେତେକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦବୀ ଖାଲି ପଡିଥିଲା ବେଳେ ଗୋଟିଏ ଗୋଟିଏ ବିଦ୍ୟାଳୟରେ ଏକାଧିକ ବରିଷ୍ଠ ଶିକ୍ଷକ ବର୍ଷବର୍ଷ ଧରି ଗାଦି ମାଡି ବସିଛନ୍ତି । ବରିଷ୍ଠତା ଭିତିରେ ଶିକ୍ଷକ, ଶିକ୍ଷୟତ୍ରୀମାନଙ୍କୁ ପ୍ରଧାନଶିକ୍ଷକ ଓ ଶିକ୍ଷୟତ୍ରୀ ଭାବେ ଅନ୍ୟ ବିଦ୍ୟାଳୟକୁ ବଦଳି କରିବା ନିମନ୍ତେ ଜିଲ୍ଲା ଶିକ୍ଷାଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି । ସେହିପରି ଖଣ୍ଡପଡା ଅଂଚଳର କେତେକ ବିଦ୍ୟାଳୟରେ ଆବଶ୍ୟକତା ଠାରୁ ଅଧିକ ସଂଖ୍ୟକ ଶିକ୍ଷକ ଥିବା ବେଳେ ଏଦିଗରେ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି । ଗୋଟିଏ ଗୋଟିଏ ବିଦ୍ୟାଳୟରେ ଦିର୍ଘବର୍ଷ ଧରି ଶିକ୍ଷାଦାନ କରି ଆସୁଥିବା ଶିକ୍ଷକ, ଶିକ୍ଷୟତ୍ରୀମାନଙ୍କୁ ଅନ୍ୟତ୍ର ବଦଳି ନିମନ୍ତେ ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ, ନୟାଗଡ ଜିଲ୍ଲାପାଳ ଓ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଐତିହାସିକ କଳାବୁଡା ଗାଦି ପୀଠ ବିଶ୍ୱ କଲ୍ୟାଣ ମହାଯଜ୍ଞ

କୋଣାର୍କ, (ସବ୍ୟୁ) : କୋଣାର୍କ ନିକଟସ୍ଥ ସୋରଭା ଗ୍ରାମପଞ୍ଚାୟତର ଓଟାଙ୍ଗ ଗ୍ରାମ ସ୍ଥିତ ଐତିହାସିକ କଳାବୁଦା ଗାଦି ପୀଠ ଠାରେ ତ୍ରିଦିବସୀୟ ବିଶ୍ୱ କଲ୍ୟାଣ ମହାଯଜ୍ଞ ଆରମ୍ଭ ହୋଇଛି।ଓଟାଙ୍ଗ ସ୍ଥିତ ସିଦ୍ଧ ମହାପୁରୁଷଙ୍କ ପୀଠ କଳାବୁଦା ଗାଦିଙ୍କ ମାହାତ୍ମ୍ୟ ଓ ମହିମା ଅପାରଛ ଛୋଟ ଛୋଟ ଶିଶୁ ଓ ଗାଇଗୋରୁଙ୍କ ବିଭିନ୍ନ ପ୍ରକାର ସମାସ୍ୟାର ସମାଧାନ ବାବାଙ୍କ ବିଭୂତି, ମନ୍ତ୍ରିତ ପଇତା ଓ ପଘା ଦ୍ୱାରା ଉପଶମ ପ୍ରାପ୍ତି ହୋଇଥାଏ ।ଐତିହାସିକ କଳାବୁଦା ଗାଦି ପୀଠର ମହିମା ଓ ମାହାତ୍ମ୍ୟ ଗାଥା ସମଗ୍ର ରାଜ୍ୟର କୋଣ ଅନୁକୋଣରେ ପ୍ରସିଦ୍ଧ ଲାଭ କରିଛି। ଐତିହାସିକ କଳାବୁଦା ଗାଦି ପୀଠ ଠାରେ ସ୍ୱର୍ଗତ ବାବା ଜଗନ୍ନାଥ ଦାସଙ୍କ ୨୮ତମ ବାର୍ଷିକ ମହୋତ୍ସବ ପାଳନ ଅବସରରେ ତ୍ରିଦିବସୀୟ ବିଶ୍ୱ କଲ୍ୟାଣ ମହାଯଜ୍ଞ ଗତ ବୁଧବାର ଠାରୁ ଆରମ୍ଭ ହୋଇଛି। ବିଶ୍ୱ କଲ୍ୟାଣ ସୌର ମହାଯଜ୍ଞର ପ୍ରଥମ ଦିନରେ ଅଧିବାସ, ଅଙ୍କୁରାରୋପଣ କାର୍ଯ୍ୟ ସଂପାଦନ କରାଯାଇଥିଲା ବେଳେ ଦ୍ୱିତୀୟା ଦିନରେ ସୂର୍ଯ୍ୟ ପୂଜା, ଗୀତା ପଠନ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି ପରିପ୍ରେକ୍ଷୀରେ ଶୁକ୍ରବାର ମହାଯଜ୍ଞର ପୂର୍ଣ୍ଣାହୁତି, ଅଷ୍ଟମ ପ୍ରହର ନାମଯଜ୍ଞ କାର୍ଯ୍ୟକ୍ରମ, ସାଧୁସନ୍ଥ ସମ୍ମିଳନୀ ଆୟୋଜିତ ହେବା ସହିତ ଅନ୍ତିମ ଦିବସରେ ସ୍ୱର୍ଗତ ଗୁରୁ ବାବା ଜଗନ୍ନାଥ ଦାସଙ୍କ ବାର୍ଷିକ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମଠାଧିଶ ବାବାଜି ସୀତାରାମ ଦାସ ପ୍ରକାଶ କରିଛନ୍ତିଛ ଏହି କାର୍ଯ୍ୟକ୍ରମକୁ ଓଟାଙ୍ଗ ଗ୍ରାମର ଗ୍ରାମବାସୀ, ମଠର କର୍ମକର୍ତ୍ତା ଓ ଶ୍ରଦ୍ଧାଳୁ ଭକ୍ତମାନେ ପରିଚାଳନା କରିଥିଲେ।

# ରାଜକନିକା-ଓଳାଭର ରାସ୍ତା ପାଲଟିଛି ମରଣଜନ୍ତା

ରାଜକନିକା,(ସବ୍ୟୁ) : ରାଜକନିକା-ଓଳାଭର ର ଜୀବନରେଖା କୁହାଯାଉଥିବା ଅଶୋକ ବଜାରରୁ ଓଳାଭର ତାରିଣୀଛକ ଯାଏଁ ଆର ଆଣ୍ଡ ବି ବିଭାଗର ପାଞ୍ଚ କିଲୋମିଟର ରାସ୍ତା ପାଲଟିଛି ମରଣ ଜନ୍ତା । କିନ୍ତୁ ଅନ୍ୟପଟେ ଏହି ରାସ୍ତା ବିଭାଗୀୟ ଅଧିକାରୀ ଓ ଠିକାଦାର ଙ୍କର ଲେଉଟିଆ କିଆରି ବୋଲି ଆଲୋଚନା ହେଉଛି । ପ୍ରତ୍ୟକ ଦିନ ହଜାର ହଜାର ଲୋକ ଯାତାୟତ ପାଇଁ ଥିବା ଏହି ମୁଖ୍ୟରାସ୍ତା ଆର ଆଣ୍ଡ ବି ବିଭାଗ ଅଧୀନରେ ଥିବାବେଳେ ଏବେ ପ୍ରତ୍ୟକ ଦିନ ଦୁର୍ଘଟଣାର ବାଟ ସାଜିଛି । ଓଳାଭରରୁ ଏହି ରାସ୍ତା ଦେଇ କଲିକତା, ରାଉରକେଲା, କଟକ,ଭୁବନେଶ୍ୱର, ବାଲେଶ୍ୱର ଆଦି ଅଞ୍ଚଳକୁ ଏକାଧିକ ଯାତ୍ରୀବାହି ବସ ଯାତାୟତ କରିଥାଏ । ଏହାଛଡ଼ା ହଜାର ହଜାର ହାଲୁକା ଜାନ ମଧ୍ୟ ଏହି ରାସ୍ତା ଦେଇ ଯାଇଥାନ୍ତି । ଏହାଛଡ଼ା ବ୍ୟବସାୟିକ ପେଣ୍ଠସ୍ଥଳୀ ଓଳାଭର ବଜାର ଉପରେ ବାହାର ରାଜ୍ୟ ତଥା ଆମ ରାଜ୍ୟର ବିଭିନ୍ନ ଜିଲ୍ଲାର ଖୁଦ୍ର ଓ ବୃହତ ଚାଷୀ ତଥା ବ୍ୟବସାୟୀ ନିର୍ଭର କରିଥାନ୍ତି । କିନ୍ତୁ ଆର ଆଣ୍ଡ ବି ବିଭାଗର ଖାମଖିଆଲି ଓ ଅଣ୍ଟିପୁରା ନୀତି ଯୋଗୁଁ ନିୟମ ନଥାଇ ବି ଏହି ରାସ୍ତା ଉପରେ ପ୍ରତ୍ୟକ ରାତିଦିନ ଶହ ଶହ ବାଲି ବୋଝେଇ ହାଇୱା ଯାତାୟତ କରିବା ଫଳରେ ଏହି ରାସ୍ତା ସମ୍ପୂର୍ଣ୍ଣ ଖାଲ ଖମାରେ ପୁରୀ ରହିଛି । ପ୍ରତ୍ୟକ ବର୍ଷ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ରାସ୍ତାର ସ୍ଥାୟୀତ୍ୱ ପରିବର୍ତ୍ତେ ନିମ୍ନମାନର ପ୍ୟାଚ ପକା କାମ କରାଇ ଲକ୍ଷାଧିକ ଟଙ୍କା ଆତ୍ମସାତ ହେଉଥିବା ଅଭିଯୋଗ ହେଉଥିବା ,କାମ ହେବାର ପନ୍ଦର ଦିନ ଭିତରେ ପୁଣି ରାସ୍ତା ଖରାପ ହୋଇଯିବା ଜଣାପଡିଛି । ସ୍ଥାନୀୟ ଲୋକ ଅଭିଯୋଗ କରିବାକୁ ଆସିଲେ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି । ଆର ଆଣ୍ଡ ବି ବିଭାଗ କାର୍ଯ୍ୟାଳୟ ରାଜକନିକା ରେ ନଥିବା ଓ ଆଳି-ପଟ୍ଟାମୁଣ୍ଡାଇ ରେ ବସି ବାବୁମାନେ ଯସ କରିବା ଫଳରେ ଏବେ ଓଳାଭର-ରାଜକନିକା ରାସ୍ତା ଅଞ୍ଚଳବାସୀଙ୍କ ଜୀବନ ରେଖା ପରିବର୍ତ୍ତେ ମୃତ୍ୟୁର ପଥ ପାଲଟି ଥିବା ଅଞ୍ଚଳବାସୀ ମତବ୍ୟକ୍ତ କରିଛନ୍ତି ।

# ପୁଣି ମନ୍ଦିର ହୁଣ୍ଡି ଭାଙ୍ଗି ଲୁଟ୍ ଚୋରଙ୍କୁ ଧରିବାରେ ପୁଲିସ ବିଫଳ

ଡେଲାଙ୍ଗ, (ସବ୍ୟୁ) : ଡେଲାଙ୍ଗ ଥାନା ଅଧିନସ୍ଥ ବିଭିନ୍ନ ମନ୍ଦିରରୁ ବାରମ୍ବାର ଚୋରି ହେଉଥିଲେ ମଧ୍ୟ ଚୋରଙ୍କୁ ଧରିବାରେ ପୁଲିସ ବିଫଳ ହେଉଥିବା ଅଭିଯୋଗ ହୋଇଛି । ଗତ କିଛିଦିନ ତଳେ ବୁଆଲି ଗ୍ରାମର ଆରାଧ୍ୟ ଗୋପୀନାଥ ଦେବଙ୍କ ମନ୍ଦିର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଅଳଙ୍କାର ସହିତ ଦାନବାକ୍ସ ଭାଙ୍ଗି ଟଙ୍କା ଲୁଟ ହୋଇଥିଲା । ଏହି ଘଟଣାକୁ ୨ମାସ ବିତିନଥିବା ବେଳେ ବଡ ଅଙ୍ଗୁଲା ଗ୍ରାମସ୍ଥିତ ମା' ତରିଣୀଙ୍କ ମନ୍ଦିରରୁ ୩ୟ ଥର ଚୋରି ହେବା ଘଟଣା ସାରା ଅଂଚଳରେ ଭୟର ବାତାବରଣ ଖେଳାଇ ଦେଇଛି । ମା'ଙ୍କ ମଥାରେ ଲାଗିଥିବା ସୁନା ଟିକା ସହିତ ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା ଚୋରି କରିନେଇଥିବା ଥାନାରେ ଅଭିଯୋଗ ହୋଇଛି । ମିଳିଥିବା ସୂଚନା ମୁତାବକ ଗତ କାଲି ରାତିରେ ମନ୍ଦିର ପୂଜାରୀ ଧୂପ ଦେଇ ମନ୍ଦିର ଫାଟକ ବନ୍ଦ କରି ଆସିଥିଲେ । ତେବେ ଆଜି ସକାଳୁ ଗ୍ରାମର କିଛି ଲୋକ ମନ୍ଦିର ବାଟ ଦେଇ ଯିବା ସମୟରେ ମନ୍ଦିରର ହୁଣ୍ଡି ଭଙ୍ଗାଯାଇ ପଡିଥିବା ଦେଖିବାକୁ ପାଇଥିଲେ । ମନ୍ଦିର ଖୋଲି ଦେଖିବା ବେଳକୁ ମା' ତାରିଣୀଙ୍କ ମଥାରେ ଲାଗିଥିବା ସୁନା ଟିକା ମଧ୍ୟ ନଥିବା ଦେଖିବା ପରେ ମନ୍ଦିର କମିଟି ଏବଂ ଗ୍ରାମବାସୀ ମାନଙ୍କୁ ଖବର ଦେଇଥିଲେ । ଏନେଇ ଗ୍ରାମବାସୀ ମାନେ ଡେଲାଙ୍ଗ ହାଟ ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଏହି ଚୋରିକୁ ମିଶାଇ ସମ୍ମୁଦାୟ ମନ୍ଦିରରୁ ୩ଥର ଚୋରି ହୋଇଥିଲେ ମଧ୍ୟ ପୁଲିସ ଚୋରଙ୍କୁ ଧରିବାରେ ସଫଳ ହୋଇନଥିବା ଗ୍ରାମବାସୀ କହିଛନ୍ତି । ଅନ୍ୟପକ୍ଷରେ ଦେବସ୍ଥଳୀକୁ ଲୁଟିନେଉଥିବା ଲୁଟେରାଙ୍କୁ ଡେଲାଙ୍ଗ ପୁଲିସ ଧରିବାରେ ବିଫଳ ହେଉଥିବା ବେଳେ ସାଧାରଣ ଲୋକମାନେ ରାତି ହେଲେ ସୁରକ୍ଷିତ ମଣୁନାହାନ୍ତି । ପୁଲିସ ପାଟ୍ରୋଲିଂ କଡାକଡି କରିବାକୁ ସାଧାରଣରେ ଦାବି ହୋଇଛି ।

# ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରୁ ଦୁଇ ବିଷଧର ସାପ ଉଦ୍ଧାର



ଖଣ୍ଡପଡା, (ସବ୍ୟୁ) : ଖଣ୍ଡପଡା ସହରର ବାଇପାସ ରାସ୍ତା ପାର୍ଶ୍ୱସ୍ଥିତ ଆଂଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରୁ ଖଳିସାହି ଅଂଚଳର ସ୍ନେକ ହେଲପ ଲାଇନର ମୁନା ପରିଡାଙ୍କ ଦ୍ୱାରା ୨ଟି ବିଷଧର ସାପ ଶୁକ୍ରବାର ଉଦ୍ଧାର କରାଯାଇଛି । ବିଷଧର ସାପ ଅହିରାଜ ଆଉ ଏକ ସାପ(ତମ୍ପା ମୁଣ୍ଡିଆ)କୁ ଗିଳୁଥିବା ବେଳେ ସାମ୍ବାଦିକମାନଙ୍କ ନଜରକୁ ଆସିଥିଲା । ପରେ ଏ ସଂପର୍କରେ ସ୍ନେକ ହେଲପ ଲାଇନକୁ ସୂଚନା ଦିଆଯାଇଥିଲା । ଖବରପାଇ ସ୍ନେକ ହେଲପ ଲାଇନର ମୁନା ଓ ତାର ୨ ସହଯୋଗୀ ସଂୋଷ ପାତ୍ର ଓ କାଳିଆ ଦାସ ଘଟଣାସ୍ଥଳରେ ପହଁଚି ସାପ ୨ଟିକୁ ଉଦ୍ଧାର କରିଥିଲେ । ସାନ ସାପର ଶରୀରରେ ସାମାନ୍ୟ କ୍ଷତ ସୃଷ୍ଟି ହୋଇଥିବାରୁ ତାର ପ୍ରାଥମିକ ଚିକିତ୍ସା କରାଯାଇଥିଲା । ପରେ ସାପ ୨ଟିକୁ ଜନବସତି ଠାରୁ ଦୂରରେ ଘଂଚ ଜଙ୍ଗଲ ମଧ୍ୟରେ ସୁରକ୍ଷିତ ଅବସ୍ଥାରେ ଛାଡି ଦିଆଯାଇଥିବା ଜଣାପଡିଛି । ବିଷଧର ସାପ ୨ଟିକୁ ଦେଖିବା ପାଇଁ ସଂଘ କାର୍ଯ୍ୟଳୟ ପରିସରରେ ଜନସାଧାରଣଙ୍କ ଭିଡ ଜମିଥିଲା ।

# ସେବା ଉତ୍ସବ-୨୦୨୫ ପ୍ରସ୍ତୁତି ବୈଠକ

ଦଶପଲ୍ଲା ,(ସ୍ବ୍ୟୁ) : ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ହେବ ସେବା ଉତ୍ସବ । ଏ ନେଇ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଟାକେରା ସ୍ଥିତ ସିଧେସ୍ୱର ମନ୍ଦିର ପ୍ରାଙ୍ଗଣ ରେ ଅନୁଷ୍ଠିତ ହୋଇ ଯାଇଛି । ଚଳିତ ଜୁନ ମାସ ଶେଷ ସପ୍ତାହ ମଧ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ରିୟବ୍ରତ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଟ୍ରଷ୍ଟର ସଭ୍ୟମାନେ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ । ସେବା ଉତ୍ସବ ଦିନ ମଶାଲ ଶୋଭାଯାତ୍ରା ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଟ୍ରଷ୍ଟ ପକ୍ଷରୁ ଏହି କାର୍ଯ୍ୟକ୍ରମ କରିବା ପାଇଁ ଉପସ୍ଥିତ ସଭ୍ୟ ମତବ୍ୟକ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସରସ ସୁନ୍ଦର ଭାବରେ ଆୟୋଜନ କରିବା ପାଇଁ ଉତ୍ସର୍ଗ ଫାଉଣ୍ଡେସନର ସଭ୍ୟ ସନ୍ତୋଷ କୁମାର ସାହୁ ଓ ସମ୍ମିତ ଭଞ୍ଜଙ୍କୁ ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟର ସଭ୍ୟମାନେ ମନୋନୀତ କରିଥିବା ଜଣାପଡ଼ିଛି । ଅନ୍ୟପକ୍ଷେ ଦଶପଲ୍ଲା ବ୍ଲକ ଟାକରା ଭଳି ଏକ ସ୍ଥାନରେ ଏଭଳି କାର୍ଯ୍ୟକ୍ରମ ହେବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି । ପ୍ରସ୍ତୁତି ବୈଠକରେ ଟ୍ରଷ୍ଟ ର ସମ୍ପାଦକ ନିହାର ରଞ୍ଜନ ମହାନ୍ତି ଙ୍କ ସହ ସମସ୍ତ ଟ୍ରଷ୍ଟି ଉପସ୍ଥିତ ଥିବାବେଳେ ଶେଷରେ ସଭ୍ୟ ନିହାର ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଧର୍ମ ପରାୟଣା ମହିଳାଙ୍କ ପରଲୋକ

ଅସ୍ତରଙ୍ଗ,(ସବ୍ୟୁ) : ଅସ୍ତରଙ୍ଗ ବ୍ଲକ ଶିଶୁଅ ଗ୍ରାମପଞ୍ଚାୟତ ନିକଟ ନାଶିକେଶ୍ୱସର ଗ୍ରାମର ଜଣେ ଧର୍ମପରାୟଣ, ସମାଜସେବୀ ତଥା ପରୋପକାରୀ ମହିଳା ପ୍ରମିଳା ସୁନ୍ଦରୀ ରଥଙ୍କର ୭୮ ବର୍ଷ ବୟସରେ ପରଲୋକ ଘଟିଛି । ଶ୍ରୀମତୀ ରଥ କିଛି ଦିନ ଧରି ଅସୁସ୍ଥ ଥିବାରୁ କଟକ ବଡ ମେଡ଼ିକାଲରେ ଚିକିତ୍ସା ଧୀନ ଥିବା ଅବସ୍ଥାରେ ଶୁକ୍ରବାର ସନ୍ଧ୍ୟା ରେ ମୃତ୍ୟୁ ଘଟିଥିଲା । ତାଙ୍କର ଏକମାତ୍ର ପୁତ୍ର କବି ସମ୍ପଦ ରଥ ମାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଥିବା ବେଳେ, ମର ଶରୀର କୁ ପୁରୀ ସ୍ୱର୍ଗ ଦ୍ୱାର ନିଆ ଯାଇଥିଲା । ସେଠାରେ ପରିବାର, ବନ୍ଧୁ ପରୀଯନଙ୍କ ଉପସ୍ଥିତିରେ ଏକ ଶୋକାକୁଳ ପରିବେଶ ଭିତରେ ଶବ ଦାହ କରାଯାଇଥିବା ଜଣା ପଡ଼ିଛି ।

# ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ନିର୍ବନ୍ଧ ସରିଲା, ଶନିବାର ବିବାହ



ପିପିଲି, (ସବ୍ୟୁ) : ପିପିଲି କୋର୍ଟଛକ ସ୍ଥିତ ପ୍ରଭୁ ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ପବିତ୍ର ବିବାହ ଉତ୍ସବ ଓ ଶୀତଳଷଷ୍ଠୀ ଯାତ୍ରା ପାଇଁ ଶୁକ୍ରବାର ଠାକୁରଙ୍କ ନିର୍ବନ୍ଧ ଉତ୍ସବ ସଂପନ୍ନ ହୋଇଛି । ପୂର୍ବାହ୍ନରେ ପ୍ରଭୁ ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିରରେ ଠାକୁରଙ୍କ ସମସ୍ତ ରୀତିନୀତି ଶେଷହେବା ପରେ ମନ୍ଦିର କମିଟିର ସଦସ୍ୟମାନେ ଏକ ଶୋଭାଯାତ୍ରାରେ କନାପିତା ରଘୁନାଥ କାପ୍ତ ଓ ବରପିତା ଗୌରହରି ସାହୁଙ୍କୁ ପାରମ୍ପରିକ ନିମନ୍ତ୍ରଣ କରିବା ପାଇଁ ଉଭୟଙ୍କ ବାସଭବନକୁ ଯାଇଥିଲେ । ମଧ୍ୟାହ୍ନ ୧୨ଟାରେ ମନ୍ଦିରରୁ ଶୋଭାଯାତ୍ରାରେ ଉଭୟ କନାପକ୍ଷ ଓ ବରପକ୍ଷ ଖଣ୍ଡିଆଗିରୀ ସ୍ଥିତ ପ୍ରଭୁ ଶ୍ରୀ ହୁଙ୍କେଶ୍ୱରଦେବଙ୍କ ମନ୍ଦିରକୁ ଯାଇଥିଲେ। ସେଠାରେ ଖଣ୍ଡିଆଗିରୀ ଗ୍ରାମବାସୀ, ହୁଙ୍କେଶ୍ୱର ଦେବ ଯୁବ ପରିଷଦ ଓ ପିପିଲି ମହୋତ୍ସବ କମିଟିର କର୍ମକାମାନେ ସେମାନଙ୍କୁ ଭବ ସ୍ୱାଗତ କରିଥିଲେ । ପରେ ସେଠାରେ ପ୍ରଭୁ ଶ୍ରୀବାଲୁଙ୍କେଶ୍ୱର ଦେବ ଓ ଦେବୀ ପାର୍ବତୀଙ୍କ ବିବାହ ପାଇଁ ନିର୍ବନ୍ଧ କାର୍ଯ୍ୟ ବର ପିତାମାତା ଓ କନା ପିତାମାତାଙ୍କ ଉପସ୍ଥିତିରେ ବିଧି ମୁତାବକ ସଂପନ୍ନ ହୋଇଥିଲା । ସମସ୍ତ କାର୍ଯ୍ୟକୁ କମିଟିର ମୁଖ ଉପଦେଷ୍ଟା ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ସଭାପତି ପ୍ରଭାକର ପଣ୍ଡା, ଉପସଭାପତି ଆଡଭୋକେଟ ସ୍ମୃଦ୍ଧ କୁମାର ମହାଁ, ସଂପାଦକ ସମୀର କୁମାର ଦାଶ, ଆଡଭୋକେଟ ବିଜୁପ୍ରସାଦ ବୈରାଗୀ, ସୁଖା କୁମାର ସାହୁ, ମନୋଜ କୁମାର ପ୍ରଧାନ, ସୁରେଶ ମହାରଣା, ରବିନ୍ଦ୍ର ନାଥ ତ୍ରିପାଠୀ, ପିପିଲି ମହୋତ୍ସବ କମିଟିର ସଭାପତି ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି, ସଂପାଦକ ଶଙ୍କର୍ଷଣ ପ୍ରଧାନ, ବ୍ରଜକିଶୋର ପ୍ରଧାନ, ଶ୍ରୀଧର ନାୟକ, ସୁନିଲ ବରାଳ, ମନୋଜ ପ୍ରଧାନ, ଦିପ୍ତିରନ ପ୍ରଧାନ, ଦେବାଶିଷ ନାୟକ, ଦୀପକ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ୩୧ ତାରିଖ ସଂନ୍ଧାରେ ପ୍ରଭୁ ଶ୍ରୀବାଲୁଙ୍କେଶ୍ୱର ଦେବ ଓ ଦେବୀ ପାର୍ବତୀଙ୍କ ମଧ୍ୟରେ ବିବାହ ଉତ୍ସବ ଅନୁଷ୍ଠିତ ହେବ ।


BAJAJ FINSERV

## ସ୍ୱର୍ଣ୍ଣ ଅଳଙ୍କାର ନିଲାମ ନିମନ୍ତେ ଖବରକାଗଜର ସର୍ବସାଧାରଣ ବିଜ୍ଞପ୍ତି

**ବଜାଜ ଫାଇନାନ୍ସ ଲିମିଟେଡ**

**ପଞ୍ଜୀକୃତ କାର୍ଯ୍ୟାଳୟ: ମୁମ୍ବାଇ-ପୁନେ ରୋଡ, ଅକୁରଦି, ପୁନେ-411035**

ଏତଦ୍ୱାରା BFL ପକ୍ଷରୁ, ସମସ୍ତ ସମ୍ପୃକ୍ତ ଋଣକର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚିତ କରାଇଦିଆଯାଉଛି ଯେ, ଗୋଲ୍ଡ ଲୋନ ନେବା ସମୟରେ ଋଣକର୍ତ୍ତା ମାନେ ସିକ୍ୟୁରିଟି ବାବଦରେ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକ, ଯାହା ସମ୍ପୃକ୍ତ ଲୋନ ଖାତା ପାଇଁ ଥିବ ଓ ସେହି ଲୋନ୍ ର ପରିଶୋଧରେ ଯଦି ସେମାନେ ବିଫଳ ହେବେ ବା ଉପଯୁକ୍ତ ମାର୍ଜିନ ରାଶି ଜମା କରି ପାରିବେ ନାହିଁ, ବାରମ୍ବାର ବିଜ୍ଞପ୍ତି ପରେ ବି ଯଦି ବିଫଳ ହୁଅନ୍ତି ତେବେ ସେହି ଗୁଡ଼ିକୁ "ଯେଉଁଠି ବି ଯେମିତି ବି ସ୍ଥିତି ରେ ଥିବ ସେହି ଅବସ୍ଥା ରୁ ହିଁ" ନିଲାମ ପାଇଁ ଉପସ୍ଥାପନ କରି ଦିଆଯିବ। ନିଲାମରେ ଅଂଶଗ୍ରହଣକାରୀ ନିମ୍ନ ସର୍ତ୍ତାବଳୀ ଅନୁସରଣ କରିବାକୁ ସେମାନଙ୍କୁ ଅନୁରୋଧ କରାଯାଉଛି:

(କ) ସର୍ବସାଧାରଣ ବିଜ୍ଞପ୍ତିକୁ ସମ୍ପୂର୍ଣ୍ଣ ଭାବରେ ଜାଣିବାକୁ (ଲୋନ୍, ଅଳଙ୍କାର, ମୋଟାମୋଟି ଓଜନ, ନିଲାମ ସ୍ଥାନ ଓ ସମୟ ଇତ୍ୟାଦି) ପାର୍ଶ୍ୱରେ ଥିବା QR କୋଡ୍‌କୁ ସ୍କାନ୍ କରିପାରିବେ;

(ଖ) ନିଲାମ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ନିୟମାବଳୀ ଗୁଡ଼ିକୁ ଜାଣିବା ପାଇଁ ("T&CS") ଯାହା ଏହି ବିଜ୍ଞପ୍ତି ସହ ସମ୍ପୃକ୍ତ, ସେଇଥିପାଇଁ ନିମ୍ନ ୱେବଲିଙ୍କକୁ ଯାଇ ପାରିବେ: http://172.30.1.235:3000/?WOUB2QG9W

(ଗ) ସର୍ତ୍ତ ଓ ନିୟମାବଳୀ ଗୁଡ଼ିକୁ ବୁଝିବା ଏବଂ ତାପରେ ନିଲାମର ତାରିଖ ଦିନ ବା ତା ପୂର୍ବରୁ ଫଣ୍ଡ ଟ୍ରାନ୍ସଫର ମାଧ୍ୟମରେ (NEFT/RTGS/ବଜାଜ ଗୋଲ୍ଡ ଅକ୍ସନ୍ ଆପ୍) ଆବଶ୍ୟକ ଅଗ୍ରୀମ ରାଶି ଟ. 25,000 ଜମା କରିବା ପାଇଁ;

(ଘ) ନିଲାମ ସ୍ଥାନରେ ସକାଳ 10ଟା ପୂର୍ବରୁ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହିବେ; ଏବଂ

(ଙ) ନିଲାମ ସ୍ଥଳକୁ ସେମାନଙ୍କର ପରିଚୟ ଓ ଠିକଣାର ବୈଧ ପ୍ରମାଣ ପତ୍ର ନେଇ ଆସିବେ।

(ଚ) ନିଲାମ ତାରିଖକୁ ମଧ୍ୟାହ୍ନ 12ଟା ପରେ ନିଲାମକାରୀମାନେ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ନାହିଁ।

(ଛ) ଶାଖା ପରିଚାଳକ/ନିଲାମକାରୀ ଅର୍ନେଷ୍ଟ ମନି ଡିପୋଜିଟ୍ (ଇ.ଏମ୍.ଡି) ଦେୟ ପରେ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଅଂଶଗ୍ରହଣ କରିନଥିବା ବିଡରମାନଙ୍କୁ ସ୍ୱୀକାର କରିବା କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

ସ୍କାନ୍ କରନ୍ତୁ

ନିଲାମ ର ସ୍ଥାନ, ସମୟରେ ଯଦି କୌଣସି ପରିବର୍ତ୍ତନ ହୋଇଥିବ, ତାହା ନିଲାମ କେନ୍ଦ୍ରରେ ସୂଚିତ କରିଦିଆଯିବ। ଆପଣ ନିଲାମରେ ଅଂଶଗ୍ରହଣ ଆବେଦନ ଜମା କରିବା ଅର୍ଥ, ଉପରୋକ୍ତ ସର୍ତ୍ତାବଳୀ ଅନୁସରଣ କରୁଛନ୍ତି ବୋଲି ବିବେଚନା କରାଯିବ। ଯଦି କୌଣସି ପ୍ରକାରରେ ସର୍ବସାଧାରଣ ନିଲାମି ବିକ୍ରୟ ଖାରଜ/ବରଖାସ୍ତ ହୋଇଯାଏ ତେବେ BFL, ପ୍ରାଇଭେଟ ବିକ୍ରୟ ମାଧ୍ୟମରେ ସୁନାଗହଣା ଗୁଡ଼ିକର ବିକ୍ରୟ କରିବା ପାଇଁ ଅଧିକାର ନିଜ ପାଖରେ ସଂରକ୍ଷିତ ରଖିଛି। କୌଣସି ପ୍ରକାର ଅନୁସନ୍ଧାନ ପାଇଁ ଆପଣ ଆମକୁ ଏଇ ମେଲ ଆଇଡି ମାଧ୍ୟମରେ ସମ୍ପର୍କ କରିପାରିବେ: gold.auction@bajajfinserv.in

**(11-06-25): ଅନୁଗୋଳ ଗାନ୍ଧୀ ରୋଡ୍ I:** PJD6SGL11743791. **ଆଠଗଡ଼-ବୀରକିଶୋରପୁର GL:** PCQ8SGL10940247, 10991577, 11459375, 11477855, 11495193, 11618815, 11707743. **ବଲାଙ୍ଗୀର - ଗୋପାଳଜୀ ରୋଡ୍ I;** PJD7SGL11512681, 11529905, 11551926, 11791170, 11801160. **ବାଲେଶ୍ୱର-ପୋଲିସ୍ ଲାଇନ୍ ସ୍କୋୟାର୍ GL:** PEI4SGL11392277, 11514975, 11515617, 11527053, 11554846, 11650459, 11670898, 11690625, 11694379, 11685687, 11697560, 11784128. **ବାଲୁଗାଁ-ମେନ୍ ରୋଡ୍ GL:** PCQ9SGL9864197, 10355598, 11460342, 11460243, 11800958. **(12-06-25) ବରଗଡ଼ - ଖାରେକଟୀ କାଲା GL:** PGC3SGL11383550, 11400728, 11409657, 11431539, 11430964, 11430113, 11510206, 11529642, 11529951, 11565552, 11574616, 11565023, 11569341, 11579972, 11602646, 11599927, 11615112, 11624955, 11618742, 11659948, 11671628, 11673552, 11691576, 11761810, 11765411, 11789954, 11784097, 11799927, 11800422. **ବାରିପଦା - KC ସର୍କଲ;** P4C7SGL11443067, 11690547, 11685703, 11732087, 11775403. **ବାସୁଦେବପୁର - AB କଲେଜ୍ ଚୌକ I;** PJE1SGL11516143, 11725010, 11745313, 11772212. **ବ୍ରହ୍ମପୁର GL:** PB63SGL11286182, 11359775. **ଭଦ୍ରକ ସାଲାଣ୍ଡି ବାଇପାସ୍ GL:** PCR1SGL11767410, 11783527. **(13-06-25) ଭବାନୀପାଟଣା BGL:** PU41SGL11364431, 11384957, 11379545, 11414181, 11411993, 11548295, 11565763, 11620330, 11639909, 11694776, 11685968, 11709135, 11715488, 11773407, 11793997. **ଭୁବନେଶ୍ୱର ଜଗାମରା GL:** PER5SGL11484819, 11557606, 11600018, 11607561, 11636315, 11726516, 11722394. **ଭୁବନେଶ୍ୱର BGL:** P423SGL11382013, 11393790, 11528755, 11636485, 11730642, 11729366, 11742630, 11805741, 11805246. **ବୁଗୁଡ଼ା-ମେନ୍ ରୋଡ୍;** P09QSGL11169660, 11306735, 11410434, 11414626, 11448355, 11460888, 11512982, 11529540, 11568172, 11586518, 11600582, 11616203, 11689899, 11690868, 11727481, 11782027, 11800899, 11805797. **କଟକ ମଧୁ ପାଟଣା କଲୋନି GL:** PGG9SGL11459102, 11636774. **(16-06-25) ଜଗତସିଂହପୁର - ଦୁର୍ଗାବଜାର;** PU42SGL10743847, 11384634, 11413336, 11412522, 11528756, 11616891, 11672566, 11714726, 11708489, 11731486, 11724296, 11728279, 11741377, 11770423. **ଜଯାପୁର ଟାଉନ୍ ଶୀତଳେଶ୍ୱର I;** PJU7SGL11571430. **ଜଟଣୀ ହାଇସ୍କୁଲ୍ କମ୍ପ୍ଲେକ୍ସ GL:** PCR2SGL10518673, 11399174, 11448218, 11481907, 11486217, 11496924, 11527230, 11567508, 11563290, 11713014, 11728709, 11745037, 11785527. **ଜୟପୁର-ଏମ.ଜି ରୋଡ୍ GL;** PGH2SGL11396593, 11428141, 11440874, 11460474, 11547921, 11568866, 11565592, 11582042, 11598073, 11653702, 11672365, 11768358, 11782963, 11782269. **ଝାରସୁଗୁଡ଼ା GL:** PG62SGL11514334, 11587480, 11583703, 11615019, 11639238, 11655511, 11721397, 11724277, 11745365. **(17-06-25) କଣିହା BGL:** PV26SGL10774945, 11170236, 11249606, 11418081, 11441175, 11481587, 11573830, 11674559. **କେନ୍ଦ୍ରାପଡ଼ା-କଲେଜ ସ୍କୋୟାର୍ I;** PGT6SGL11632694, 11671372, 11743084, 11787476. **କେନ୍ଦୁଝର-ମାଇନିଂ ରୋଡ୍ GL;** PCQ7SGL11408323, 11497314, 11530139, 11553099, 11553210, 11581742, 11689915, 11771845, 11761382, 11784390. **ଖୋର୍ଦ୍ଧା ମେନ୍ ଟାଉନ୍ GL;** PDA3SGL11272889, 11414327, 11413176, 11517754, 11636642, 11649637. **କୋରାପୁଟ;** PU40GOL1795171, L1907865, L1978648, L1978763, L2077146, L2100620, L2105465, L2124323, L2146945, L2178010, L2181380, L2223347, L2249781, L2265307, L2384260, L2388107, L2395787, L2394394, L2426118, L2452533, L2461479, L2772140, L2823224, L2877091, L2919271. **(18-06-25) କୁଚିଣ୍ଡା BGL:** P93KSGL11383173, 11396825, 11430643, 11503824, 11526477, 11533085, 11551489, 11677163, 11721741, 11800559. **ନବରଙ୍ଗପୁର - ପଟେଲ୍ ମାର୍ଗ GL;** PCR3SGL11380468, 11377635, 11374803, 11393589, 11428322, 11480351, 11553336, 11548784, 11564518, 11574183, 11619095, 11660404, 11656016, 11676924, 11686333, 11687626, 11744787, 11768567, 11761416, 11783280, 11789254, 11781069, 11800989, 11801854, 11805632. **ନିମାପଡ଼ା - ଗଣେଶ ବଜାର୍ I;** PJE2SGL11165457, 11396016, 11399407, 11399969, 11499012, 11527304, 11746997, 11789807, 11781868, 11804840. **ନୂଆପଡ଼ା BGL;** P86HSGL11579998, 11641332, 11713538, 11726141, 11741122. **ଫୁଲବାଣୀ BGL;** P93ASGL11430721, 11431953, 11461467, 11487118, 11535070, 11548804, 11710457. **(19-06-25) ପିପିଲି - ଡାକ ଚୌକ I;** PGE1SGL10669105, 10742864, 11572087. **ପୁରୀ ସି.ଆଇ.ଟି ରୋଡ୍ GL;** PEK3SGL11376743, 11382625, 11481297, 11532320, 11530191, 11558895, 11564473, 11579778, 11599752, 11616907, 11619048, 11656073, 11663463, 11706492, 11721531. **ରାଜଗାଙ୍ଗପୁର ମେନ୍ ରୋଡ୍;** P504SGL11137372, 11233982, 11550634, 11605685, 11623604, 11695401, 11752055, 11772024, 11794155, 11802841. **ରାୟଗଡ଼-ସି.ଏସ୍.ଆର୍ ରୋଡ୍ GL;** PCR4SGL10937099, 11116059, 11427112, 11479852, 11548553, 11564475, 11616406, 11691367, 11772849, 11787055, 11791444. **ରାଉରକେଲା-କୋଏଲ ନଗର GL;** PER3SGL11429423, 11547820, 11589982, 11694330. **(20-06-25) ସାଲେପୁର ମାଳୁଆଟି GL;** PGN9SGL11365993, 11459472, 11526883, 11635873, 11800562. **ସୁନ୍ଦରଗଡ଼ ହସ୍ପିଟାଲ୍ ରୋଡ୍ I;** PJU9SGL11727833, 11783556. **ତାଳଚେର - ହତାତୋଟା ଛକ I;** PJU8SGL11410616, 11556182, 11774684, 11762662, 11786514, 11801326. **ଟାଙ୍ଗୀ-ମେନ୍ ରୋଡ୍ GL;** PG01SGL11381646, 11376982, 11395962, 11481360, 11532261, 11569536, 11620264, 11637358, 11638261, 11687199, 11764289. **ଉମରକୋଟ - ଗୁଳିପାଟଣା I;** PJE3SGL11230749, 11527761, 11584748, 11747104, 11766685.

**ବଜାଜ ଫାଇନାନ୍ସ ଲିମିଟେଡ୍**


# କୁମ୍ଭାରପଡା- ଖଡଗପ୍ରସାଦ ଗ୍ରାମ୍ୟ ରାସ୍ତା କାର୍ଯ୍ୟ ନିମ୍ନମାନର : ତଦନ୍ତ ଦାବି



ଖଣ୍ଡପଡା, (ସବ୍ୟୁ) : ଖଣ୍ଡପଡା ବ୍ଲକ ଅଧିନ କୁମ୍ଭାରପଡା ଠାରୁ ନିକଟସ୍ଥ ଖଡଗପ୍ରସାଦ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ କାର୍ଯ୍ୟ ଗତ ୨ ବର୍ଷ ଧରି ଚାଲୁ ରହିଛି । ପ୍ରଧାନମନ୍ତ୍ରୀ ଗ୍ରାମସଡକ ଯୋଜନାରେ ୨.୨୧ କୋଟି ବ୍ୟୟରେ ଉକ୍ତ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ରାସ୍ତା କାର୍ଯ୍ୟର ତଦାରଖ ଦାୟିତ୍ୱ ଖଣ୍ଡପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ଉପରେ ନ୍ୟସ୍ତ କରାଯାଇଛି । ରାସ୍ତା କାର୍ଯ୍ୟରେ ନିୟୋଜିତ ଠିକାଦାର ମନଇଚ୍ଛା କାର୍ଯ୍ୟ କରୁଥିବାରୁ ରାସ୍ତାର ସ୍ଥାୟିତ୍ୱ ନେଇ ସ୍ଥାନୀୟ ଅଂଚଳବାସୀ ଆଶଙ୍କା ପ୍ରକାଶ କରିଛନ୍ତି । ଏବେ ଉକ୍ତ ରାସ୍ତାର କିଛି ଅଂଶ ପିଚୁ ହୋଇଥିବା ବେଳେ ନିମ୍ନମାନର କାର୍ଯ୍ୟ ଯୋଗୁଁ ସ୍ୱଳ୍ପ ସମୟ ମଧ୍ୟରେ ରାସ୍ତା ଉପରୁ ପିଚୁ ଉଠି ଯାଇଥିବା ପରିଲକ୍ଷିତ ହୋଇଛି । ଯଦି ଏବେ ଠାରୁ ରାସ୍ତାର ଅବସ୍ଥାକୁ ନେଇ ଅଂଚଳବାସୀ ପ୍ରମାଦ ଗଣୁଛନ୍ତି, ଉକ୍ତ ରାସ୍ତାଦେଇ ନିକଟ ଭବିଷ୍ୟତର ଯାନବାହନ ଚଳାଚଳ କଲେ ରାସ୍ତାର ସ୍ଥିତି ବେହାଲ ହୋଇପଡିବ ବୋଲି ସାଧାରଣରେ ଆଲୋଚନା ହେଉଛି । ସଂରକ୍ଷିତ ଜଙ୍ଗଲ ମଧ୍ୟ ଦେଇ ରାସ୍ତାଟି ଖଡଗପ୍ରସାଦ ଗ୍ରାମକୁ ସଂଯୋଗ କରୁଥିବା ନିମ୍ନମାନର ରାସ୍ତା କାର୍ଯ୍ୟକୁ ନେଇ କୁମ୍ଭାରପଡା ଓ ଖଡଗପ୍ରସାଦ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଉକ୍ତ ରାସ୍ତା ନିର୍ମାଣ ନିମନ୍ତେ ଆବଶ୍ୟକତା ଠାରୁ ଅଧିକ ଗଛ ସଂରକ୍ଷିତ ଜଙ୍ଗଲ ମଧ୍ୟରୁ କଟାଯାଇଥିବା ଅଭିଯୋଗ ହେଉଛି । ସେହିପରି ରାସ୍ତାରେ ପଡୁଥିବା ଏକାଧିକ କଲଭର୍ଟର ନିର୍ମାଣ ଶୈଳୀକୁ ନେଇ ମଧ୍ୟ ଅଂଚଳବାସୀ ଅସଂୋଷ ପ୍ରକାଶ କରିଛନ୍ତି । ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଅଂଚଳବାସୀ ଅଭିଯୋଗ ଉଠାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ନୟାଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳଘର ଶୂନ ବୋଲି ଜଣାପଡିଛି । ରାସ୍ତା ନିର୍ମାଣରେ ହୋଇଥିବା ଦୁର୍ନୀତିର ଉଚ୍ଚ ସ୍ତରୀୟ ତଦ' ସହ କାର୍ଯ୍ୟାନୁଷ୍ଠାନ ନିମ' ଭିଜିଲାନ୍ସ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି ।

(ଶ୍ରୀମଦ୍ଭଗବଦ୍ ଗୀତା ୧୬/୦୪)
–ଦୈବାସୁରସମ୍ପଦ୍ବିଭାଗ–
(ଶ୍ରୀଭଗବାନୁବାଚ )

**ଦମ୍ଭୋ ଦର୍ପୋଽଭିମାନଶ୍ଚ କ୍ରୋଧଃ ପାରୁଷ୍ୟମେବ ଚ ।**
**ଅଜ୍ଞାନଂ ଚାଭିଜାତସ୍ୟ ପାର୍ଥ ! ସମ୍ପଦମାସୁରୀମ୍ ।।୪।।**

ଆସୁରୀ ସମ୍ପଦ ପ୍ରାପ୍ତ ହୋଇ ଜାତ ହୋଇଥିବା ବ୍ୟକ୍ତିର ଦମ୍ଭ, ଧନବିଦ୍ୟାଦି ନିମିତ୍ତ ଗର୍ବ, ଅଭିମାନ, କ୍ରୋଧ, ନିଷ୍ଠୁରତା ଓ ଅଜ୍ଞାନ ଇତ୍ୟାଦି ଗୁଣମାନେ ହୁଅନ୍ତି ।।୪।।

# ହାଇକୋର୍ଟ ଓ ଆଇନଜୀବୀଙ୍କ ବଦାନ୍ୟତା

ସମ୍ପାଦକୀୟ

ନୂଆଦିଲ୍ଲୀର ଗୋଟିଏ ଘଟଣା । ଜଣେ କର୍କଟ ରୋଗାକ୍ରାନ୍ତ ପିତା ଓ ଭାରତ ବାହାରେ ଅଧ୍ୟୟନରତ ତାଙ୍କ ପୁତ୍ରର ଦୁର୍ଦ୍ଦଶାକୁ ଦିଲ୍ଲୀ ହାଇକୋର୍ଟ, ସଲିସିଟର ଜେନେରାଲ ଓ ହାଇକୋର୍ଟ ପକ୍ଷରୁ ନିଯୁକ୍ତ ଜଣେ ଆମିକସ୍ କ୍ୟୁରି (ଅଦାଲତଙ୍କ ସହଯୋଗୀ) ଉପଲବ୍ଧି କରି ଉଦାହରଣ ସୃଷ୍ଟି କରିଛନ୍ତି ।

ଘଟଣାଟି ଏହିପରି । ଜଣେ କର୍କଟ (କ୍ୟାନସର) ରୋଗୀ ଯିଏ କି ଦୀର୍ଘଦିନ ଧରି ଚିକିତ୍ସାଧୀନ ଅଛନ୍ତି, ତାଙ୍କର ପୁତ୍ର ନ୍ୟୁୟର୍କ ବିଶ୍ୱବିଦ୍ୟାଳୟରେ 'ବ୍ୟବସାୟିକ ବିଶ୍ଳେଷଣ' ବିଭାଗରେ ସ୍ନାତକୋତ୍ତର ଶ୍ରେଣୀରେ ଅଧ୍ୟୟନରତ । ଏଥିପାଇଁ ତାଙ୍କ ପିତା କାନାରା ବ୍ୟାଙ୍କରୁ ପ୍ରାୟ ୫୫ ଲକ୍ଷ ଟଙ୍କାର ଅଧ୍ୟୟନ–ଋଣ କରି ସାରିଥିଲେ । ମାତ୍ର ପୁତ୍ରର ପାଠ ପଢ଼ା ସାରିବାକୁ ଆଉ ଦଶ ଲକ୍ଷ ଟଙ୍କାର ଋଣ ଦରକାର ହେବାରୁ ସେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଋଣ ପାଇଁ ଆବେଦନ କରିଥିଲେ । ବ୍ୟାଙ୍କ ଆଉ ଋଣ ଦେବାକୁ ନାହିଁ କରିଦେବାରୁ ପିତା ଜଣକ ଅଗତ୍ୟା ଦିଲ୍ଲୀ ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ । ଉଲ୍ଲେଖନୀୟ ଯେ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳି ଅନୁଯାୟୀ ଏହି ଘଟଣାରେ ୫୮ ଲକ୍ଷ ଟଙ୍କାର ସମୁଦାୟ ଋଣ ବ୍ୟାଙ୍କ କର୍ତ୍ତୃପକ୍ଷ ମଞ୍ଜୁର କରିପାରିବେ ନାହିଁ । ବିଦେଶରେ ଅଧ୍ୟୟନ ଲାଗି ଏହି ଋଣ ମଞ୍ଜୁର କରିବାକୁ ହେଲେ ୧୫ ପ୍ରତିଶତର ମାର୍ଜିନ ମନି (ପ୍ରାନ୍ତୀୟ ମୁଦ୍ରା) ମଧ୍ୟ ଋଣ ଗ୍ରହୀତାଙ୍କୁ ଦେବାକୁ ପଡିଥା'ନ୍ତା । ପିତାଙ୍କ ମୁଖରୁ ସ୍ୱର ନିର୍ଗତ ହେଉଥିବା ପ୍ରତ୍ୟଙ୍ଗଟିକୁ କର୍କଟ ଚିକିତ୍ସା ସମୟରେ ବାହାରକୁ କାଢ଼ି ଦିଆଯାଇଥିଲା । ସେ ମଧ୍ୟ ଦିଲ୍ଲୀ ଅନ୍ତର୍ଗତ ତାଙ୍କର ରୋହିଣୀ ଡିଡିଏ ଫ୍ଲାଟକୁ ବନ୍ଧକ ରଖି ଏହି ଶେଷ ଋଣ ନେବାକୁ ସ୍ଥିର କରିଥିଲେ ।

ଦିଲ୍ଲୀ ହାଇକୋର୍ଟର ବିଚାରପତି ଶ୍ରୀ ବିକାଶ ମହାଜନ ଏହି ଆବେଦନର ବିଚାର ପ୍ରକ୍ରିୟା ଆରମ୍ଭ କରି ବରିଷ୍ଠ ଆଇନଜୀବୀ ଶ୍ରୀ ନଳିନୀ କୋହଲିଙ୍କୁ ଆମିକସ୍ କ୍ୟୁରି (ଅଦାଲତଙ୍କ ସହଯୋଗୀ) ଭାବେ ନିଯୁକ୍ତ କରି ଏହି ଋଣ ସମସ୍ୟାର ସମାଧାନ କରାଇବାକୁ ଚାହିଁଥିଲେ । ପିତାଙ୍କୁ ଆଇନଜୀବୀ ଶ୍ରୀ କୋହଲି ସାକ୍ଷାତ କରିବାରୁ ସେ ତାଙ୍କର ଦୁର୍ଦ୍ଦଶା ବିଷୟ ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ଅତି ବେଶୀରେ ସେ ମାତ୍ର ଦୁଇ ଲକ୍ଷ ଟଙ୍କା ଯୋଗାଡ଼ କରି ପାରିବେ ବୋଲି ଜଣାଇଥିଲେ । ଆଇନଜୀବୀ ଶ୍ରୀ କୋହଲି ଆଉ ଦୁଇଲକ୍ଷ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ସେତକ ଅର୍ଥ ମଧ୍ୟ ଯଥେଷ୍ଟ ନ ଥିଲା । ପରିବାର ଲୋକେ ଦୁଶ୍ଚିନ୍ତା ମଧ୍ୟରେ ରହିଥିଲେ । ଆଇନଜୀବୀ ଶ୍ରୀ କୋହଲି ଆମିକସ୍ କ୍ୟୁରି ଭାବେ ପିତା ଓ ପୁତ୍ରଙ୍କୁ ସାହାଯ୍ୟ କରିପାରିଲେ ନାହିଁ ବୋଲି ବିଚଳିତ ହୋଇପଡ଼ିଲେ । ମାତ୍ର ସୁପ୍ରିମକୋର୍ଟର ଦ୍ୱାରଦେଶରେ ଆଇନଜୀବୀ ଶ୍ରୀ କୋହଲି ହତାଶ ହୋଇ ଯାଉଥିବାବେଳେ ସଲିସିଟର ଜେନେରାଲ ଶ୍ରୀ ତୁଷାର ମେହେଟ୍ଟାଙ୍କୁ ଏ ବିଷୟ ଜଣାଇଥିଲେ । ଶ୍ରୀ କୋହଲି ସେହି ପରିବାରର ଦୁର୍ଦ୍ଦଶା ସଂପର୍କରେ ଯାହା ବର୍ଣ୍ଣନା କଲେ, ତାହା ଶୁଣିବା ପରେ ତତ୍କ୍ଷଣାତ୍ ସଲିସିଟର ଜେନେରାଲ ଶ୍ରୀ ମେହେଟ୍ଟା ନିଜ ପକ୍ଷରୁ ଦଶଲକ୍ଷ ଟଙ୍କା ଦେଇଦେବେ ଓ ପୁତ୍ର ପୁନୀତ ସିଂହ ତାଙ୍କର ଡିଗ୍ରୀ ତଦ୍ୱାରା ହାସଲ କରି ପାରିବ ବୋଲି ଆଶା ପ୍ରକାଶ କରିଥିଲେ । ଏହା ପରେ ଶ୍ରୀ କୋହଲି ଏ କଥା ତାଙ୍କ ପରିବାର ଲୋକଙ୍କ ନିକଟରେ ପ୍ରକାଶ କରିଥିଲେ ଏବଂ କର୍କଟ ରୋଗୀ ଭାବେ ଜୀବନ ସହିତ ଅବିରତ ସଂଗ୍ରାମ କରି ଆସୁଥିବା ପିତାଙ୍କ ଦୁଶ୍ଚିନ୍ତା ଦୂର ହେବ ବୋଲି ମଧ୍ୟ ଆଶା ପ୍ରକାଶ କରିଥିଲେ ।

ଏହିପରି ବହୁତ ଘଟଣା ଅନାଲୋଚିତ ଭାବେ ଅନ୍ଧାରରେ ରହିଯାଇଛି । କେବଳ ସରକାରୀ ଇଂଜିନିଅରିଂ କଲେଜ ବା ମେଡିକାଲ କଲେଜରେ ବା ବିଶ୍ୱବିଦ୍ୟାଳୟମାନଙ୍କରେ ପଢ଼ିବା ଲାଗି ଓଡ଼ିଶା ସରକାର ଅଳ୍ପ ସୁଧହାରରେ ଅଧ୍ୟୟନ ଋଣ (ଷ୍ଟଡି ଲୋନ୍)ର ସୁବିଧା କରିଥାନ୍ତି । ମାତ୍ର ଘରୋଇ ଶିକ୍ଷାନୁଷ୍ଠାନମାନଙ୍କରେ କର୍ତ୍ତୃପକ୍ଷ ବିଭିନ୍ନ ବ୍ୟାଙ୍କ ସହିତ ଅଧ୍ୟୟନ ଋଣ ବିଷୟରେ ଚୁକ୍ତି କରିଥା'ନ୍ତି ।

ସେହି ସବୁ ଋଣର ସୁଧ ହାର ଅତ୍ୟନ୍ତ ଅଧିକ ଥାଏ । ଅଧ୍ୟୟନ ପରେ ଚାକିରି କରି ନଥିଲେ ପ୍ରାର୍ଥୀ ବା ପ୍ରାର୍ଥୀଙ୍କ ଗ୍ୟାରେଣ୍ଟିଅର ପିତାଙ୍କ ସୁଧ ହାର ବଢ଼ି ବଢ଼ି ଚାଲିଥାଏ । ସରକାରଙ୍କର ଏହି ସୁଧ ହାର ହ୍ରାସ ପାଇଁ ବା ସୁଧ ହାର ଆଦୌ ନ ନେବା ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ବ୍ୟାଙ୍କଗୁଡ଼ିକ ସେ ସବୁ ନିୟମ ନ ମାନି ମନଇଚ୍ଛା ସୁଧ ସହ ଋଣ ରାଶି ଆଦାୟ କରନ୍ତି । ଏପରିକି ଲୋକ ଅଦାଲତର ରାୟକୁ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ଟାଳି ଦେବାର ଅନେକ ଦୃଷ୍ଟାନ୍ତ ରହିଛି ଏଇ ଭୁବନେଶ୍ୱରରେ ।

ବ୍ୟାଙ୍କ ଅତ୍ୟଧିକ ଋଣ ଦେବା ବିଷୟରେ ଓ ସବ୍ସିଡି ଛାଡ଼ ନ କରିବା ବିଷୟରେ ଜଣେ ପିତା, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ୨୦୧୬ରେ ଜଣାଇବା ପରେ, ବ୍ୟାଙ୍କ କର୍ତ୍ତୃପକ୍ଷ ଜଣେ ଛାତ୍ରଙ୍କ ଋଣ ସମସ୍ୟାର ସମାଧାନ କରିଥିଲେ ଏବଂ ନିଜ କାର୍ଯ୍ୟରେ ତ୍ରୁଟି କରିଥିବା ଜଣେ ବ୍ୟାଙ୍କ ଅଫିସରଙ୍କର ବଦଳି ମଧ୍ୟ ହୋଇଥିଲା । ମାତ୍ର ସବୁ ସମୟରେ ଅଧିକାଂଶ ବ୍ୟକ୍ତି ଏପରି ଅଭିଯୋଗ କରି ପାରନ୍ତି ନାହିଁ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ଅଭୁଲା ଅତୀତ

# ସେହି ସବୁ ଦିନ ଶାନ୍ତିନିକେତନ-୩



ମନୋରମା ବିଶ୍ୱାଳ ମହାପାତ୍ର

ସ୍ୱର୍ଗୀୟ କୁଞ୍ଜବିହାରୀ ଦାଶ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି, ପୁରାତନ କେନ୍ଦ୍ର ପାଠାଗାରର ଉପର ମହଲାରେ ସେତେବେଳେ 'ବିଦ୍ୟାଭବନ' ଥାଏ । ସଂସ୍କୃତ ଓ ହିନ୍ଦୀ ବିଭାଗ ଥାଏ ହିନ୍ଦୀଭବନରେ । 'ହଲ୍ ଓ୍ୱାସିଆ ଟ୍ରଷ୍ଟ' ସହାୟତାରେ ୧୯୩୬ରେ ଏଇ ଭବନ ନିର୍ମିତ ହୋଇଥିଲା । ପ୍ରଖ୍ୟାତ ହିନ୍ଦୀ ଲେଖକ ଡକ୍ଟର ହଜାରୀ ପ୍ରସାଦ ଦ୍ୱିବେଦୀ ଏହି ବିଭାଗରେ ପ୍ରାୟ କୋଡ଼ିଏ ବର୍ଷ କାର୍ଯ୍ୟ କରିଥିଲେ । ପାଖ କୋଠରୀରେ ବସୁଥିଲେ ଆଚାର୍ଯ୍ୟ କ୍ଷିତିମୋହନ ସେନ୍ ଭାରତୀୟ ସନ୍ଥସାହିତ୍ୟ ସଂପର୍କରେ ଦୁଇ ସୁଧୀଙ୍କର ସଂଳାପ ବଡ଼ ପ୍ରୀତିପ୍ରଦ ବୋଧ ହେଉଥିଲା । ବିଦ୍ୟାଭବନର ଅଧ୍ୟକ୍ଷ ଡକ୍ଟର ପ୍ରବୋଧ ଚନ୍ଦ୍ର ବାଗ୍ଚୀ ଚୀନା ଭବନରେ ବସୁଥିଲେ, ମଧ୍ୟେ ମଧ୍ୟେ ଆସି ବିଦ୍ୟାଭବନର କାର୍ଯ୍ୟ ତନଖି କରୁଥିଲେ । ବଙ୍ଗଳା ବିଭାଗ ବିପୁଳ ଆକାର ଧାରଣ କରୁଥିଲା । ବିଦ୍ୟା ଭବନର ଗୋଟିଏ କୋଠରୀରେ ବସୁଥିଲେ ପଞ୍ଚାନନ ମଣ୍ଡଳ, ଭୂର୍ଜପତ୍ରରେ ଲେଖା ପ୍ରାଚୀନ ବଙ୍ଗଳା ପାଣ୍ଡୁଲିପି ମେଲାଇ । ଅନ୍ୟ ଏକ କୋଠରୀରେ ଗବେଷଣା କରୁଥିଲେ ଏଫ୍.ଏମ୍. ଆସିରି, ଘାଲିବଙ୍କ କବିତା ଉପରେ । ଗବେଷଣା ହିଁ ବିଦ୍ୟାଭବନର ମୁଖ୍ୟ କାର୍ଯ୍ୟ ଥିଲା ।

ପାଠାଗାରର ଉପର ମହଲାରେ ପଠନାଳୟ । ପୃଥିବୀର ବହୁ ସମ୍ବାଦପତ୍ର ଓ ପତ୍ରପତ୍ରିକା ଏଠାକୁ ଆସେ । ସାହିତ୍ୟ, ଇତିହାସ, ଦର୍ଶନର ପତ୍ରିକା, ବିଭିନ୍ନ ବୟସୋପଯୋଗୀ ପତ୍ରିକା–ଫରାସୀ, ଜର୍ମାନୀ, ଇଂରାଜୀ, ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଗୁଜୁରାଟୀ, ମରହଟ୍ଟୀ, ପତ୍ରିକା–କେବଳ ଛବିପତ୍ରିକା–ଏସବୁ ଗଡ଼ାଉ ଗଡ଼ାଉ ସମୟ ଚାଲିଯାଏ । ଏହାଛଡ଼ା ଚମତ୍କାର ଖୋଳରେ ଚୀନ୍ ଭାଷାର ପୁସ୍ତକମାନ ଚୀନା ଭବନରେ ସଜ୍ଜିତ ହୋଇ ରହିଥିଲା । କଳା ଓ ସଙ୍ଗୀତ ଭବନର ସ୍ୱତନ୍ତ୍ର ପାଠାଗାର ଥିଲା । **ହିନ୍ଦୀ ଭବନ ସ୍ୱତନ୍ତ୍ର ଭାବରେ ଚଳୁଥିଲା । ହିନ୍ଦୀ, ବଙ୍ଗଳା ପାଠାଗାର ପରି ଓଡ଼ିଆ ପାଠାଗାର ବୃଦ୍ଧି ଲାଭ କରି ପାରୁନଥିଲା, ପ୍ରତିବର୍ଷ ଓଡ଼ିଆ ପାଠାଗାର ଲାଗି ଯେତେ ଟଙ୍କା ମିଳୁଥିଲା ତାକୁ ଖର୍ଚ୍ଚ କରିବା ଆମ ପକ୍ଷରେ କାଠିକର ପାଠ ହେଉଥିଲା । ପ୍ରତିବର୍ଷ ତିନି ଚାରି ହଜାର ଟଙ୍କା ନେଲେ ବି ବଙ୍ଗଳା ବିଭାଗୀୟ ମୁଖ୍ୟ କହନ୍ତି– ଆହୁରି ଦିଅ । ଆମେ ନୀରବ ରହୁ । ଜାତୀୟ ସାହିତ୍ୟର ଦାରିଦ୍ର୍ୟ ବାହାରେ ଦେଖାଇବାକୁ ଲଜ୍ଜା ଲାଗେ ।**

**୧୯୪୭ରୁ ବିଦ୍ୟାଭବନ ଅନ୍ତର୍ଗତ ଓଡ଼ିଆ ବିଭାଗଟି ଆମ ଭାଷା ଓ ସାହିତ୍ୟ ଗବେଷଣାର ଗୌରବାବହ ଅନୁଷ୍ଠାନ ରୂପେ କାର୍ଯ୍ୟ କଲା । ସେତେବେଳେ ବିଦ୍ୟାଭବନ ପାଠାଗାରରେ ଗବେଷକ ଚିତ୍ତରଂଜନ ଦାସ, ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନ ଗବେଷଣା କରୁଥିଲେ । କୁଞ୍ଜବିହାରୀ ଦାଶଙ୍କ ଥିବା ସମୟରେ ଦଶ ଖଣ୍ଡ ଗବେଷଣା ପୁସ୍ତକ ପ୍ରକାଶିତ ହୋଇଥିଲା** – ୧) ଓଡ଼ିଆ ଲୋକଗୀତ କାହାଣୀ, କବି ଲିପି, ଆଧୁନିକ କାବ୍ୟଧାରା, ଅଚ୍ୟୁତାନନ୍ଦ ଓ ପଞ୍ଚସଖା, ସମାଲୋଚନା ଇତ୍ୟାଦି । **ପରେ ପରେ ଅନ୍ନଦା ଶଙ୍କର ରାୟଙ୍କର ସବୁଜ ଅକ୍ଷର ଏବଂ ଆଧୁନିକ ଓଡ଼ିଆ ସାହିତ୍ୟର 'ଭୂମି ଓ ଭୂମିକା' – ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ହୋଇଥିଲା । ସେତେବେଳେ ବିଦ୍ୟାଭବନର ଅଧ୍ୟକ୍ଷ କାଳିଦାସ ଭଟ୍ଟାଚାର୍ଯ୍ୟ ବିଶ୍ୱଭାରତୀକୁ ପ୍ରଥମେ କୁଞ୍ଜ ବିହାରୀ ଦାଶଙ୍କ ସାଂସ୍କୃତିକ ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରିଥିଲେ ।**

'କଳାଭବନ' ଶାନ୍ତିନିକେତନର ସର୍ବାପେକ୍ଷା ମର୍ଯ୍ୟାଦାବନ୍ତ ଅନୁଷ୍ଠାନ । ଶିଳ୍ପୀଗୁରୁ ଅବନୀନ୍ଦ୍ରନାଥ ଠାକୁରଙ୍କର 'ଆଉରଙ୍ଗଜେବ' ଓ ଶିଳ୍ପୀ ନନ୍ଦଲାଲ୍ ବୋଷଙ୍କର 'ଉମାଙ୍କ ତପସ୍ୟା' ଭଳି ଅନେକ ଚିରସ୍ମରଣୀୟ ଛବି ଏଠାରେ ସଂରକ୍ଷିତ । **ଓଡ଼ିଶାର ବିଶିଷ୍ଟ ଶିଳ୍ପୀଗଣ ଯଥା ଅଜିତ କେଶରୀ ରାୟ ଓ ବିନୋଦ ରାଉତରାୟ ପ୍ରଭୃତି କଳାଭବନର ଛାତ୍ର ଥିଲେ ।**

କଳାଭବନ ନିକଟରେ ସଂଗୀତ ଭବନ । ସର୍ବଦା ସଂଗୀତର ସୁଲଳିତ ସୁର ଅଥବା ନୃତ୍ୟର ଛନ୍ଦ ଶୁଭୁଥାଏ । ରବୀନ୍ଦ୍ର ସଂଗୀତ ଓ ନାଟ୍ୟ ଛଡ଼ା ଭାରତନାଟ୍ୟମ୍, ମଣିପୁରୀର ବହୁଳ ପ୍ରଚଳନ ଅଛି । ଶାନ୍ତିଦେବ ଘୋଷ ଥିଲେ ରବୀନ୍ଦ୍ର ସଂଗୀତ ସାଧନାର କିମ୍ବଦନ୍ତୀ ପୁରୁଷ । ସାନଭାଇ ଦେଶ ପତ୍ରିକାର ସୁବିଖ୍ୟାତ ସମ୍ପାଦକ ସାଗରମୟ ଘୋଷ । ଆଉ ଜଣେ କାନିକା ବନ୍ଦ୍ୟୋପାଧ୍ୟାୟ । ସଂଗୀତ ଭବନକୁ ମଝିରେ ମଝିରେ ଆସନ୍ତି ପୃଥିବୀ ବିଖ୍ୟାତ ସଂଗୀତଜ୍ଞମାନେ । ପଣ୍ଡିତ ରବିଶଙ୍କର ମଧ୍ୟ କିଛି ଦିନ ଶାନ୍ତିନିକେତନରେ ଅବସ୍ଥାନ କରିଥିଲେ । ତାଙ୍କ ସୀତାରରେ ରାଗ ମାଲ୍‌କୋସ୍ ଏବଂ ରାଗ ବିହାଗ୍ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରୁଥିଲା । ରାତି ବାରଟା ପରେ ଏହି ଉଚ୍ଚାଙ୍ଗ ସଙ୍ଗୀତର ମୂର୍ଚ୍ଛନା ସିଂହ ସଦନର ଚତ୍ୱରକୁ ଅନୁରଣିତ କରୁଥିଲା ।

**୧୯୫୧ରେ ଭାରତ ସାର୍ବଭୌମ ସାଧାରଣତନ୍ତ୍ର ରାଷ୍ଟ୍ରରେ ପରିଣତ ହେବା ପରେ ବିଶ୍ୱଭାରତୀକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମର୍ଯ୍ୟାଦା ପ୍ରଦାନ କରାଗଲା । ଭାରତୀୟ ସମ୍ବିଧାନରେ ସ୍ୱତନ୍ତ୍ର ବିଶ୍ୱଭାରତୀ ନିୟମାବଳୀ (Visva Bharati Act) ପ୍ରଣୟନ କରାଯାଇଥିଲା ।**

ବିଶ୍ୱଭାରତୀର ଐତିହ୍ୟ ଆଲୋଚନା କଲାବେଳେ ଅନେକ କଥା ମନକୁ ଆସେ । ରବୀନ୍ଦ୍ରନାଥଙ୍କ ଭାଷାରେ କେବଳ ଗୋଟିଏ କଥା କହିବି,

*'ଆମ୍ରା ଯେଥାଏ ମୋରୀ ଘୁରେ,*
*ସେ ଯେ ଯାଏନା କଭୁ ଦୂରେ,*
*ମନେର୍ ମାଝେ ପ୍ରେମେର୍*
*ସୀତାର୍ ବାଜାଏ ଯେ ତାର୍ ସୁରୋ ।*
*ଆମ ଭିତରେ ପ୍ରତି ମୁହୂର୍ତ୍ତରେ*
*ଅନୁରୁଣୀତ ହୋଇଥାଏ*
*ଆମାଦେର୍ ଶାନ୍ତିନିକେତନ,*
*ଆମାଦେର୍ ସବ୍ ହୋତେ ଆପନ୍ ।'*

'ଭାଲୋବାସା ଯଦି ଅପରାଧ ହଏ ଆମି ଅପରାଧି ତବେ, ଜାନି ତାରଲାଗିଜୀବନ ଆମାର୍ ସୁନ୍ଦରତର ହବେ'– ଜୀବନକୁ ଅଧିକ ସୁନ୍ଦର କରିବାରେ ପ୍ରେମ ହିଁ ବିଶଲ୍ୟକରଣୀ । ଏଇ ଅନୁଭବ ରବୀନ୍ଦ୍ରନାଥଙ୍କ କବିତାରେ ଉତ୍‌କୀର୍ଣ୍ଣ ହୋଇ ରହିଥିଲା ଶାନ୍ତିନିକେତନରେ ।

**ଶାନ୍ତିନିକେତନରେ ମୁଁ ଏମ୍.ଏ ପଢ଼ିବି– ଏଇ ସ୍ୱପ୍ନ ସେଦିନ ମୋ ଭିତରେ ମୁଁ ନିଜେ ରୋପଣ କରିଥିଲି । କବି କମଳାକାନ୍ତ ଲେଙ୍କା, ପ୍ରଫେସର କୃଷ୍ଣଚରଣ ବେହେରା ଏଇ ଶାନ୍ତିନିକେତନ ସ୍ୱପ୍ନକୁ ଅଧିକ ସାକାର କରିବାରେ ସାହାଯ୍ୟ କରିଥିଲେ । କବିଗୁରୁ ରବୀନ୍ଦ୍ରନାଥଙ୍କର ସ୍ୱପ୍ନର ବିଶ୍ୱବିଦ୍ୟାଳୟ ଶାନ୍ତିନିକେତନ । ସପ୍ତପର୍ଣ୍ଣୀର ସବୁଜ ଭୂଖଣ୍ଡ, ଆମ୍ରକୁଞ୍ଜର ତିଳ ତଣ୍ଡୁଳିତ ଛାଇ ସବୁ ଆଜି ଗୋଟି ଗୋଟି ହୋଇ ମନେପଡୁଛି ।**

ପୃଥିବୀର ବିଭିନ୍ନ ଦେଶର ପିଲାମାନଙ୍କର ସମାହାର ଏଠି । ଚୀନ୍, ଜାପାନ୍, ସିଂହଳ, ଅଷ୍ଟ୍ରିଆ, ଅଷ୍ଟ୍ରେଲିଆ ଏବଂ ଆମେରିକା, କାନାଡା ଆଦି ସ୍ଥାନରୁ ଛାତ୍ରମାନେ ଶାନ୍ତିନିକେତନ ଆସିଛନ୍ତି ଜ୍ଞାନ ଆହରଣ ପାଇଁ । କିଏ ଗୀତରେ, କିଏ ନାଚରେ ଆଉ କେଉଁମାନେ ଗବେଷଣା କରିବା ପାଇଁ । ଜ୍ଞାନର ଅସରନ୍ତି ଝରଣା ଯେମିତି ଅନବରତ ଏଠି ଝରି ଚାଲିଛି । ବେଶ, ପୋଷାକ ଉପରେ ଏଠାରେ କେହି ଗୁରୁତ୍ୱ ଦିଅନ୍ତି ନାହିଁ । ଧଳା ପାଇଜାମା, ଗେରୁଆ ରଙ୍ଗର କାମିଜର ୟୁନିଫର୍ମ । ବାହାରର ଚାକଚକ୍ୟକୁ ଶାନ୍ତିନିକେତନ ଘୃଣା କରେ । ସବୁ ପ୍ରକାର ସ୍ୱାତନ୍ତ୍ର୍ୟ ଭିତରେ ଶାନ୍ତିନିକେତନ ବାରିହୋଇ ପଡ଼େ । ଯେମିତି ଶାନ୍ତିନିକେତନର ଛାତ୍ରଛାତ୍ରୀ ଯେଉଁଠି ବି ରୁହନ୍ତୁ, ସେମାନଙ୍କର ସ୍ୱାତନ୍ତ୍ର୍ୟ ବାରିହୋଇ ପଡ଼େ । କେତେ ନମ୍ର ଏବଂ ଭଦ୍ରୋଚିତ ବ୍ୟବହାର । ଶାନ୍ତିନିକେତନର ଘରଗୁଡ଼ିକର ନାଁ ମଧ୍ୟ ସେହିପରି କାବ୍ୟିକ । ରବୀନ୍ଦ୍ରନାଥଙ୍କ ଘର ପରିସରର ନାଁ ଉତ୍ତରାୟଣ । ଉତ୍ତରାୟଣ ଭିତରେ ଉଦୟନ, ଉଦିଚୀ, ପୁନଶ୍ଚ, ଶ୍ୟାମଳୀ ଏବଂ କୋଣାର୍କ । ଶିଳ୍ପୀ ରାମକିଙ୍କର ବେଜ୍‌ଙ୍କ ପଥର ନିର୍ମିତ ମୂର୍ତ୍ତିର ଅଦ୍ଭୁତ କାରୁକଳା । ଉତ୍ତରାୟଣ ଭିତରେ ଲତାୟିତ ମାଧବୀ କୁଞ୍ଜ । ମାଧବୀ କୁଞ୍ଜର ଦୁଇ ପାଖରେ ବସିବା ପାଇଁ ସିମେଣ୍ଟ ବେଞ୍ଚ୍ ।

ସବୁଠାରେ କବିତାର ଜୟଗାନ କରାଯାଇଛି । ସେ ପାଖକୁ ଗୋଲାପ ବଗିଚା–ଭିନ୍ନ ଭିନ୍ନ ଗୋଲାପର ସମାହାର । ସପେଟା ଏବଂ ପିଜୁଳି ଗଛକୁ ଲତାୟିତ କରି ଲୁହା ତାରରେ ମଡ଼ାଇ ଦିଆଯାଇଛି । ତା' ପାଖରେ ରବୀନ୍ଦ୍ରନାଥ ବ୍ୟବହାର କରୁଥିବା କଳାରଙ୍ଗର ଅଷ୍ଟିନ୍ କାର । ବହୁ ଆଗରୁ ଓଡ଼ିଆ ବିଭାଗର ଲାଇବ୍ରେରୀ ସେଠାରେ ଥିଲା । ମୁଁ ଶାନ୍ତିନିକେତନରେ ପଢ଼ିବା ବେଳେ ଦେଖିଛି ଲାଇବ୍ରେରୀରେ ଅସଂଖ୍ୟ ଦୁର୍ଲଭ ବହି । ଆମର ଶେଷ ବର୍ଷ ଏହି ଲାଇବ୍ରେରୀ ସେଣ୍ଟ୍ରାଲ୍ ଲାଇବ୍ରେରୀକୁ ଉଠିଗଲା । ଲାଇବ୍ରେରୀ ଭିତରକୁ ପଶିଲା ମାତ୍ରେ କିପରି ଏକ ମଧୁର ଗନ୍ଧ ଆସି ନାକରେ ବାଜେ । ତାହା ଥିଲା କବିତାର ବାସ୍ନା ।

ଓଡ଼ିଆ ଲାଇବ୍ରେରୀ ଭିତରେ ବିଶ୍ୱକବିଙ୍କର ସୃଜନଶୀଳତାର ବାସ୍ନା । ଆମ ଭିତରେ ବିଶ୍ୱାୟନ ଭାବର ଉଦ୍ରେକ ହେଉଥିଲା । ଭାରି ଭଲ ଲାଗୁଥିଲା । ମୋ ଛାତ୍ର ଜୀବନରେ ଶାନ୍ତିନିକେତର ଶେଷ ଦୁଇବର୍ଷ ମୋ ପାଇଁ ସୁବର୍ଣ୍ଣ ସମୟ ଥିଲା । ସଙ୍ଗୀତ ଆଉ କବିତାର ମାୟା ସରୋବର ଭିତରେ ମୁଁ ପ୍ରତିମୁହୂର୍ତ୍ତରେ ଅବଗାହନ କରୁଥିଲି । ସ୍ୱପ୍ନ ଉଦ୍ୟାନର ବର୍ଣ୍ଣିଳ ପ୍ରକୃତି ଭିତରେ ମୁଁ ଯେମିତି ଏକ ଉତ୍ତରିତ ଚେତନାରେ ରୂପାନ୍ତରିତ ହୋଇ ଯାଇଥିଲି । ଗୋଏଙ୍କା ହଷ୍ଟେଲ୍‌ର ଛାତ୍ରୀ ନିବାସର ଉପର ମହଲାର ଏକ କୋଠରୀରେ ମୁଁ ରହୁଥିଲି । ହଷ୍ଟେଲ୍ ବାହାରେ ରାସ୍ତାର ଦୁଇଧାରରେ ଥିଲା ସୁନାଝରି ଫୁଲ ଆଉ ମାଳତୀ ଫୁଲର ବାସ୍ନାମୟ ପୃଥିବୀ । ଝରକା ବାଟେ ବାହାରକୁ ଅନାଇଲେ ଦେଖାଯାଉଥିଲା ସଙ୍ଗୀତ ଭବନର ପିଲାମାନଙ୍କର ସମ୍ମିଳିତ କଣ୍ଠରେ ରବୀନ୍ଦ୍ର ସଙ୍ଗୀତର ମନ ମତାଣିଆ ସ୍ୱର – ସେଇ ମୁହୂର୍ତ୍ତରେ ମୋର ଇଚ୍ଛା ହେଉଥିଲା ସେମାନଙ୍କ ସ୍ୱର ସାଙ୍ଗରେ ମୋ ସ୍ୱର ମିଶାଇ ଦେଇ ଗାଆନ୍ତି ।–

*'ଚୈତ୍ର ପବନେ, ମମ ଚିତ୍ତବନେ,*
*ବାନିମଞ୍ଜରୀସଞ୍ଚଲିତା ଅଗୋ ଲଲିତା ।'*

କେତେ ବେଶୀ ମାଦକତା ଥିଲା ସେ ସ୍ୱରରେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ ଆଜି । କେତେ ଆତ୍ମୀୟତା ଥିଲା ସେଥିରେ । ଶାନ୍ତିନିକେତନ ଛାଡ଼ି ଆସିଲା ପରେ ଜୀବନ କେମିତି ଗୋଟାଏ ଧୁ ଧୁ ମରୁଭୂମି ହୋଇଗଲା ଯେମିତି । ସ୍ୱପ୍ନ ସବୁ ଅଧା ରହିଗଲା– ଅଧା ଲେଖା ଚିଠି ପରି ।

ଶାନ୍ତିନିକେତନର ଦୁଇଟା ଅନୁଭବ ମୋତେ ଖୁବ୍ ପ୍ରଭାବିତ କରିଥିଲା । ପ୍ରଥମଟା ଥିଲା ହଷ୍ଟେଲ୍‌ର ସମବେତ ସନ୍ଧ୍ୟା ପ୍ରାର୍ଥନା ଏବଂ ଅନ୍ୟଟି ଥିଲା ସକାଳର ବୈତାଳିକ । 'ଆକାଶଭରା ସୂର୍ଯ୍ୟତାରା ବିଶ୍ୱଭରା ପ୍ରାଣ' ଭିତରେ ମୋର ଅସ୍ମିତା ହଜି ଯାଉଥିଲା । ବିଶ୍ୱ ଭାରତୀର ବିଶ୍ୱାୟନ ଭାବନା ମୋ ଭିତରୁ ସବୁ ପ୍ରକାର ସଙ୍କୀର୍ଣ୍ଣତାକୁ ଦୂରକୁ ଠେଲି ଦେଉଥିଲା ଯେମିତି, ଆମ ହଷ୍ଟେଲ୍‌ରେ ରହୁଥିବା ମରିସସ୍‌ର ଝିଅ ଦମୟନ୍ତୀ । ମଣିପୁରର ରାଧେଷ୍ଟା ଭିକ୍ଟୋରିଆ ଏବଂ ସର୍ବୋପରି ଆମ ଓଡ଼ିଆ ପିଲା ଯିଏକି ଦର୍ଶନରେ ଏମ୍.ଏ କରୁଥିବା କରୁଣାକର, ସମସ୍ତେ ଆଜି ସମୟ ସୁଅରେ ଦୂରକୁ ଦୂରକୁ ଠେଲି ହୋଇ ଚାଲିଯାଇଛନ୍ତି । ତଥାପି ଅନେକ ସମୟରେ ମୋ ସ୍ମୃତିର ଗନ୍ତାଘର ଭିତରୁ ସେମାନେ ଉଙ୍କିମାରନ୍ତି ସମୟ ଅସମୟରେ । ଦମୟନ୍ତୀକୁ ଚିଠିଲେଖେ ପୁରୁଣା ଠିକଣାରେ । ଚିଠି ଫେରିଆସେ । ଦମୟନ୍ତୀ ମରିସସ୍‌ରେ ଅଛି ମୁଁ ଜାଣେ । ଦିନେ ନା ଦିନେ ତା ସହିତ ଦେଖାହେବ ଏଇ ବିଶ୍ୱାସ ମୋ ଭିତରେ ଆଜି ବି ଦିକିଦିକି ହୋଇ ଜଳୁଛି ।

ଶାନ୍ତିନିକେତନ ଓଡ଼ିଆ ବିଭାଗର ବିଜ୍ଞାପନ । ପ୍ରଫେସର୍ ପାଇଁ ମୁଁ ଦରଖାସ୍ତ କଲି । ଇଣ୍ଟରଭ୍ୟୁ ମଧ୍ୟ ହେଲା । ବିଚାରକମାନଙ୍କ ମଧ୍ୟରେ ଅନେକ ଦ୍ୱନ୍ଦ୍ୱ । ବିଶ୍ୱଭାରତୀର କୁଳପତି ଚାହୁଁଛନ୍ତି ନିର୍ଦ୍ଦିଷ୍ଟ ଜଣକୁ ପ୍ରଫେସର କରିବା ପାଇଁ । ସେଥିରେ ମୁଁ ଆଶ୍ଚର୍ଯ୍ୟ ହୋଇନାହିଁ । ଭାରତବର୍ଷର ପ୍ରମୁଖ ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରେ ବିଶ୍ୱଭାରତୀ ମୁଖ୍ୟ ସ୍ଥାନ ଲାଭ କରିଛି । ପ୍ରଚୁର ଅନୁଦାନ ଆସେ କେନ୍ଦ୍ରରୁ । **ଓଡ଼ିଶାର ପ୍ରଖ୍ୟାତ ଗବେଷକ ପ୍ରଫେସର ନଟବର ସାମନ୍ତରାୟଙ୍କ ପରି ବହୁ ବିଦ୍ୱାନ୍‌ମାନଙ୍କୁ ଶାନ୍ତିନିକେତନର ଓଡ଼ିଆ ବିଭାଗ ଅଯୋଗ୍ୟ ବୋଲି ଘୋଷଣା କରି ଅତୀତରେ ପ୍ରଫେସର ନିର୍ବାଚନରୁ ବଞ୍ଚିତ କରିଥିଲା । ଭାଷାତତ୍ତ୍ୱବିତ୍ ପ୍ରଫେସର ଗଗନେନ୍ଦ୍ର ନାଥ ଦାସଙ୍କୁ ମଧ୍ୟ ଶାନ୍ତିନିକେତନରେ ରହିବାର ସୁଯୋଗ ଦିନେ ମିଳିନଥିଲା ।**

ମୋ ପ୍ରିୟ ଶାନ୍ତିନିକେତନର ଅବସ୍ଥା ଯାହା ହେଉ ପଛକେ ସ୍ୱପ୍ନର ଭୂଖଣ୍ଡ ଭିତରେ ଆଗପରି ସେ ମାୟାସରୋବର ହୋଇ ଚିରଦିନ ରହିଥିବା ଶାନ୍ତିନିକେତନ ମୋ ପାଇଁ ତୀର୍ଥଭୂଇଁ ।

ଶାନ୍ତିନିକେତନ ମୋ ପାଇଁ ଦୂର ଆକାଶର ନକ୍ଷତ୍ର ସଦୃଶ ସବୁଦିନ ରହିଥାଉ ।

**୧୨୫,ପ୍ରୀତମପୁରୀ, ଆଚାର୍ଯ୍ୟବିହାର**
**ଭୁବନେଶ୍ୱର–୭୫୧୦୧୩,**
**ମୋ–୦୯୪୩୭୦୧୧୦୦୩**

# ଶୀତଳ ଷଷ୍ଠୀ-ଶିବ ଓ ଶକ୍ତିଙ୍କ ମହାମିଳନ

ବୈଷ୍ଣବ ଚରଣ ଦାଶ

ଓଡ଼ିଶାରେ ଆଦି ଶଙ୍କରାଚାର୍ଯ୍ୟଙ୍କ ଆଗମନ ପରେ ଶୈବ ଧର୍ମର ଅଭ୍ୟୁଦୟ ହୋଇଥିବା ଇତିହାସ କହେ । ତା ପର ଠାରୁ ବିଭିନ୍ନ ଅଞ୍ଚଳରେ ଶିବ ମନ୍ଦିରମାନ ନିର୍ମାଣ କରାଯାଇ ଶିବ ଆରାଧନା କରାଯାଉଛି । ଶିବ ହେଉଛନ୍ତି ମଙ୍ଗଳମୟ । ପାର୍ବତୀଙ୍କ ବିନା ଶିବଙ୍କ ଉପାସନା ବ୍ୟର୍ଥ । ତେଣୁ କୁହାଯାଇଛି, 'ଶିବ ଶକ୍ତ୍ୟା ଯୁକ୍ତୋ ଯଦି ଭବତି ଶକ୍ତତ୍ତୁ ପ୍ରଭବିତୁମ୍' । ଶିବ ଏବଂ ଶକ୍ତି ମିଳିତ ହୋଇ ଏକତ୍ର ପୂଜା ପାଆନ୍ତି, ଯାହା ଅନ୍ୟ ଠାରେ ଦେଖାଯାଏ ନାହିଁ । ଓଡ଼ିଶାର ଅନେକ ସ୍ଥାନରେ ଭଗବାନ ଶିବ ଓ ପାର୍ବତୀଙ୍କ ମୂର୍ତ୍ତି ଏକତ୍ର ପୂଜା ପାଆନ୍ତି ।

ଚଳନ୍ତି ବିଗ୍ରହକୁ ଚନ୍ଦ୍ରଶେଖର କୁହାଯାଏ । ଯେଉଁ ମନ୍ଦିରରେ ଚଳନ୍ତି ବିଗ୍ରହ ଥାଆନ୍ତି, ସେଠି ଶୀତଳ ଷଷ୍ଠୀ ଯାତ୍ରା ହୋଇଥାଏ । ଅନେକଙ୍କ ମନର ଧାରଣା ଯେ ଶିବ ବିବାହକୁ ଶୀତଳ ଷଷ୍ଠୀ କୁହାଯାଏ । କିନ୍ତୁ ବାସ୍ତବିକ୍ ତାହା ନୁହେଁ, ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ଦିନ ଶିବ ବିବାହ ହୁଏ, ତା' ପର ଦିନ ହୋଇଥାଏ ଶୀତଳ ଷଷ୍ଠୀ । ବୈଶାଖର ରୌଦ୍ର ତାପ ପରେ ନବ ମେଘ ଆଚ୍ଛାଦିତ ଆକାଶରୁ ଝରିପଡେ ଅବାରିତ ବାରିଧାରା । ଶିବ ଓ ପାର୍ବତୀଙ୍କ ମିଳନରେ ସମଗ୍ର ବିଶ୍ୱ ଶୀତଳ ହେଉଥିବାରୁ ଏହାର ନାମକରଣ ଏପରି ହୋଇଥିବା ଅନୁମିତ ହୁଏ ।

ଶିବ ପୁରାଣ ଅନୁସାରେ ବ୍ରହ୍ମାଙ୍କୁ କଠୋର ତପସ୍ୟା କରି ଦକ୍ଷ ପ୍ରଜାପତି ପାର୍ବତୀଙ୍କୁ ପୁତ୍ରୀ ରୂପେ ପ୍ରାପ୍ତ ହୁଅନ୍ତି । ପାର୍ବତୀଙ୍କ ବିବାହ ବୟସ ହେବା ଉତ୍ତାରୁ ପିତାଙ୍କ ଅନିଚ୍ଛା ସତ୍ତ୍ୱେ ଶ୍ମଶାନଚାରୀ ଶିବଙ୍କୁ ସେ ବିବାହ କରନ୍ତି । ଏଥିରେ କ୍ଷୁବ୍ଧ ହୋଇ ଦକ୍ଷ ପ୍ରଜାପତି ନିଜେ ଆୟୋଜନ କରୁଥିବା ଏକ ଯଜ୍ଞକୁ ଝିଅ ଜ୍ୱାଇଁଙ୍କୁ ଆମନ୍ତ୍ରଣ କରନ୍ତି ନାହିଁ । ମହାଦେବଙ୍କ ଅନିଚ୍ଛା ସତ୍ତ୍ୱେ ଦେବୀ ପାର୍ବତୀ ପିତ୍ରାଳୟ ଯାଆନ୍ତି । ଯଜ୍ଞ ସ୍ଥଳରେ ଦକ୍ଷ ପ୍ରଜାପତି ଶିବଙ୍କୁ ଅପମାନ କଲାପରି କଥା ପାର୍ବତୀଙ୍କୁ କହିବାରେ ଏହାକୁ ସହ୍ୟ କରିନପାରି ସତୀ ଯଜ୍ଞ କୁଣ୍ଡରେ ଝାସ ଦିଅନ୍ତି । ସତୀଙ୍କ ଯଜ୍ଞ କୁଣ୍ଡରେ ଝାସଦେବା ଶୁଣି ମହାଦେବ ଯଜ୍ଞ ସ୍ଥଳକୁ ଧ୍ୱଂସ କରିଦିଅନ୍ତି ଏବଂ ସେଠାରୁ ସତୀଙ୍କ ଶବକୁ କାନ୍ଧରେ ପକାଇ ଚାରିଆଡେ ଘୁରି ବୁଲନ୍ତି ।

ଏହାପରେ ଭଗବାନ ବିଷ୍ଣୁ ଚକ୍ରଦ୍ୱାରା ସତୀଙ୍କ ଶରୀରକୁ ଖଣ୍ଡ ଖଣ୍ଡ କରି ଶିବଙ୍କ ଠାରୁ ଅଲଗା କରିଦିଅନ୍ତି । ପରବର୍ତ୍ତୀ ସମୟରେ ବ୍ରହ୍ମାଙ୍କ ବରରେ ବଳୀୟାନ ହୋଇ ତାରକାସୁର ଅତ୍ୟାଚାର କରେ । ତାରକାସୁରର ଅତ୍ୟାଚାରରେ ଦେବତାମାନେ ଆତଙ୍କିତ ହୋଇ ବ୍ରହ୍ମାଙ୍କ ଶରଣ ପଶନ୍ତି । ମାତ୍ର ଶିବଙ୍କ ଔରସରୁ ଜନ୍ମିତ ସନ୍ତାନ ତାରକାସୁରକୁ ବଧ କରିବ ବୋଲି ବ୍ରହ୍ମା କହିବା ପରେ ଦେବତାମାନେ ଆଦିଶକ୍ତି ମାତା ପାର୍ବତୀଙ୍କୁ ତପସ୍ୟା କରନ୍ତି । ଦେବାଦେବୀଗଣଙ୍କ କଠୋର ତପସ୍ୟା ଯୋଗୁଁ ମାତା ପାର୍ବତୀ ପର୍ବତରାଜ ହିମାଳୟଙ୍କ ଘରେ ଆର୍ବିଭାବ ହୁଅନ୍ତି । ଜ୍ୟେଷ୍ଠ ଶୁକ୍ଳପକ୍ଷ ପଞ୍ଚମୀ ଦିନ ଶିବ ଓ ମାତା ପାର୍ବତୀଙ୍କ ପୁନଃମିଳନ ହୁଏ । ମହାଦେବ ମାତା ପାର୍ବତୀଙ୍କୁ ପାଇବା ପରେ ରୁଦ୍ର ରୂପ ତ୍ୟାଗ କରି ଶାନ୍ତ ଏବଂ ଶୀତଳ ହୋଇଯାଆନ୍ତି । ଦେବଦମ୍ପତିଙ୍କ ଏହି ମହାମିଳନକୁ ଶୀତଳଷଷ୍ଠୀ ଭାବେ ପାଳନ କରାଯାଇଥାଏ । ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ ମନ୍ଦିରର ଜଗମୋହନର ଦକ୍ଷିଣଦ୍ୱାରଠାରେ ଶିବ ଓ ପାର୍ବତୀଙ୍କ ବିବାହ ଉତ୍ସବର ଏକ ସୁନ୍ଦର ଦୃଶ୍ୟ ଖୋଦିତ ହୋଇଛି ।

ପୁରୀ ଲୋକନାଥ ମନ୍ଦିର ସମେତ ପଞ୍ଚ ମହାଦେବ, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଏବଂ ସମ୍ବଲପୁରର ବିଭିନ୍ନ ଶିବମନ୍ଦିରମାନଙ୍କରେ ଶୀତଳ ଷଷ୍ଠୀ ଉତ୍ସବ ବହୁ ଜାକଜମକରେ ପାଳନ କରାଯାଏ । ପୁରୀରେ ଏହି ପରିକ୍ରମା ଉତ୍ସବକୁ 'ଗୁଆଲି ଯାତ୍ରା' ବୋଲି କୁହାଯାଏ । ଏତଦ୍ ଭିନ୍ନ ପୁରୀ ଓ ଗଞ୍ଜାମ ଜିଲ୍ଲାର ବ୍ରାହ୍ମଣ ଶାସନମାନଙ୍କରେ ଏହି ଯାତ୍ରା ଖୁବ୍ ଆଡମ୍ବର ସହକାରେ ପାଳନ ହୁଏ । ଏଥିପାଇଁ ପ୍ରସ୍ତୁତି ପ୍ରାୟ ଏକ ମାସ ପୂର୍ବରୁ କରାଯାଏ । ଗଛ ଗଣ୍ଡି ଆଣି ସେଥିରେ ଦାରୁ ପ୍ରସ୍ତୁତ ହୋଇ ବାଣ ତିଆରି କରାଯାଏ । ଏହି ଯାତ୍ରାର ପ୍ରମୁଖ ଆକର୍ଷଣ ବାଣ । ଗ୍ରାମର ଆବାଳ ବୃଦ୍ଧବନିତା ସମସ୍ତେ ଏହି ଯାତ୍ରାରେ ସାମିଲ୍ ହୁଅନ୍ତି ।

ସମ୍ବଲପୁରରେ ପତରପେଣ୍ଡିରୁ ଶୀତଳଷଷ୍ଠୀ ଉତ୍ସବର ଶୁଭାରମ୍ଭ ହୋଇ, ତତ୍ ପରଦିନ ଦେବ ନିମନ୍ତ୍ରଣ, ଚତୁର୍ଥୀ ତିଥିରେ ସମସ୍ତ ମନ୍ଦିରରୁ ଦେବାଧିଦେବଙ୍କ ବରଯାତ୍ରା, ପରଦିନ କନ୍ୟାପିତାଙ୍କ ଗୃହରେ ରାତ୍ରିରେ ବିବାହୋତ୍ସବ ଏବଂ ତା'ପରଦିନ ମଧ୍ୟାହ୍ନରେ ଶିବପାର୍ବତୀଙ୍କ ବାହୁଡା ଆଡ଼ମ୍ବରପୂର୍ଣ୍ଣ ଦିବ୍ୟ ଶୋଭାଯାତ୍ରାରେ ନଗର ପରିକ୍ରମା ପରେ ସ୍ୱ ସ୍ୱ ମନ୍ଦିର ପ୍ରତ୍ୟାବର୍ତ୍ତନର କାର୍ଯ୍ୟକ୍ରମ ବେଶ୍ ମନୋଜ୍ଞ ଓ ମନୋମୁଗ୍ଧକର ।

ପ୍ରତ୍ୟେକ ସହରର ଭାଗ୍ୟଶାଳୀ ବିଭିନ୍ନ ଦମ୍ପତି କନ୍ୟାପିତା ଭାବରେ ଦେବାଧିଦେବଙ୍କୁ କନ୍ୟାଦାନ କରିବାର ସୌଭାଗ୍ୟ ଅର୍ଜନ କରିଥାନ୍ତି । ନୈସର୍ଗିକ ବିଧିବିଧାନ, ପରମ୍ପରା ଓ ପ୍ରକରଣରେ ନବଦମ୍ପତିଙ୍କର ବିବାହୋତ୍ସବ ଅନୁଷ୍ଠିତ ହୋଇ କନ୍ୟାଦାନ ସହିତ ଅଳଙ୍କାର, ବାସନକୁସନ ଓ ଅନ୍ୟାନ୍ୟ ଯାନିଯୌତୁକ ସାଧମତେ ପ୍ରଦାନ କରାଯାଏ । ବିବାହୋତ୍ସବରେ ସାଧାରଣତଃ ଆନନ୍ଦ, ଚିତ୍ତବିନୋଦନ ପ୍ରାଧାନ୍ୟ ଲାଭ କରିଥାଏ । ସମ୍ବଲପୁରର ଯାତ୍ରାରେ କିନ୍ନରମାନେ ନୃତ୍ୟ କରିଥାନ୍ତି । ବିଶ୍ୱାସ ରହିଛି ଯେ ଶିବ ପାର୍ବତୀଙ୍କ ବିବାହରେ ନିଜକୁ ସାମିଲ କଲେ କିନ୍ନର ଜନ୍ମରୁ ମୁକ୍ତି ପାଇଥାନ୍ତି ।

ଓଡ଼ିଆ ସଂସ୍କୃତିର ଏକ ପ୍ରମୁଖ ପର୍ବ ଭାବେ ମଧ୍ୟ ଶୀତଳଷଷ୍ଠୀ ପରିଗଣିତ । ଓଡ଼ିଆ ଗୃହିଣୀମାନେ ନିଜ ସ୍ୱାମୀ ତଥା ସନ୍ତାନମାନଙ୍କ ଶୁଭ ଓ ମଙ୍ଗଳ ମନାସି ଶିବ ଓ ପାର୍ବତୀଙ୍କ ଉପାସନା କରିଥାନ୍ତି ଓ ଉପବାସ ରହିଥାନ୍ତି । ଧୁଆମୁଗ ସହ ଆମ୍ବ, ପଣସ, ନଡିଆ, ତାଳ, ସପୁରୀ ଆଦି ଫଳ ପୂଜା କରି ଖାଇଥାନ୍ତି । ଶିଳ ଗୁଡାରେ ହଳଦୀରେ ଶିବ ପାର୍ବତୀଙ୍କ ମୁଖ କରି ବିବିଧ ଅଳଙ୍କାର, ପୁଷ୍ପରେ ସଜାଇ ପୂଜା କରାଯାଇଥାଏ ।

ଯୁଗେ ଯୁଗେ କି ମନୁଷ୍ୟ, ଦେବତାମାନେ ମଧ୍ୟ ସୃଷ୍ଟିରେ ସ୍ଥିରତା ଆଣିବା ପାଇଁ ସଂସାରର ମଙ୍ଗଳ ପାଇଁ ଦେବ ଦେବ ମହାଦେବଙ୍କୁ ଆରାଧନା କରିଥାନ୍ତି । ସମୁଦ୍ର ମନ୍ଥନରୁ ନିର୍ଗତ ହଳାହଳ ବିଷ ପାନ କରି ନିଜେ ନୀଳକଣ୍ଠ ସାଜି ଆଶୁତୋଷ ଶିବ ଯେପରି ସୃଷ୍ଟିକୁ ରକ୍ଷା କରିଥିଲେ, ସେପରି ଶିବଙ୍କ ଔରସରୁ ଜନ୍ମିତ ପୁତ୍ର ଦ୍ୱାରା ତାରକାସୁରର ବିନାଶ ଜାଣି ପାର୍ବତୀଙ୍କୁ ବିବାହ କରି କାର୍ତ୍ତିକେୟଙ୍କୁ ଜନ୍ମ ଦେଇ ସୃଷ୍ଟି ରକ୍ଷା କରିଥିଲେ । କେବଳ ଧାର୍ମିକ ଦୃଷ୍ଟିରୁ ନୁହେଁ, ଜ୍ୟେଷ୍ଠ ମାସରୁ ବର୍ଷାର ଆଗମନରେ ପୃଥିବୀ ରୌଦ୍ର ତାପରୁ ପ୍ରଶମିତ ହୋଇ ଶୀତଳ ହେଉଥିବାରୁ ଏହି ପର୍ବର ଗୁରୁତ୍ୱ ରହିଆସିଛି ଶୀଳତଷଷ୍ଠୀ ଭାବରେ ।

**ବୀରଧନଞ୍ଜୟ ପୁର**
**ବୁଗୁଡ଼ା, ଗଞ୍ଜାମ**
**ମୋ–୯୭୭୬୫୩୪୯୩୦**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମାସୁଦ୍..

କାର୍ଯ୍ୟକଳାପ ହୁଏ ତେବେ ତାହାର ଜବାବ ଦିଆଯିବ। ପାକିସ୍ତାନ ମାଟିରେ ଭାରତ ବିରୋଧୀ କାର୍ଯ୍ୟ ଚାଲିଛି। ଭାରତ କାର୍ଯ୍ୟାନୁଷ୍ଠାନ ନେବାକୁ ସମ୍ପୂର୍ଣ୍ଣ ମୁକ୍ତ। ଭାରତ ନାଗରିକଙ୍କୁ ଆତଙ୍କବାଦ ବିରୋଧରେ ସୁରକ୍ଷା ଦେବା ଆମର କର୍ତ୍ତବ୍ୟ। ପାକିସ୍ତାନ ନିଜ ମାଟିରେ ଚାଲିଥିବା ଆତଙ୍କବାଦର ନର୍ସରିକୁ ପ୍ରଥମେ ଧ୍ୱଂସ କରୁ। ହାଫିଜ ସୟଦ ଓ ମାସୁଦ୍ ଆଝାର ଏମାନେ କେବଳ ଭାରତର ନୁହେଁ, ମୋଷ୍ଟ ୱାଣ୍ଟେଡ୍ ଟେରୋରିଷ୍ଟ ତାଲିକାରେ ଅଛନ୍ତି। ଜାତିସଂଘ ଏମାନଙ୍କୁ ଆତଙ୍କବାଦୀ ବୋଲି ଚିହ୍ନଟ କରିଛି। ମୁମ୍ବାଇ ଆକ୍ରମଣରେ ହାଫିଜ ସୟଦ ଦୋଷୀ। ଏହି ଅପରାଧ ପାଇଁ ନ୍ୟାୟ ଦିଆଯିବ। ଯଦି ପାକ୍ ସହ ଆଲୋଚନା ହୁଏ ତେବେ ତାହା କେବଳ ଆତଙ୍କବାଦ ଓ ପିଓକେକୁ ନେଇ ହେବ।

## ସିକିମରେ...

ପୁଅ ଓ ପୁତୁରା ଓ ଝିଆରି ସିକିମ୍‌ରେ ଥିଲେ। ସେମାନେ କାଳାପଥର ଓ ଅନ୍ୟାନ୍ୟ ସ୍ଥାନ ବୁଲିଥିଲେ। ବୁଲାବୁଲି କରି ରାତି ପ୍ରାୟ ୮ଟା ବେଳେ ଦୁଇ ଗାଡିରେ କିଛି ଅଣ ଓଡ଼ିଆ ପର୍ଯ୍ୟାଟକଙ୍କ ସହ ଲାଚୁଙ୍ଗରୁ ଫେରିଥିଲେ। ଗାଡ଼ିରେ ୧୦ ଲେଖାଏଁ ପର୍ଯ୍ୟଟକ ଓ ଡାଇଭର ଥିଲେ। ଆଗ ଗାଡିରେ ୫ ଜଣ ଓଡ଼ିଆ ଥିବା ବେଳେ ପଛ ଗାଡିରେ ୬ ଜଣ ଓଡ଼ିଆ ଥିଲେ। କିଛି ବାଟ ଯିବା ପରେ ଆଗ ଗାଡିର ଲୋକ ପଛ ଗଡିରେ ଲୋକ ଆସୁନଥିବା ଦେଖି ଦୀର୍ଘ ସମୟ ଅପେକ୍ଷା କଲେ ପରେ ପୋଲିସ୍‌କୁ ସୂଚନା ଦେଇଥିଲେ। ତେବେ ଦୁର୍ଘଟଣା ଗ୍ରସ୍ତ ହୋଇ ଇତିଶ୍ରୀ ବସିଥିବା ଗାଡିରେ ୧୦୦୦ ଫୁଟ ତଳକୁ ଖସି ତିସ୍ତା ନଦୀରେ ପଡିଥିଲା। ଇତିଶ୍ରୀଙ୍କ ଭାଇ ଶିଶିର ନାୟକ କହିଛନ୍ତି ଯେ ଆମେ ଦୁଇ ଗାଡିରେ ଫେରୁଥିଲୁ। ଗୋଟିଏ ଗାଡିରେ ଆମ ପରିବାରର ୫ ଜଣ ଓ ଅନ୍ୟଟିରେ ୬ ଜଣ ବସିଥିଲେ। ତାହା ସହ ଆମ ଗାଡିରେ ମଧ୍ୟ ଅନ୍ୟ ରାଜ୍ୟର ୫ ପର୍ଯ୍ୟଟକ ଥିଲେ। ତେବେ ପଛ ଗାଡିରେ ଇତିଶ୍ରୀ ଓ ଅନ୍ୟ ପରିବାର ସଦସ୍ୟ ଥିଲେ। ଭୋର ୫ଟା ବେଳକୁ ମୋ ଭଣଜା ସାଇ ରାଜ ଜେନା, ପୁତୁରା ସ୍ୱୟମ୍ ଶ୍ରୀପ୍ରୀତମ ନାୟକଙ୍କୁ ଉଦ୍ଧାର କରାଯାଇଥିଲା। ସେମାନେ ପାଖାପାଖି ଗୋଟିଏ ସ୍ଥାନରେ ପଡିଥିଲେ। ସେଠି ପାଣି ନଥିଲା ସ୍ଥାନଟି ଓଦା ଥିଲା। ସେମାନଙ୍କୁ ଉଦ୍ଧାର କରାଯାଇ ଗ୍ୟାଙ୍ଗଟକକୁ ଅଣା ଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନେ ସୁସ୍ଥ ଅଛନ୍ତି। ଆମ ପରିବାରର ଦୁଇ ଜଣ ଉଦ୍ଧାର ହୋଇଥିବା ବେଳେ ଆହୁରି ୪ ଜଣ ନିଖୋଜ ଅଛନ୍ତି। ଇତିଶ୍ରୀ, ତାଙ୍କ ବଡ଼ ପୁଅ ସାହିଲ ତାଙ୍କ ପନୀ ସମ୍ପର୍କରେ କିଛି ଜଣାପଡିନାହିଁ। ଗୁରୁବାର ରାତି ୯ଟା ବେଳେ ପ୍ରାୟ ଏଭଳି ଦୁର୍ଘଟଣା ଘଟିଥିଲା।

## ସିକିମ...

ଅଧିକାରୀମାନଙ୍କ ଏକ ସ୍ୱତନ୍ତ୍ର ଟିମ୍ ଏହାର ସୁପରିଚାଳନା ନେଇ ସିକିମ୍ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ଟିମ୍ ଏବେ ସିକିମ ଯାଇଛି।

## କଟକରେ...

ଝୋଲାସାହି ଅଞ୍ଚଳର ଜଣେ ୪୪ବର୍ଷୀୟ ବ୍ୟକ୍ତି କରୋନା ପଜିଟିଭ ଥିବା ଜଣାପଡିଥିଲା। ସେହିପରି ଶୁକ୍ରବାର ଅପରାହ୍ନରେ ନୂଆ ରାଉସାପାଟଣା ଅଞ୍ଚଳର ଜଣେ ୬୧ବର୍ଷୀୟ ବୃଦ୍ଧ କରୋନା ଆକ୍ରାନ୍ତ ହୋଇଥିବା ସ୍ପଷ୍ଟ ହୋଇଛି। ଉଭୟ ସ୍ଥାନୀୟ ଅଞ୍ଚଳର ବ୍ୟକ୍ତି। ପୂର୍ବରୁ ଏମାନେ କେଉଁଆଡେ ଯାତ୍ରା କରିନାହାନ୍ତି। ତଥାପି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏକ ଟିମ୍ ଗଠନ କରିଛି। ଉକ୍ତ ଟିମ୍ ଉଭୟ ଆକ୍ରାନ୍ତଙ୍କ ଘରକୁ ଯାଇ ଯାଞ୍ଚ କରି ଫେରିଛି। ଜିଲ୍ଲାରେ ନମୁନା ସଂଗ୍ରହ ବୃଦ୍ଧି ପାଇବ। ପ୍ରାଥମିକ ପର୍ଯ୍ୟାୟରେ କରୋନା ଆକ୍ରାନ୍ତଙ୍କ ନିମନ୍ତେ କେତେକ ନିର୍ଦ୍ଦିଷ୍ଟ ହସ୍ପିଟାଲରେ ଶଯ୍ୟା ସଂରକ୍ଷିତ ରଖାଯିବ ବୋଲି ସେ କହିଛନ୍ତି।

## ନବଦାସ...

ବ୍ରଜରାଜନଗରରେ ପହଞ୍ଚି ରାଜପୁର ନିବାସୀ ପ୍ରବୀଣ ଦେଓଙ୍କୁ ପଚରା ଉଚୁରା କରିଛନ୍ତି। କାରଣ ପ୍ରବୀଣ ହତ୍ୟା କାଣ୍ଡ ଦିନ ଅଭିଯୁକ୍ତ ଗୋପାଳ ସହ ମୋବାଇଲରେ ଶେଷ କଥାବାର୍ତ୍ତା କରିଥିଲେ। ଏହା ସହିତ ହତ୍ୟାକାଣ୍ଡ ସମ୍ପର୍କିତ କିଛି ତଥ୍ୟ ସଂଗ୍ରହ କରିଥିବା ଜଣାପଡ଼ିଛି।

## ନକଲି...

ହୋଇଥିବା ଚିଠିରେ ସଂପୃକ୍ତ ଆଇଏଏସ୍ ଅଧିକାରୀଙ୍କ ଆୟ ଏବଂ ସମ୍ପତ୍ତି ପ୍ରମାଣପତ୍ର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ସେତିକି ନୁହେଁ, ସଂପୃକ୍ତ ଅଧିକାରୀ ଦେଇଥିବା ପ୍ରମାଣପତ୍ର ମଧ୍ୟ ଓଡ଼ିଶା ସରକାରଙ୍କୁ ପଠେଇଛି କାର୍ମିକ ମନ୍ତ୍ରଣାଳୟ। ତେବେ କିଏ ସେହି ଅଧିକାରୀ ? ତାଙ୍କ ଉପରେ କ'ଣ ଆକ୍ସନ ନେବେ ରାଜ୍ୟ ସରକାର, ତାକୁ ନେଇ ଏବେ ପାଓ୍ୱାର କରିଡରରେ ଜୋରଦାର ଚର୍ଚ୍ଚା। ଏବେ ଓଡିଶା ସରକାରଙ୍କ ତଥ୍ୟ ଅନୁସାରେ ୨୦୨୧ ବ୍ୟାଚର ୬ ଜଣ ଆଇଏଏସ ରାଜ୍ୟରେ କାର୍ଯ୍ୟରତ ଥିବା ଜଣାପଡ଼ିଛି।

## ଜେଲ୍ ଗଲେ...

ସିବିଆଇ ମାଡି ବସିଥିଲା। ଖଣି ମାଲିକଙ୍କ ଘରେ ଇଡି ଚଢାଉ କରିବା ପରେ ମାମଲା ରଫାଦଫା ସମ୍ପର୍କରେ ଆଲୋଚନା ହୋଇଥିଲା। ଲାଞ୍ଚ ଟଙ୍କା ଧୀରେ ଧୀରେ ବଢିବାରେ ଲାଗିବାରୁ ଖଣି ମାଲିକ ସିବିଆଇ ଅଫିସ୍‌ରେ ଜଣାଇବା ପରେ ଯୋଜନା ଅନୁଯାୟୀ ଡେପୁଟି ଡାଇରେକଟରଙ୍କୁ ଗିରଫ କରାଯାଇଥିଲା। ଗୁରୁବାର ରାତି ଓ ଶୁକ୍ରବାର ପୂର୍ବାହ୍ନରେ ଜେରା କରାଯିବା ପରେ ତାଙ୍କୁ ଅପରାହ୍ନରେ କୋର୍ଟଚାଲାଣ କରାଯାଇଥିଲା। ସିବିଆଇ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି।

## କୋଟିପତି...

ଭିଜିଲାନ୍ସ ଚଢାଉ ସମୟରେ ଝରକା ବାଟ ଦେଇ ୩୦ଲକ୍ଷ ଟଙ୍କା ବାହାରକୁ ଫିଙ୍ଗି ଦେଇଥିଲେ ମୁଖ୍ୟଯନ୍ତ୍ରୀ। ତାହା ମଧ୍ୟ ସାକ୍ଷ୍ୟ ପ୍ରମାଣ ଆଧାରରେ ଜବତ କରାଯାଇଥିବା ଭିଜିଲାନ୍ସ ନିର୍ଦ୍ଦେଶକ ୱାଇକେ ଜେଠୁଆ ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି।

ଏକସଙ୍ଗେ ଚଢାଉ ହୋଇଥିବା ୭ଟି ସ୍ଥାନ ହେଲା ଅନୁଗୁଳ, ଭୁବନେଶ୍ୱର, ଡୁମୁଡୁମା, ପୁରୀ, ପିପିଲି, ଅନୁଗୁଳ ଶିକ୍ଷକପଡା ସମ୍ପର୍କୀୟଙ୍କ ଘର, ଅନୁଗୁଳୁ ପୈତୃକ ଘର, ଅନୁଗୁଳ ପାଟିଆ ସାହି ପୈତୃକ ଘର ଓ ଅଫିସ୍ ଚାମ୍ବର। ଚଢାଉ ଟିମ୍‌ରେ ସାମିଲ ଥିଲେ ୮ ଡିଏସ୍‌ପି, ୧୨ ଇନ୍ସପେକଟର, ୬ ଏଏସ୍‌ଆଇ ଓ ଅନ୍ୟ କର୍ମଚାରୀମାନେ। ଠାବ ହୋଇଥିବା ଭୂ-ସମ୍ପତ୍ତିର ମୂଲ୍ୟ କେତେ ହେବ ଭିଜିଲାନ୍ସ ଟେକ୍ନିକାଲ ଟିମ୍ ଆକଳନ କରିବା ପରେ ଜଣାପଡିବ। ଚଢାଉ ଜାରି ରହିଥିବାରୁ ମୁଖ୍ୟଯନ୍ତ୍ରୀ ବୈକୁ=ନାଥ ଷଡଙ୍ଗୀ ସମୁଦାୟ କେତେଟଙ୍କାର ମାଲିକ ତାହା ସ୍ପଷ୍ଟ ହୋଇନାହିଁ।

## ମିଳିଲା...

ସରଣ୍ଡା ଜଙ୍ଗଲର ଆଭ୍ୟନ୍ତରରୁ ବିସ୍ଫୋରକ ବୋଝେଇ ଗାଡ଼ିର ସନ୍ଧାନ ମିଳିଥିଲା। କେ. ବଲାଙ୍ଗ ଥାନା ଅନ୍ତର୍ଗତ ଜଙ୍ଗଲ ମାନଙ୍କରେ କିଛିଦିନ ଧରି ମାଓ ବିରୋଧି ଅପରେସନ୍ ଜାରିରହିଛି। ତେଣୁ ମାଓବାଦୀମାନେ ଗାଡ଼ିକୁ ଲୁଟିନେଇ ଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି।

କେବଲାଙ୍ଗ ଥାନା ଅଧିନସ୍ଥ ବାଙ୍କୋ ଠାରେ ସଶସ୍ତ୍ର ମାଓବାଦୀମାନେ ଗୋଟିଏ ବିସ୍ଫୋରକ ବୋଝେଇ ଗାଡ଼ିକୁ ଲୁଟ୍ କରିବା ଘଟଣା ପରେ ଜରେଇକେଲା ସୀମାନ୍ତରେ ଝାଡ଼ଖଣ୍ଡ ପୁଲିସ ତରଫରୁ ହାଇ ଆଲର୍ଟ ଜାରି ହୋଇଛି। ଯେଉଁ ଜାଗାରୁ ବିସ୍ଫୋରକ ଗାଡ଼ି ଲୁଟ୍ ହୋଇଛି ସେହି ଅଞ୍ଚଳଟି ସରଣ୍ଡା ଜଙ୍ଗଲକୁ ଲାଗିଥିବାରୁ ସରଣ୍ଡା ଜଙ୍ଗଲରେ ଥିବା ଦୀଘା, ଥାଲକୋବାଦ, ଛୋଟାନାଗରା, ବରାଇବୁରୁ ସିଆରପିଏଫ୍ କ୍ୟାମ୍ପ ତରଫରୁ ମଧ୍ୟ ପାଟ୍ରୋଲିଂ ଆରମ୍ଭ ହୋଇଛି। ମାଓ ନେତା ମିର୍ଶି ବେସ୍ରାଙ୍କ ନେତୃତ୍ୱରେ ମାଓବାଦୀମାନେ ଏହି ବିସ୍ଫୋରକ ଗାଡ଼ି ଲୁଟ୍ କରିଥିବା ସୂତ୍ରରୁ ଜଣାପଡ଼ିଛି।

# ଆତ୍ମସମର୍ପଣ କଲେ ୧୭ ମାଓବାଦୀ

ମାଲକାନଗିରି, (ସବ୍ୟୁ): ସୀମାନ୍ତ ତେଲେଙ୍ଗାନାର ଭଦ୍ରାଦୀ କଥାଗୁଡୁମ ଜିଲ୍ଲା ପୁଲିସ ନିକଟରେ ଶୁକ୍ରବାର ଦିନ ୪ ଦୁର୍ଦ୍ଦାନ୍ତ କ୍ୟାଡରଙ୍କ ସମେତ ୧୭ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ତେଲେଙ୍ଗାନା ଗ୍ରେହାଉଣ୍ଡ ଯବାନ ଜଂଗଲରେ ଲଗାତାର ଅପରେସନ ଜାରି ରଖିବା ଦ୍ୱାରା ମାଓବାଦୀମାନେ ଜୀବନ ବିକଳରେ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି। ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ଚେଷ୍ଟା କରୁଛନ୍ତି ମାଓବାଦୀ। କିଛି ମାଓବାଦୀ ଭୟଭୀତ ହେବା ସହ ସରକାରଙ୍କର ଆତ୍ମନିର୍ଭରଶୀଳ ନୀତିରେ ମଧ୍ୟ ପ୍ରଭାବିତ ହେଉଛନ୍ତି। ଫଳ ସ୍ୱରୂପ ଆତ୍ମସମର୍ପଣ କରୁଛନ୍ତି। ଚଳିତ ବର୍ଷର ଆଜି ସୁଦ୍ଧା ୨୮୨ ଜଣ ମାଓବାଦୀ ଆତ୍ମସମର୍ପଣ କିସାରିଲେଣି। ସରକାରଙ୍କ ତରଫରୁ ସମସ୍ତଙ୍କୁ ଆର୍ଥିକ ସହାୟତା କରାଯିବା ସହ ଆତ୍ମନିର୍ଭରଶୀଳ କରାଯିବ ବୋଲି କୁହାଯାଇଛି।

ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହେଲେ ମାଡବୀ ହୁଙ୍ଗା(୨୯), ସୁନାମ ଲଛୁ(୨୫), ସଭଲମ ଲଳିତା(୨୩), ମାଧବୀ ସୁଲା(୨୩), ନୁଆେ ଲକ୍ଷ୍ମୀ(୨୬), କାବାସୀ ଆଡୁମା(୩୩), ମାଡ଼କମ ସମଡୁ(୨୨), ନୁଆେ ଉଙ୍ଗି(୨୩), ଭେଞ୍ଜାମ ଉଙ୍ଗା(୩୪), କମଲୁ ଡୁଡଭା(୩୨), ମାଡ଼ବୀ ଲଖମା(୨୮), ମାଡ଼କମ ସହଦେବ(୨୦), ମୁଚାକି ଡାଡେ(୨୦), କାବାସୀ ନନ୍ଦେ(୨୦), ମାଡ଼କମ ହଡମା(୨୯) ଏବଂ ନୁଆେ ମୁୟା(୪୦)। ଏମାନଙ୍କ ମଧ୍ୟରୁ ୮ ଲକ୍ଷ ଘୋଷିତ ୨ ଜଣ ଏସିଏମ ରହିଥିବା ବେଳେ ୪ ଜଣ ପାର୍ଟି ମେମ୍ବର ରହିଛନ୍ତି। ସୂଚନାଯୋଗ୍ୟ, ଦୁଇଦିନ ପୂର୍ବରୁ ଛତିଶଗଡ଼ର ସୁକମା ଜିଲ୍ଲା ପୁଲିସ ନିକଟରେ ୪ ହାର୍ଡକୋର କ୍ୟାଡର ସମେତ ୧୮ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିଲେ। ଦୁଇ ମାଓବାଦୀଙ୍କ ନାମରେ ୮ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରହିଥିଲା। ମୋଟ ୩୯ ଲକ୍ଷ ଟଙ୍କାର ପୁରସ୍କାର ଘୋଷିତ ମାଓବାଦୀ ଆତ୍ମସମର୍ପଣ କରିଥିଲେ। ସୁକମା ଏସପି କିରଣ ଚୌହାନଙ୍କ ନିକଟରେ ଏମାନେ ଆତ୍ମସମର୍ପଣ କରି ବାକି ଜୀବନ ଖୁସିରେ କଟାଇବାକୁ ଇଚ୍ଛା ପ୍ରକଟ କରିଛନ୍ତି। ସରକାରଙ୍କ ତରଫରୁ ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି।

# ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ରେଢ଼ାଖୋଲ, (ସବ୍ୟୁ): ବଲାଙ୍ଗିର ଜିଲ୍ଲା ପୁଇନ୍ତଲା ବ୍ଲକ କୁଲଥୁପାଲି ଠାରେ ସାମ୍ବାଦିକ ବିଜୟ ପ୍ରଧାନଙ୍କ ପ୍ରତି ହୋଇଥିବା ବର୍ବର ଆଚରଣ ସାରା ରାଜ୍ୟରେ ସାମ୍ବାଦିକ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ରାଜ୍ୟରେ ସାମ୍ବାଦିକଙ୍କ ସୁରକ୍ଷା କିଭଳି ବିପନ୍ନ ହୋଇପଡିଛି ଏହା ହେଉଛି ତାହାର ଏକ ନଗ୍ନ ଉଦାହରଣ। ବିଳମ୍ବରେ ହେଲେ ମଧ୍ୟ ପୋଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି ପାରିଥିବାରୁ ଅଶେଷ ଧନ୍ୟବାଦ୍। ଓଡ଼ିଶା ସାମ୍ବାଦିକୟୁନିଅନ୍ ଓ ଏହାର ସମସ୍ତ ଜିଲ୍ଲା ଶାଖା ରାଜ୍ୟ ବ୍ୟାପୀ ସାମ୍ବାଦିକଙ୍କ ନିରାପତ୍ତା ନେଇ ଉଦବିଗ୍ନ। ଗିରଫ ଅଭିଯୁକ୍ତ ବିରୋଧରେ ଦୃଷ୍ଟାନ୍ତ ମୂଳକ ଦଣ୍ଡବିଧାନ କରାଯିବା ସହ ଛତିଶଗଡ ଓ ମହାରାଷ୍ଟ୍ର ଢାଞ୍ଚାରେ ଓଡ଼ିଶାରେ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ କରିବା ପାଇଁ ଦୃଢ଼ ଦାବି କରା ଯାଇଛିଛ ଏହି ପରିପ୍ରେକ୍ଷୀରେ ଓୟୁଜେ ସମ୍ବଲପୁର ଜିଲ୍ଲା ସାଧାରଣ ସମ୍ପାଦକ ଶରତ କୁମାର ପ୍ରଧାନ ନେତୃତ୍ୱରେ ସାମ୍ବାଦିକୟୁନିଅନ (ଓୟୁଜେ ) ରେଢ଼ାଖୋଲ ଶାଖାର ସଭାପତି ପ୍ରସନ୍ନ କୁମାର ପ୍ରଧାନ, ନାକଟିଦେଉଳ ଶାଖାର ସଭାପତି କନ୍ଦର୍ପ ବେହେରା, ରେଢ଼ାଖୋଲ ଶାଖାର ସମ୍ପାଦକ ସରୋଜ କୁମାର ସାହୁ, କୋଷାଧ୍ୟକ୍ଷ ଅନିଲ କୁମାର ପୃଷ୍ଟି, ସାମ୍ବାଦିକ ରମାକାନ୍ତ ମହାନନ୍ଦ, ଜୟନ୍ତ କୁମାର ଖଡ଼ିରନି, ସୁଶାନ୍ତ ନାଗ, ରଶ୍ମି ରଞ୍ଜନ ଖଡ଼ିରନି,ଯଶୋବନ୍ତ ନାରାୟଣ ସାହୁ, ତପନ କୁମାର ବିଶ୍ୱାଳ, ସଡା ନନ ପ୍ରଧାନ,ସୁଧୀର ସୁନା, ଲିଙ୍ଗରାଜ ପ୍ରଧାନ, ଗଜାନନ ଭେଶରା, ମଦନ ବେହେରା ପ୍ରମୁଖ ସାମିଲ ହୋଇ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରି ଦୃଢ଼ ଦାବି କରାଯାଇଛି। ସରକାରଙ୍କ କାର୍ଯ୍ୟଧାରା ଏକ ବର୍ଷ ପୁରିବାକୁ ଯାଉଥିବା ବେଳେ ଓୟୁଜେର ମୂଳ ଦାବି,ଅନ୍ୟ ରାଜ୍ୟ ଭଳି ସାମ୍ବାଦିକଙ୍କୁ ପେନସନ ପ୍ରଦାନ ଓ ୧୬ ବର୍ଷ ଧରି ଶୀତଳ ଭଣ୍ଡାରରେ ଥିବା ସାମ୍ବାଦିକ ଅଧିସ୍ୱୀକୃତି କମିଟିର ପୁନର୍ଗଠନ, ଅନୁକମ୍ପା ମୂଳକ ସହାୟତା ରାଶିର ପରିମାଣକୁ ୮ ଲକ୍ଷ ଟଙ୍କାକୁ ବୃଦ୍ଧି ଓ ସ୍ୱାସ୍ଥ୍ୟ ବୀମା ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ବାବଦରେ ତୁରନ୍ତ ନିଷ୍ପତ୍ତି ନେଇ ଜୁନ ୧୨ ପୂର୍ବରୁ ଘୋଷଣା କରିବାକୁ ଦାବି କରା ଯାଇଛି।

# ଧାନ ଉଠାଣ ମନ୍ଥର ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କିସାନ ସଂଘ

ବରଗଡ଼,(ସବ୍ୟୁ): ବିଭିନ୍ନ ମଣ୍ଡି ପରିଦର୍ଶନ କଲା ପରେ ଭାରତୀୟ କିସାନ ସଂଘର ରାଷ୍ଟ୍ରୀୟ ସଦସ୍ୟ କେଦାର ମିଶ୍ର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବରଗଡ଼ ଜିଲ୍ଲାର ସମସ୍ତ ମାନ୍ୟବର ବିଧାୟକଙ୍କୁ ପତ୍ର ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ମଣ୍ଡିରୁ ଧାନ ଉଠାଇବାକୁ ଅନୁରୋଧ କରିଛନ୍ତି। ଅଦିନିଆ ବର୍ଷା ସାଙ୍ଗକୁ ମାନସୁନ ବର୍ଷା ର ଆରମ୍ଭ କୁ ନେଇ ଏ ପର୍ଯ୍ୟନ୍ତ ମାତ୍ର ୪୦ ପ୍ରତିଶତ ଧାନ ଉଠିଥିବା ନେଇ ଉଦବେଗ ପ୍ରକାଶ କରିଛନ୍ତି। ଯଦି ଏପରି ମନ୍ଥର ପ୍ରକ୍ରିୟା ରହେ ଆଗାମୀ ଦିନରେ କ୍ଷତି ଗ୍ରସ୍ତ ଚାଷୀଙ୍କ ଅସନ୍ତୋଷ ସହ ବିଭିନ୍ନ ଚାଷୀ ସଂଗଠନ ର ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ପ୍ରକାଶ କରିଛନ୍ତି। ଏଣୁ ମଣ୍ଡିରୁ ଶିଘ୍ର ଧାନ ଉଠାଇବାକୁ ଶ୍ରୀ ମିଶ୍ର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ୧୬ ଅତିରିକ୍ତ ଏସ୍‌ପିଙ୍କୁ ଏସ୍‌ପି ପାହ୍ୟାକୁ ପଦୋନ୍ନତି

ଭୁବନେଶ୍ୱର, ୩୦।୫ (ସବ୍ୟୁ) : ଗୃହ ବିଭାଗ ପକ୍ଷରୁ ୧୬ ଜଣ ଅତିରିକ୍ତ ଏସ୍‌ପିଙ୍କୁ ଏସ୍‌ପି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ସେମାନେ ଓଆର୍‌ଏସ୍‌ପି ନିୟମ ୨୦୧୭ ଅନୁଯାୟୀ ଏହି ପଦୋନ୍ନତି ପାଇଛନ୍ତି। ପଦୋନ୍ନତି ପାଇଥିବା ଏଏସ୍‌ପିଙ୍କ ମଧ୍ୟରେ ଅଛନ୍ତି ତନୁଜା ମହାନ୍ତି, ଦେବବ୍ରତ ଚକ୍ର, କେ ବେଣୁଗୋପାଳ ଆଚାର୍ଯ୍ୟ, ବାସୁଦେବ ସ୍ୱାଇଁ, ଅନିଲ କୁମାର ବେଉରା, ଅନିରୁଦ୍ଧ ରାଉତରାୟ, ବିଷ୍ଣୁପ୍ରସାଦ ପତି, ରବିନ୍ଦ୍ର କୁମାର ପଣ୍ଡା, ଗୁପ୍ତେଶ୍ୱର ଭୋଇ, ସୁଶାନ୍ତ କୁମାର ବିଶ୍ୱାଳ, ମନୋଜ କୁମାର ରାଉତ, ଉମାଶଙ୍କର ପଣ୍ଡା, ପ୍ରଦୀପ କୁମାର ପ୍ରଧାନ, ଚିନ୍ତାମଣି ପାତ୍ର, କୃଷ୍ଣପ୍ରସାଦ ଦାସ ଓ ବିଷ୍ଣୁପ୍ରସାଦ ପାତ୍ର।


**OFFICE OF THE DIVISIONAL FOREST OFFICER, BRAHMAPUR DIVISION**
At-Courtpeta, Brahmapur-760004,
Tel. /FAX-0680-2281354, Mob-7653908594,
Email : dfobhmpr@yahoo.co.in
No. 03 / 01F-/2025
Dated, Brahmapur the 28th. May' 2025

**Tender Call Notice for Supply of Tree Guard (Bamboo Gabion)**

MM-33 : Sealed Tenders are invited from reputed Registered Dealer / Manufacturer / Individuals for supply of good quality Tree Guard (Bamboo Gabion) of Size 6 feet X 4 feet for use in Avenue Plantations to be taken up in Brahmapur Forest Division, under various schemes during the current financial year 2025-26. The tender application form can be obtained from the O/o the D.F.O, Brahmapur Division on any working day from 10.00 AM to 05.00 PM during 30.05.2025 to 13.06.2025 on payment of Rs.10,000/- (Rupees Ten Thousand) only or in shape of Non-refundable Demand Draft drawn in favour of the Divisional Forest Officer, Brahmapur Division. The tender documents may be downloaded from the website www.odishaforest.in./ganjam.nic.in . Sample of the Tree Guard (Bamboo Gabion) should be submitted along with the Tender document. The last date of submission of sealed tender is 13.06.2025 up to 05.00 PM. The Technical bids shall be opened at 02.00 PM of 16.06.2025 in presence of the bidder (s) or their authorized representative in the office of the undersigned. The undersigned reserves the right to reject any or all tender without assigning any reasons thereof.

Sd/- Divisional Forest Officer
Berhampur Division
OIPR : 08038/11/0039/2526



**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751 007,
Tel : 2545586/2545852,
email- serifedodisha@gmail.com.
website- www.serifedodisha.in
CAD-576

**INVITATION FOR BIDS (e-Procurement)**

**Bid identification no:- VI-08(06)/SERIFED/2025-26/657**

The MANAGING DIRECTOR (SERIFED), Odisha, Bhubaneswar invites Item Rate Tenders in single cover system in ONLINE MODE only, for the 01 (One) no of works at Boudh. The bid documents such as DTCN/BOQ etc. can be seen/ downloaded from the government website : www.tendersodisha.gov.in. during the period dt. 02.06.2025 to 17.00 hours up to dt. 09.06.2025. Online bids shall be received till 17.00 hours dt. 09.06.2025 & shall be opened at 11.30 AM on Dt. 10.06.2025. Any addendum / corrigendum / cancellation of tender can also be seen in the said website.

Yours faithfully
Sd/- MANAGING DIRECTOR
OIPR : 31005/11/0001/2526



E-132

**OFFICE OF THE DEAN & PRINCIPAL
PANDIT RAGHUNATH MURMU MEDICAL COLLEGE & HOSPITAL, BARIPADA, MAYURBHANJ**
AT- RANGAMATIA, PO-LAXMIPOSI, PIN-757 107,
MAYURBHANJ, ODISHA
Ph No.: 06792 240401,
E-mail: prmmchbaripada@gmail.com / officeprmmch@gmail.com

**NOTICE INVITING TENDER**

**Reference No. 2919 / I-33-PRMMCH-2025 / Dated. 29-05-2025**

Sealed tender are invited in the prescribed format from interested reputed Contractors / Caterers and firms having experience of running a mess or a canteen of more than 100 persons in renowned institution or public places, which must confirm to the terms and conditions for running the staff canteen in PRMMCH, Rangamatia, Baripada. The Tender can be downloaded from the PRM medical college official website (www.dmetodisha.gov,in & www.prmmch.nic.in ) from dt.02-06-2025. The last date of submission of bid documents is dt.23-06-2025 by 5.30 PM.

Sd/- Dean & Principal,
PRMMCH, Baripada
OIPR : 10120/11/0019/2526



**AFFIDAVIT**

By virtue of an Affidavit sworn before the Executive Magistrate, Nimapara No-4, Dated. 30.4.2025 I, Sumitra Swain W/o-Kalandi Swain of Village - Jageswarpur, Po-Dighalo, PS-Nimapara, Dist-Puri my Son's actual name is "SHANTANU SWAIN" mentioned his birth certificate Regd. No. 14837/2014 dated. 24.7.2014 but his Aadhaar Card No. 5023 0478 5176 his name wrongly mentioned as "SANTUNU SWAIN" instead of SHANTANU SWAIN. Both are same and one.



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER
MAYURBHANJ**
**DISTRICT PROGRAMME MANAGEMENT UNIT (DPMU), NHM, Mayurbhanj, Odisha**

**ZILLA SWASTHYA SAMITI, MAYURBHANJ**
Office of the CDM & PHO-cum-District Mission Director, NHM, Mayurbhanj, Odisha, 757001
Advt. No. 1976 / NHM / 2025-26 Dt : 29.05.2025

**TENDER DOCUMENT FOR SUPPLY OF WORKING LUNCH FOR TRAINING / WORKSHOP/MEETING UNDER ZSS, MAYURBHANJ**

E-124 : Sealed proposals as per prescribed document are invited from interested eligible bidders for SUPPLY OF WORKING LUNCH FOR TRAINING / WORKSHOP / MEETING UNDER ZSS, MAYURBHANJ. The eligible criteria, the details requirement of the said services and the formats for submission of proposals are set forth in the tender documents which can be downloaded from the website **https:// mayurbhanj.odisha.gov.in.** Interested bidders fulfilling the eligibility criteria may submit their proposals (with document as per tender call notice) to the O/o : CMD & PHO, DHH, Baripada, Mayurbhanj. The Proposal(s) complete in all respect should reach the undersigned on or before dt: 01.00 PM of dt : 16.06.2025 through Regd. Post / Speed post / Courier and the same will be opened on dt : 17.06.2025 at 11.30 AM in the office chamber of the undersigned. The undersigned reserves the right to reject any or all the tender(s) without assigning any reason thereof.

Sd/- Chief District Medical & Public Health Officer
Mayurbhanj
OIPR : 10020/11/0035/2526



**AFFIDAVIT**

By virtue of an affidavit No.12AA823413 sworn before SRI Nilamani Behera Notary public, Bhubaneswar dated 24/05/2025.I SRI Sudhansu Sekhar kar aged about 62,S/O-Late Gokulananda kar, resident of Flat no. H-405, Acropolis Appartment, Gothapatna, P.O-Malipada, P.S-Chandaka, Bhubaneswar, Dist-Khordha, Pin-751003,Odisha do hereby declare that my actual name is SUDHANSU SEKHAR KAR In Adhar & all official documents .That Sudhansu Sekhar kar & Sudhansu kar belongs to one and same person. Hence, Name mismatch,Sudhansu kar(Old Name) be corrected as Sudhansu Sekhar Kar (New Name) where are required.

(Sudhansu Sekhar Kar)


# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ତ୍ରିଦିବସୀୟ ପୂର୍ବ ଭାରତୀୟ ପ୍ରାଚ୍ୟବିଦ୍ୟା ସମ୍ମିଳନୀ ଉଦ୍‌ଯାପିତ




ବାଲେଶ୍ୱର, (ସବ୍ୟୁ) :ଫକୀର ମୋହନ (ଏଫଏମ) ବିଶ୍ୱବିଦ୍ୟାଳୟ, ବାଲେଶ୍ୱର ଓ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ ସହଯୋଗରେ ପଞ୍ଚମ ପୂର୍ବ ଭାରତ ଓରିଏଣ୍ଟାଲ୍ କନଫରେନ୍ସ (ଇଆଇଓସି) ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ତିନି ଦିନିଆ ଶାସ୍ତ୍ରୀୟ ସମ୍ମିଳନୀରେ ପୂର୍ବ ଓ ଉତ୍ତରପୂର୍ବ ଭାରତରୁ ୨୦୦ ରୁ ଅଧିକ ଗବେଷକ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଭାରତୀୟ ପାରମ୍ପରିକ ଜ୍ଞାନ ପରମ୍ପରା ବିଷୟରେ ଅନ୍ତର୍ଗତ ଆଲୋଚନା ଓ ଗଭୀର ଚର୍ଚ୍ଚା କରିଥିଲେ।ଏହି ସମ୍ମିଳନୀ ଦୁଇ ବର୍ଷରେ ଥରେ ଆୟୋଜିତ ହୁଏ ଓ ବେଦ, ସଂସ୍କୃତ ସାହିତ୍ୟ, ଭାରତୀୟ ଦାର୍ଶନିକତା, ବ୍ୟାକରଣ, ଧର୍ମ, ଐତିହ୍ୟ, ପୁରାତ‰, ଓ ସାହିତ୍ୟିକ ମୂଳତ‰ ଓ ପରମ୍ପରା ବିଷୟରେ ଗବେଷଣା ପାଇଁ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ରୂପେ ପରିଚିତ। ଏହି ବର୍ଷ, ଓଡିଶାରେ ବିଶେଷ ଭାବେ ସଂରକ୍ଷିତ ଅଥର୍ବ ବେଦର ପୈªଳାଦ ପରମ୍ପରା ଓ ବାଲେଶ୍ୱର ଅଞ୍ଚଳର ଦୁଇ ମହାନ ବୈଷ୍ଣବ ଚିନ୍ତକ ଶ୍ରୀଧର ସ୍ୱାମୀ ଓ ବଳଦେବ ବିଦ୍ୟାଭୂଷଣଙ୍କ ଜ୍ଞାନ-ଭକ୍ତି ଦାର୍ଶନିକତା ଉପରେ ବିଶେଷ ଗଭୀରତା ଦିଆଯାଇଥିଲା।ଏଥିପାଇଁ ଫକୀରମୋହନ ସେନାପତିଙ୍କ ସାହିତ୍ୟିକ ଅବଦାନକୁ ସ୍ମରଣ କରି ବିଶେଷ ଅଧିବେଶନ ଆୟୋଜିତ ହୋଇଥିଲା ଓ ଓଡ଼ିଆ ଭାଷାର ଆଧୁନିକ ରୂପର ଗଠନ ଓ ସୁରକ୍ଷାରେ ତାଙ୍କର ଅପୂର୍ବ ଭୂମିକା ଅନୁଲେଖିତ ହେବାନେଇ ଆଲୋକପାତ କରାଯାଇଥିଲା।ସମ୍ମିଳନୀରେ ୫୦ରୁ ଅଧିକ ଗବେଷଣା ପତ୍ର ପ୍ରସ୍ତୁତ କରାଯାଇଥିଲା, ଯାହାରେ ଆୟୁର୍ବେଦ, ଭାଷା ବିଜ୍ଞାନ, ନାଟ୍ୟଶାସ୍ତ୍ର ଓ ସାହିତ୍ୟ ସମାଲୋଚନା ସମେତ ବିଭିନ୍ନ ବିଷୟର ଅନୁଷ୍ଠାନ ହୋଇଥିଲା। ସମ୍ମିଳନୀ ଏହି ପ୍ରତିବଦ୍ଧତାକୁ ପୁନର୍ନିର୍ବାହ କରି ଭାରତୀୟ ଜ୍ଞାନ ପରମ୍ପରା (ଆଇକେଏସ) କୁ ରାଷ୍ଟ୍ରୀୟ ଶିକ୍ଷା ନୀତି ୨୦୨୦ ସହ ସମନ୍ୱୟ କରି ଶିକ୍ଷାର ସମସ୍ତ ମାନଦଣ୍ଡରେ ଅନ୍ତର୍ଭୁକ୍ତ କରିଥିଲା।ସମାପନୀ ସଭାରେ ସମ୍ମାନନୀୟ ସଂସଦ ସଦସ୍ୟ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ହୋଇ, ସଂସ୍କୃତ ଓ ବେଦର ଶାଶ୍ୱତ ମୂଲ୍ୟ ଓ ଏହାର ଆଧୁନିକ ବୈଜ୍ଞାନିକ ଗୁରୁତ୍ୱ ଉପରେ ମୂଲ୍ୟବାନ ଉଦବୋଧନ ପ୍ରଦାନ କରିଥିଲେ।ଏହି ସଭାରେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ ମାନଙ୍କ ସହ ପ୍ରଫେସର ହରେକୃଷ୍ଣ ମିଶ୍ର ସମ୍ମିଳନୀ ସଂଯୋଜକ,ଡ଼ା. ନିବେଦିତା ପତି ପ୍ରକାଶନ ବିଭାଗ ସଚିବ, ଇଆଇଓସି, ପ୍ରଫେସର ବ୍ରଜକିଶୋର ସ୍ୱାଇଁ ଉପାଧ୍ୟକ୍ଷ, ଇଆଇଓସି,ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଅଧ୍ୟକ୍ଷ,ଇଆଇଓସି ପ୍ରମୁଖ ଉପସ୍ଥିତ ହୋଇ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଡ଼ା. ଦେବାଶିଷ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ। ତିନିଦିନିଆ ସମ୍ମିଳନୀରେ ଗ୍ରହଣ କରାଯାଇଥିବା ମୁଖ୍ୟ ସଙ୍କଳ୍ପ ଗୁଡିକ, ଯଥା ସଂସ୍କୃତକୁ ଭାରତୀୟ ଜ୍ଞାନ ପରମ୍ପରାର ମୌଳିକ ଅଂଶ ଭାବେ ଅନୁଷ୍ଠାନିକ ଭାବେ ଶିକ୍ଷା ପାଠ୍ୟକ୍ରମରେ ସାମିଲ କରିବା, ଛାତ୍ରଛାତ୍ରୀଙ୍କୁ ନିବିଡ଼ ଶିକ୍ଷାସ୍ତର ରେ ପହଞ୍ଚିବା ପର୍ଯ୍ୟନ୍ତ ଆଇକେଏସ୍-ଆଧାରିତ ଶିକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଦ୍ୱାରା ନୀତି ପ୍ରଣୟନ, ଓଡିଶାର ବୈଦିକ ପରିଚୟ ରକ୍ଷା କରିବା ଲାଗି ପୈªଳାଦ ସଂହିତାର ସମ୍ପାଦନ ଓ ଅନୁବାଦ,ଶ୍ରୀଧର ସ୍ୱାମୀ ଓ ବଳଦେବ ବିଦ୍ୟାଭୂଷଣଙ୍କ କୃତିର ପ୍ରକାଶନ ଓ ଶିକ୍ଷାତ୍ମକ ସଂସ୍ଥାନଗତ ଇତ୍ୟାଦି ଅନ୍ତର୍ଭୁକ୍ତ କରାଯାଇଥିଲା। ବିଶେଷ ଶିକ୍ଷାଗତ ଦାବି ଇଆଇଓସି ରାଜ୍ୟ ଓ ଭାରତ ସରକାର ନିକଟରେ ଜଣାଇଥିବା ଦାବି ଗୁଡିକ, ଯଥା -ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଶ୍ରୀଧର ସ୍ୱାମୀ ଓ ବଳଦେବ ବିଦ୍ୟାଭୂଷଣ ଚେୟାର ନିର୍ମାଣ କରାଯାଉ ଓ ଏହାସହିତ ବାରିପଦାର ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ପୈªଳାଦ ପରମ୍ପରା ଚେୟାର ଗଠିତ କରାଯାଉ। ଏହି ସମ୍ମିଳନୀ ଏକ ନୂଆ ପ୍ରେରଣା ସହିତ ସମାପ୍ତ ହେବା ସହ ଯୁବପିଢ଼ିଙ୍କୁ ଭାରତର ବୌଦ୍ଧିକ ଓ ଆଧ୍ୟାତ୍ମିକ ଧାରା ସହ ପୁନଃ ସଂଯୋଗ କରି ଏହି ପ୍ରାଚୀନ ଜ୍ଞାନ ପାରମ୍ପରିକତା ଭବିଷ୍ୟତକୁ ଆଲୋକିତ କରିଛି ବୋଲି ଆୟୋଜକ ମତବ୍ୟକ୍ତ କରିଛନ୍ତି।


**GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION No.II, KEONJHAR**
E-mail : eerw_kjr2@yahoo.com
O-212

**"e"-Procurement Notice for Road Works**

**Identification No Online NCB-05/2024-25**

1. Name of the work : Road Work
2. Total Number of Work : 01 No.
3. Estimated Cost : Rs. 70.40 Lakhs
4. Class of Contractor : Only 'B' Class
5. Period of Completin : As per annexure of e-Procurement Notice No. 05/2024-25
6. Other Details :

| Procurement Officer | Bid Identification No. | Availability of tender On-line for bidding | | Last date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-II, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| | | | | | Double Cover | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-II, Keonjhar | Road Online NCB No.05 | Dt. 03.06.25 at 11.00 A.M. | Dt.17.06.25 up to 5.00 P.M. | Dt.16.06.25 up to 5.00 P.M. | Dt.18.06.25 at 11.00 A.M. | Will be Intimated later |

Further details can be seen from the website: www.tendersodisha.gov.in.

Sd/- Executive Engineer,
R.W. Divn. No-II, Keonjhar
OIPR : 25093/11/0019/2526



ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଆଲଜେରିଆରେ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ

## ବିଏମ୍‌ସିର କର୍ପୋରେସନ ବୈଠକ
# ଡେଙ୍ଗୁ ନିୟନ୍ତ୍ରଣ ଲାଗି ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ

ଭୁବନେଶ୍ୱର(ସବ୍ୟୁ): ଚଳିତବର୍ଷ ଆଗୁଆ ମୌସୁମୀ ବର୍ଷା ଆସିଯାଇଥିବାରୁ ବିଏମ୍‌ସି ଅଞ୍ଚଳରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମକୁ ଜୋରଦାର କରିବାକୁ ନିଷ୍ପତ୍ତି ହୋଇଛି । ଡେଙ୍ଗୁ ଯେପରି ନବ୍ୟାପେ, ସେଥିପ୍ରତି ସମସ୍ତେ ସଜାଗ ରହିବା ସହ ରୋଗୀ ସଂଖ୍ୟା ହ୍ରାସ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ଏଥିପାଇଁ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯିବ । ଯଦି କାହାଘରେ ଡେଙ୍ଗୁ ରୋଗୀ ଚିହ୍ନଟ କରାଯାଏ, ତେବେ ସଂପୃକ୍ତ ବ୍ୟକ୍ତିଙ୍କ ଘର ଓ ତାଙ୍କର ଆଖପାଖ ଅଞ୍ଚଳରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ । କ୍ୟାପିଟାଲ ହସ୍ପିଟାଲ, ପଟିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଆଇଆରସି ଭିଲେଜ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଆରଏମ୍‌ଆରସି ଏବଂ ଏମ୍ସରେ ଡେଙ୍ଗୁ ରକ୍ତ ନମୁନା ପରୀକ୍ଷା କରାଯାଉଛି । ଜୁନ୍ ପ୍ରଥମ ସପ୍ତାହରୁ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମକୁ ଜୋରଦାର କରାଯିବ । ସେହିପରି ଡ୍ରେନରୁ ପଙ୍କଉଦ୍ଧାର ଏବଂ ମୁକୁଳା ଡ୍ରେନଗୁଡିକ ଉପରେ ସ୍ଲାବ ପକାଇବା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ବର୍ଷା ଆରମ୍ଭ ହେବା ପୂର୍ବରୁ ସେହି କାମ ସବୁ ଶେଷ କରିବାକୁ କୁହାଯାଇଛି । ଇସ୍କନ ମନ୍ଦିରଠାରେ ବର୍ଷା ପାଣି ହେଉଥିବାରୁ ସେଠାରେ ୧.୬ କିଲୋମିଟର ଡ୍ରେନେଜ୍ ଚ୍ୟାନେଲ ନିର୍ମାଣ ଓ ବମିଖାଲ ଠାରେ ବକ୍ସ ଡ୍ରେନ ନିର୍ମାଣ ପାଇଁ ସରକାରଙ୍କୁ ପ୍ରସ୍ତାବ

**ତୁରନ୍ତ ଡ୍ରେନ କାମ ସାରିବାକୁ ନିର୍ଦ୍ଦେଶ**
**ଠିକାଦାରଙ୍କୁ ଯାଞ୍ଚ ପରେ ଏନଓସି ମିଳିବ**

ଦିଆଯିବ । ଏହାଛଡ଼ା ସହରର ବିଭିନ୍ନ ସ୍ଥାନରେ ବର୍ଷା ପାଣି ଜମୁଥିବା ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ବୈଠକରେ ସ୍ଥିର ହୋଇଛି । ଯେଉଁ ୱାର୍ଡରେ ପାର୍କ ନାହିଁ ସେହି ସବୁ ୱାର୍ଡରେ ପାର୍କ ନିର୍ମାଣ କରାଯିବ । ବିଡିଏ ପାଖରେ ଯେଉଁସବୁ ବଡ ବଡ ପାର୍କ ରହିଛି, ସେଗୁଡିକୁ ବିଏମ୍‌ସିକୁ ଆଣିବା ପାଇଁ ଯୋଜନା କରାଯାଉଛି ।

ଯେଉଁ ଠିକାଦାରମାନେ ରାସ୍ତା କିମ୍ବା ଅନ୍ୟାନ୍ୟ କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ଏନଓସି ଦେବା ପୂର୍ବରୁ ତାଙ୍କର କାର୍ଯ୍ୟକୁ ଭଲ ଭାବେ ଯାଞ୍ଚ କରି ଏନଓସି ଦେବା ପାଇଁ କୁହାଯାଇଛି । ସେହିପରି ୱାଟକୋ କିମ୍ବା ବିଦ୍ୟୁତ ବିଭାଗ ରାସ୍ତା ଖୋଳିବା ପୂର୍ବରୁ ବିଏମ୍‌ସିର ଅନୁମତି ନେବା ଦରକାର । ରାସ୍ତା ଖନନ କରି କାମ ସାରିବା ପରେ ସଂପୃକ୍ତ ବିଭାଗ ସେହି ରାସ୍ତାର ମରାମତି କରିବ । ବିଏମସି ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ କମିଶନର ରତ୍ନାକର ସାହୁ, ସସ୍ମିତା ସାହୁ, ଶୁଭେନ୍ଦୁ କୁମାର ସାହୁ, କୈଳାସ ଚନ୍ଦ୍ର ଦାସ, ସିଟି ଇଂଜିନିୟର ବିକାଶ କୁମାର ବେହେରା, ମୁଖ୍ୟ ବିତ୍ତ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଚୋରା ଗଞ୍ଜେଇ କାରବାରକୁ ନେଇ ପୋଲିସ ଚଢାଉ

ଭୁବନେଶ୍ୱର, (ସବ୍ୟୁ) : ଚୋରା ଗଞ୍ଜେଇ କାରବାରକୁ ନେଇ କମିଶନରେଟ୍ ପୋଲିସ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଓ ଏସ୍‌ଟିଏଫ୍ ମିଶି ୪ ନମ୍ବର, ମାଷ୍ଟରକ୍ୟାଣ୍ଟିନ ଓ ଭୋଇନଗର ପ୍ରଭୃତି ଅଞ୍ଚଳରେ ଚଢାଉ କରି ବିପୁଳ ପରିମାଣର ଗଞ୍ଜେଇ, ଗଞ୍ଜେଇ ସିଗାରେଟ୍ ଜବତ କରିଛନ୍ତି । ଗଞ୍ଜେଇ ସିଗାରେଟ୍ ୩୦ଟଙ୍କା ଲେଖାରେ ବିକ୍ରି ହେଉଥିବା ବେଳେ ଜରିପୁଡିଆ ଗଞ୍ଜେଇ ୧୦୦ଟଙ୍କା ଓ ୫୦ଟଙ୍କା ଲେଖାରେ ବିକ୍ରି ହେଉଛି । ସିଗାରେଟ୍‌କୁ ଉପଭୋକ୍ତାମାନେ ସ୍ପେଶାଲ ସିଗାରେଟ୍ ମାଗୁଥିବା ବେଳେ ଗଞ୍ଜେଇକୁ ଭୋଗ କହି ମାଗୁଛନ୍ତି । ପୋଲିସ ଚଢାଉ କରିଥିବା ସହରର ଏହି ତିନୋଟି ସ୍ଥାନରେ ଚୋରା ଗଞ୍ଜେଇ ବିକ୍ରି ହେଉଛି ତାହା ଠିକ୍ ନୁହେଁ । ସମଗ୍ର ସହରର ବିଭିନ୍ନ ବଜାର ଓ ଗାଁମାନଙ୍କରେ ବସ୍ତା ବସ୍ତା ଗଞ୍ଜେଇ କାରବାର ହେଉଛି । ଚାଲାଣକାରୀମାନେ କନ୍ଧମାଳ, କୋରାପୁଟ, ମୟୂରଭଞ୍ଜ ପ୍ରଭୃତି ଅଞ୍ଚଳରୁ ଆଣି ଏହି ବିକ୍ରେତାମାନଙ୍କୁ ଯୋଗାଇ ଦେଉଛନ୍ତି । ବହୁ ସମୟରେ ଚାଲାଣକାରୀଙ୍କୁ ମଧ୍ୟ ପୋଲିସ ଗିରଫ କରୁଛି ।

## ରଜ ପର୍ବ ଉପଲକ୍ଷେ ଚାନ୍ଦିଭଣ୍ଡାରର ବର୍ଣ୍ଣ ବ୍ୟୁଟିଫୁଲ୍ କ୍ୟାମ୍ପେନର ଶୁଭାରମ୍ଭ



ଭୁବନେଶ୍ୱର (ସବ୍ୟୁ): ଆଗାମୀ ରଜ ପର୍ବ ପାଳନ ଉପଲକ୍ଷେ ରୂପା ଗହଣାର ଏକ୍ସକ୍ଲୁସିଭ୍ ଷ୍ଟୋର ଚାନ୍ଦିଭଣ୍ଡାର ଆକର୍ଷଣୀୟ ଟ୍ୟୁଲିପ୍ କଲେକ୍ସନ୍ ସହିତ ବର୍ଣ୍ଣ ବ୍ୟୁଟିଫୁଲ୍ କ୍ୟାମ୍ପେନ୍ ଆରମ୍ଭ କରିଛି । ଏହି ବ୍ରାଣ୍ଡ୍ ପ୍ରତ୍ୟେକ ଝିଅ, ମହିଳା ଓ ରଜ ପର୍ବକୁ ସ୍ମରଣୀୟ କରେ । ଏହି କଲେକ୍ସନ୍ ପ୍ରତ୍ୟେକ ଝିଅଙ୍କ ସୌନ୍ଦର୍ଯ୍ୟତାକୁ ପାଳନ କରେ । ଏହି ଉତ୍ସବର ଅଂଶସ୍ୱରୁପ ଚାନ୍ଦିଭଣ୍ଡାର ଆଣିଛି ଟ୍ୟୁଲିପ୍ ସମ୍ଭାର । ଏହାଏକ ୧୮ କ୍ୟାରେଟ୍ ସୁନା ଲେପଯୁକ୍ତ ରୂପା ଗହଣାର ଆକର୍ଷଣୀୟ କଲେକ୍ସନ୍ ଏବଂ ଫୁଟିଥିବା ଟ୍ୟୁଲିପ୍ ଫୁଲର ରଙ୍ଗ ଓ ସୌନ୍ଦର୍ଯ୍ୟ ଦ୍ୱାରା ଅନୁପ୍ରାଣିତ । ଗାଢ଼ ଲାଲ୍, ହଳଦିଆ, ଗାଢ଼ କମଳା ରଙ୍ଗରେ ଏନାମେଲ୍ ୱାର୍କ ସହିତ ପ୍ରତ୍ୟେକ ପିସ୍‌କୁ ଜିରକନ୍ ସହିତ ଅତି ସୁକ୍ଷ୍ମ ଭାବରେ ପ୍ରସ୍ତୁତ କରାଯାଇଛି । ଏହା ଅତ୍ୟନ୍ତ ଷ୍ଟାଇଲିଷ୍ଟ । ସମସ୍ତ ବୟସର ମହିଳା ଓ ଷ୍ଟାଇଲ୍‌କୁ ଦୃଷ୍ଟିରେ ରଖି ଏହି କଲେକ୍ସନ୍‌କୁ ଡିଜାଇନ୍ କରାଯାଇଛି । ବର୍ଣ୍ଣ ବ୍ୟୁଟିଫୁଲ୍ କ୍ୟାମ୍ପେନ୍ ପାଇଁ ଚାନ୍ଦିଭଣ୍ଡାର ରାଜ୍ୟ ବ୍ୟାପୀ ୪ହଜାରରୁ ଉର୍ଦ୍ଧ୍ୱ ପଞ୍ଜିକରଣ ହାସଲ କରିଛି । ଦୁଇ ଦିନର ଅଡିସନ୍ ପ୍ରକ୍ରିୟା ପରେ ୫୦୦ରୁ ଉର୍ଦ୍ଧ୍ୱ ପ୍ରାର୍ଥୀଙ୍କ ମଧ୍ୟରୁ ୧୧ଜଣ ଅନନ୍ୟ ମହିଳାଙ୍କୁ ଚୟନ କରାଯାଇଛି । ବଡ ସ୍ୱପ୍ନ ରଖିଥିବା ସାଧାରଣ ଝିଅଙ୍କୁ ସେଲିବ୍ରିଟ୍ କରିବା ଏହି କ୍ୟାମ୍ପେନର ଉଦ୍ଦେଶ୍ୟ । ରୂପା ଗହଣା ସହିତ ଚାନ୍ଦିଭଣ୍ଡାରରେ ଆଧୁନିକ ଲାଇଫ୍‌ଷ୍ଟାଇଲ୍ ଉତ୍ପାଦନ ମଧ୍ୟ ରହିଛି । ପାରମ୍ପାରିକ ରୂପା ଆଇଟମ୍ ସହିତ ଏହା ଆଧୁନିକ ଲାଇଫ୍‌ଷ୍ଟାଇଲ୍ ଉତ୍ପାଦ ମଧ୍ୟ ଉତ୍ପାଦ କରାଇଛି ।

## ଆପୋଲୋ ହସ୍ପିଟାଲ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ




ଭୁବନେଶ୍ୱର, (ସବ୍ୟୁ) : ଦିନକୁ ଦିନ ମୁଖ ଗହ୍ୱର କର୍କଟ ବ୍ୟାପିବାରେ ଲାଗିଛି । ବର୍ଷକୁ ପାଖାପାଖି ୫୨ ହଜାରରୁ ଉର୍ଦ୍ଧ୍ୱ ଲୋକେ ଏଥିରେ ମୃତ୍ୟୁ ବରଣ କରୁଛନ୍ତି । ଏହାକୁ ଆଖି ଆଗରେ ରଖି ଶୁକ୍ରବାର ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ସ୍ଥାନୀୟ ଆପୋଲୋ ହସପିଟାଲ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ହସପିଟାଲର ସିଓଓ ଡ. ଆଲୋକ ଶ୍ରୀବାସ୍ତବ ଯୋଗଦେଇ ମୁଖ ଗହ୍ୱର କର୍କଟ ଦିନକୁ ଦିନ ବ୍ୟାପୁଥିବାରୁ ଆମ୍ଭମାନଙ୍କୁ ଏଥିପ୍ରତି ସତର୍କ ରହିବାକୁ ପଡିବ । ଗୁଟଖା, ତମାଖୁ, ପାନ, ସିଗାରେଟ ଓ ମଦ୍ୟପାନ ଏହି ରୋଗର ମୁଖ୍ୟ କାରଣ । ତେଣୁ ତମାଖୁ ଠାରୁ ନିଜକୁ ଦୁରେଇ ରଖିବା ସହିତ ପ୍ରାରମ୍ଭିକ ପର୍ଯ୍ୟାୟରେ ମୁଖ ଗହ୍ୱରରେ ଲାଲ୍, ଧଳା ରଙ୍ଗର ଚିହ୍ନ ଦେଖାଗଲେ ଏହାର ପରୀକ୍ଷା କରିବା ସହିତ ଚିକିତ୍ସା କରାଇଲେ ଏହା ଭଲ ହୋଇପାରିବ । ଏଥି ନିମନ୍ତେ ଭୁବନେଶ୍ୱର ସ୍ଥିତ ଆପୋଲୋ ହସ୍‌ପିଟାଲରେ ସମସ୍ତ ଚିକିତ୍ସା ବ୍ୟବସ୍ଥା ସୁଲଭ ମୂଲ୍ୟରେ କରାଯାଉଛି ବୋଲି କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆପୋଲୋ ହସପିଟାଲ ଭୁବନେଶ୍ୱରର ରେଡିଏସନ ଅଙ୍କୋଲୋଜିଷ୍ଟ ଡ. ସମରେନ୍ଦ୍ର ଦାଶ, ହେମାଟୋ ଅଙ୍କୋଲୋଜିଷ୍ଟ ଡ. ପ୍ରିତିଶ ଚନ୍ଦ୍ର ପାତ୍ର ଓ ଅଙ୍କୋଲୋଜିଷ୍ଟ ଡା. ପ୍ରଶାନ୍ତ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ତମାଖୁ ସେବନ ଠାରୁ ଦୁରେଇ ରହିବାକୁ ପରାମର୍ଶ ଦେବା ସହିତ ମୁଖ ଗହ୍ୱର କର୍କଟ ସମ୍ପର୍କରେ ସଚେତନ କରାଇଥିଲେ । ଏଥିରେ ହସପିଟାଲର ବିଭିନ୍ନ ବିଭାଗର ଡାକ୍ତର, ନର୍ସ, କର୍ମଚାରୀଙ୍କ ସମେତ ରୋଗୀ ଓ ସେମାନଙ୍କ ଆଟେନାଣ୍ଟମାନେ ଉପସ୍ଥିତ ଥିଲେ ।

## ବୀର ଯବାନଙ୍କ ସାହସ ଓ ପରାକ୍ରମ ଉଦ୍ଦେଶ୍ୟରେ ରକ୍ତଦାନ ଶିବିର



ଭୁବନେଶ୍ୱର, (ସବ୍ୟୁ): ଅପରେସନ ସିନ୍ଦୁର'ର ସଫଳତା ଏବଂ ବୀର ଯବାନଙ୍କ ସାହସ ଓ ପରାକ୍ରମ ଉଦ୍ଦେଶ୍ୟରେ ତଥା ରକ୍ତଭାବ ପୂରଣ କରିବା ପାଇଁ ଏକାମ୍ର ନିର୍ବାଚନ ମଣ୍ଡଳୀର ଡୁମୁଡୁମା ଅଞ୍ଚଳରେ ଏକାମ୍ର ନିର୍ବାଚନ ମଣ୍ଡଳୀର ମହିଳା ମାନଙ୍କ ଦ୍ୱାରା ଆୟୋଜିତ ରକ୍ତ ଦାନ ଶିବିର କୁ ଏକାମ୍ର ବିଧାୟକ ବାବୁ ସିଂ ଉଦ୍ଘାଟନ କରିଥିଲେ । ରକ୍ତଦାନ ଶିବିରରେ ଏକାମ୍ର ନିର୍ବାଚନ ମଣ୍ଡଳୀର ବହୁ ମହିଳା ମାନେ ଆସି ରକ୍ତଦାନ କରିଥିଲେ । ଏହି ରକ୍ତ ଦାନ ଶିବିର ରେ ମା ଓ ଭଉଣୀମାନେ ବିପୁଳ ସଂଖ୍ୟାରେ ଯୋଗ ଦେଇଥିବାରୁ ଅନେକ ଅନେକ ଧନ୍ୟବାଦ ଜଣାଉଛି ବୋଲି ଶ୍ରୀ ସିଂ କହିଛନ୍ତି । ଆଜିର ଏହି ରକ୍ତ ଦାନ ଶିବିରରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ବିଜେପି ନେତା ଜିତୁ ପଟ୍ଟନାୟକ, ସୁମିତ୍ରା ଆଚାର୍ଯ୍ୟ,ସୁକାନ୍ତ ପାତ୍ର, ଅପର୍ତ୍ତି ସୁନ୍ଦରାୟ, ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ହଷ୍ଟେଲ ବାଥରୁମରୁ ନର୍ସଙ୍କ ମୃତଦେହ ଉଦ୍ଧାର
# ରେଲିଂରେ ଗାମୁଛା ବାନ୍ଧି ଝୁଲିପଡିଲେ

କଟକ,(ସବ୍ୟୁ): ଲେଡିଜ ହଷ୍ଟେଲ ବାଥରୁମରୁ ଝୁଲନ୍ତା ଅବସ୍ଥାରେ ଜଣେ ନର୍ସଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତକ ଜଣକ ହେଲେ ବାଲେଶ୍ୱର ଜିଲ୍ଲା ଖନ୍ତାପଡା ଥାନା ନରହରିପୁର ଗାଁର ଅର୍ଜୁନ ଦାସଙ୍କ ଅବିବାହିତା ଝିଅ କଳ୍ପନା ଦାସ(୨୫) । ମାଲଗୋଦାମ ଥାନା ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଏସସିବି ମେଡିକାଲ ପଠାଇଛି । ମୃତ୍ୟୁର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି । କଲେଜ ଛକ ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ କଳ୍ପନା ଗଲା ଦେଢ ମାସ ହେବ ନର୍ସ ଭାବେ ଚାକିରି କରୁଥିଲେ । ଯୋବ୍ରା ଆଇ ଲଭ କଟକ ନିକଟ ଏକ ଲେଡିଜ ହଷ୍ଟେଲରେ ସେ ରହୁଥିଲେ । କଳ୍ପନାଙ୍କ ସହିତ ତାଙ୍କ ରୁମରେ ଆହୁରି ତିନି ଜଣ ନର୍ସ ବି ରହୁଥିଲେ । ଶୁକ୍ରବାର ସକାଳେ ଅନ୍ୟ ୨ ଜଣ ହସ୍ପିଟାଲ ଯାଇଥିଲେ । ରୁମରେ କଳ୍ପନା ଓ ଅନ୍ୟ ଜଣେ ସହକର୍ମୀ ଥିଲେ । ଦିନ ପ୍ରାୟ ୧୧ଟା ୩୦ ବେଳେ କଳ୍ପନା ଗାଧୋଇବାକୁ ବାଥରୁମକୁ ଯାଇଥିଲେ । କିନ୍ତୁ ସେ କବାଟ ଖୋଲିବାରେ ବିଳମ୍ବ କରିବାରୁ ଅନ୍ୟମାନେ କବାଟ ବାଡେଇଥିଲେ । ହେଲେ ଭିତରୁ କୌଣସି ଉତ୍ତର ମିଳିନଥିଲା । ସନ୍ଦେହ ହେବାରୁ ସାଙ୍ଗମାନେ କବାଟ ଭାଙ୍ଗି ଦେଇଥିଲେ । ଏହାପରେ ଦେଖିଲେଯେ, ବାଥରୁମର ରେଲିଂରେ କଳ୍ପନାଙ୍କ ମୃତଦେହ ଝୁଲିରହିଛି । ଏକ ଗାମୁଛାକୁ ବେକରେ ବାନ୍ଧି ସେ ଝୁଲିପଡିଥିଲେ । ଏ ସମ୍ପର୍କରେ ତୁରନ୍ତ ହସ୍ପିଟାଲ କର୍ତ୍ତୃପକ୍ଷ ଓ ମାଲଗୋଦାମ ଥାନାକୁ ଖବର ଦିଆଯାଇଥିଲା । ପୁଲିସ ସେଠାରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ କରି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଏସସିବି ପଠାଇଛି । ଶନିବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି ।

ଉକ୍ତ ରୁମରୁ ପୁଲିସ କଳ୍ପନାଙ୍କର ଏକ ମୋବାଇଲ ଜବତ କରିଛି । ଘଟଣା ନେଇ ସହକର୍ମୀ, ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ପୁଲିସ ପଚରାଉଚରା କରିଛି । ତାଙ୍କ ସହିତ ହଷ୍ଟେଲରେ ରହୁଥିବା କିଛି ସହକର୍ମୀ କହିଛନ୍ତିଯେ, କଳ୍ପନା ପୂର୍ବରୁ ଜଗତପୁର ସ୍ଥିତ ଏକ ହସ୍ପିଟାଲରେ ଚାକିରି କରୁଥିଲେ । ବିଶେଷ କାହା ସହିତ ମିଳାମିଶା କରୁନଥିଲେ । ଗତ ୨୭ ତାରିଖରେ ତାଙ୍କର ଜନ୍ମଦିନ ଆୟୋଜିତ ହୋଇଥିଲା । ଆଜି ସେ ସମସ୍ତ ବାନ୍ଧବୀଙ୍କୁ ଖାଇବାକୁ ଦେଇଥାନ୍ତେ । ସକାଳେ ସେ ଚିକେନ ଓ ଭାତ ରୋଷେଇ କରିବେ ବୋଲି କହିଥିଲେ । ସମସ୍ତେ ମିଶି ମଧ୍ୟାହ୍ନ ଭୋଜନ କରିବାର ଯୋଜନା ଥିଲା ବୋଲି ବାନ୍ଧବୀ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇଛନ୍ତି । ତେବେ ଉକ୍ତ ହସ୍ପିଟାଲରେ ଯୋଗଦେବାର ମାତ୍ର ଦେଢ ମାସ ଭିତରେ ଏଭଳି କି ପ୍ରକାର ପରିସ୍ଥିତି ସୃଷ୍ଟି ହେଲାଯେ କଳ୍ପନା ଆତ୍ମହାତ୍ୟା ଭଳି ଚରମ ନିଷ୍ପତ୍ତି ନେଲେ ସେନେଇ ସନ୍ଦେହ ସୃଷ୍ଟି ହୋଇଛି । ଏନେଇ ପୁଲିସ ତଦନ୍ତ କରୁଛି । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମୃତକଙ୍କ ପରିବାର ଲୋକ ଥାନାରେ କୌଣସି ଅଭିଯୋଗ କରିନଥିବା ଥାନା ଅଧିକାରୀ ରଜନୀକାନ୍ତ ଦାସ ସୂଚନା ଦେଇଛନ୍ତି ।

## ଅଜଣା ବ୍ୟକ୍ତିଙ୍କ ଗଳିତ ଶବ ଉଦ୍ଧାର

ଚୌଦ୍ୱାର, (ସବ୍ୟୁ) : ଟାଙ୍ଗୀ ଥାନା ଅନ୍ତର୍ଗତ ବ୍ୟାଙ୍କ୍ ଛକ ନିକଟରେ ନିର୍ମାଣଧୀନ ରେଳ ଓଭରବ୍ରିଜ୍ ତଳୁ ଏକ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ଦେଖି ସ୍ଥାନୀୟ ଲୋକେ ଟାଙ୍ଗୀ ଥାନାକୁ ଖବର ଦେଇଥିଲେ । ମୃତଦେହଟି କ୍ଷତବିକ୍ଷତ ଅବସ୍ଥାରେ ପୋଲ ତଳେ ପଡ଼ିଥିବା ବେଳେ ପୁଲିସ୍ ଏହାକୁ ଉଦ୍ଧାର କରି କଟକ ବଡ଼ମେଡ଼ିକାଲକୁ ଶବବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ମୃତବ୍ୟକ୍ତିଙ୍କର କୌଣସି ପରିଚୟ ମିଳିପାରିନଥିବା ବେଳେ ପାରିପାର୍ଶ୍ୱିକ ପରିସ୍ଥିତିରୁ ଜଣାପଡୁଛି ସେ ଜଣେ ମାନସିକ ରୋଗୀ କିମ୍ବା ନିଶାସକ୍ତ ଅବସ୍ଥାରେ ଅସାବଧନତା ପାଇଁ ପୋଲ ଉପରୁ ତଳକୁ ଖସି ମୃତ୍ୟୁବରଣ କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଶିବପ୍ରସାଦ ଭଦ୍ର ପ୍ରକାଶ କରିଛନ୍ତି ।

## ପୁରୀରେ ବେଦାନ୍ତ ବିଶ୍ୱବିଦ୍ୟାଳୟ
# ଏକ ବଡ ସୁଯୋଗ ହରାଇଲା ଓଡ଼ିଶା

ଭୁବନେଶ୍ୱର (ସବ୍ୟୁ): ବିଶ୍ୱ ଶିକ୍ଷା ସଂପ୍ରଦାୟକୁ ଚକିତ କରିଦେଇଥିବା ଏକ ନିଷ୍ପତ୍ତିରେ ଟ୍ରମ୍ପ ପ୍ରଶାସନ ସଂଘୀୟ ପ୍ରବାସ ଆଇନ୍‌ର ଉଲ୍ଲଘଂନ ଦର୍ଶାଇ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଅନ୍ତର୍ଜାତୀୟ ଛାତ୍ରଙ୍କ ନାମଲେଖା ଅଧିକାରକୁ ପ୍ରତ୍ୟାହାର କରିନେଇଛନ୍ତି । ଏହାଦ୍ୱାରା ପ୍ରାୟ ୮୦୦ ଭାରତୀୟ ଛାତ୍ର ସିଧାସଳଖ ପ୍ରଭାବିତ ହୋଇଛନ୍ତି । ଆମେରିକା ସମସ୍ତ ଛାତ୍ର ଭିସା ସାକ୍ଷାତକାରକୁ ମଧ୍ୟ ବନ୍ଦ କରିଦେଇଛି । ଏହିସବୁ ଘଟଣାରୁ ଭାରତରେ ବିଶ୍ୱସ୍ତରୀୟ ଶିକ୍ଷା ପ୍ରତିଷ୍ଠାନ ସୃଷ୍ଟି କରିବାର ଆବଶ୍ୟକତା ଜରୁରି ହୋଇପଡିଛି । ଫଳରେ ଶିକ୍ଷା ଓ ଗବେଷଣା ପାଇଁ ଭାରତୀୟ ଛାତ୍ରଙ୍କୁ ଆଉ ବିଦେଶୀ ବ୍ୟବସ୍ଥା ନିର୍ଭର ହେବାକୁ ପଡିବ ନାହିଁ । ଏଭଳି ପରିସ୍ଥିତିର ଆଶଙ୍କା କରି ବା ଆକଳନ କରି ଓଡ଼ିଶାର ପୁରୀରେ ବହୁ ପୂର୍ବରୁ ବେଦାନ୍ତ ବିଶ୍ୱବିଦ୍ୟାଳୟର ପରିକଳ୍ପନା କରାଯାଇଥିଲା । କେବଳ ସେତିକି ନୁହେଁ ୨୦୦୯ ମସିହା ଜୁଲାଇ ମାସରେ ଓଡ଼ିଶା ବିଧାନସଭା ବେଦାନ୍ତ ବିଶ୍ୱବିଦ୍ୟାଳୟ ବିଲ୍ ପାସ୍ କରିଥିଲା । ଯାହା ହାର୍ଭାର୍ଡ, ଷ୍ଟାନ୍‌ଫୋର୍ଡ ଓ ଅକ୍ସଫୋର୍ଡ ଭଳି ବିଦେଶୀ ବିଶ୍ୱବିଦ୍ୟାଳୟ ଧାରାରେ ଏକ ଅଣଲାଭକାରୀ, ବହୁବିଧ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଏକ ଐତିହାସିକ ପଦକ୍ଷେପ ଥିଲା । ଏହା କେବଳ ଏକ ଭୂମି ଅନୁଦାନ କିମ୍ବା ଏକ ବୁଝାମଣାପତ୍ର ନଥିଲା ବରଂ ଏହା ଓଡ଼ିଶାର ଶିକ୍ଷାଗତ ଭବିଷ୍ୟତକୁ ପରିବର୍ତ୍ତନ କରିବା ପାଇଁ ଏକ ରାଜ୍ୟ ସମର୍ପିତ ପ୍ରତିବଦ୍ଧତା ଥିଲା । ଏହା ଏଭଳି ଏକ ଶିକ୍ଷାନୁଷ୍ଠାନ ହେବାର ଥିଲା ଯାହା କେବଳ ଛାତ୍ର

**ବିଶ୍ୱସ୍ତରୀୟ ଅନିଶ୍ଚିତତା ଯୋଗୁ ଓଡ଼ିଶାରେ ଏଭଳି ବିଶ୍ୱବିଦ୍ୟାଳୟ ଜରୁରୀ**

ନୁହେଁ ବରଂ ନେତା ନବସୃଜନକାରୀ ଏବଂ ଉଦ୍ୟୋଗୀ ସୃଷ୍ଟି କରିବା ପାଇଁ ଡିଜାଇନ୍ କରାଯାଇଥିବା ଏକ ଯୋଜନାବଦ୍ଧ ଜ୍ଞାନ ସହର ଥିଲା । ଦୁର୍ଭାଗ୍ୟ ବଶତଃ ଆଇନ୍‌ଗତ ଏବଂ ରାଜନୈତିକ ପ୍ରତିବନ୍ଧକ ଯୋଗୁ ପ୍ରକଳ୍ପଟି ସମାପ୍ତି ହୋଇପାରିଲା ନାହିଁ । ଯାହା ଫଳରେ ପୁରୀରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ପରି ଏକ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସୁଯୋଗକୁ ହରାଇଲା ଓଡ଼ିଶା । ତେବେ ସେ ଯାହା ହେଉନା କାହିଁକି ଟ୍ରମ୍ପ ପ୍ରଶାସନର ଛାତ୍ର ବିରୋଧୀ ନିଷ୍ପତ୍ତି ପରିପ୍ରେକ୍ଷୀରେ ଓଡ଼ିଶାରେ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଜରୁରୀ ହୋଇପଡିଛି । ଯେଉଁଥି ପାଇଁ ଅଭିଜ୍ଞତା, ପୁଞ୍ଜି, ମହତ୍ତ୍ୱାକାଂକ୍ଷା ଓ ପରିବର୍ତ୍ତନକାରୀ ପ୍ରତିଶ୍ରୁତି ପୂରଣ କରିବା ପାଇଁ ଯେଉଁ ଅଭିଜ୍ଞତା ଜରୁରୀ ତାହା ବେଦାନ୍ତ ଗ୍ରୁପ୍ ନିକଟରେ ଅଛି ।

ସୁତରାଂ ରାଜ୍ୟ ସରକାର ଏହି ଅଂଶିଦାରମାନଙ୍କୁ ସାମିଲ କରି ପଡିରହିଥିବା ସମସ୍ୟାର ସମାଧାନ କରିବା ସହିତ ଅନ୍ୟ ଶିଳ୍ପ ସଂସ୍ଥାମାନଙ୍କୁ ବିଶେଷ କରି ଓଡ଼ିଶାର ବିଶାଳ ପ୍ରାକୃତିକ ସଂପଦରୁ ଉପକୃତ ହେଉଥିବା ବ୍ୟକ୍ତିମାନଙ୍କୁ ଆମନ୍ତ୍ରଣ କରି ଏ ଦୃଷ୍ଟିକୋଣକୁ ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ପାଇଁ ସକ୍ରିୟ ପଦକ୍ଷେପ ନେବାକୁ ମତପ୍ରକାଶ ପାଉଛି ।

## ରାଜ୍ୟ ଟପ୍ପର ସରସ୍ୱତୀ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର
# ଯୁକ୍ତ ୨ ବିଜ୍ଞାନ ଛାତ୍ରଙ୍କୁ ସମର୍ଦ୍ଧିତ କଲେ ଜିଲ୍ଲାପାଳ

କଟକ, (ସବ୍ୟୁ) : ପୂର୍ବର ଶିକ୍ଷା ନିର୍ଦ୍ଦେଶାବଳୀ ରେ ଅନେକ ପରିବର୍ତ୍ତନ ଆସିଛି । ଭାରତ ସରକାର ଯେଉଁ ନୂତନ ଶିକ୍ଷା ନୀତି ପ୍ରଣୟନ କରିଛନ୍ତି ତଦନୁଯାୟୀ ଆଜିକାଲି ବିଦ୍ୟାର୍ଥୀମାନେ ଚାହିଁଲେ ଯେ କୌଣସି କ୍ଷେତ୍ରରେ




ନିଜକୁ ପ୍ରତିଷ୍ଠିତ କରାଇ ପାରିବେ । ସେଥିପାଇଁ ନିଜର ଅଧବସାୟ, ସାଙ୍ଗକୁ ବାତାନୁକୁଳ ଶିକ୍ଷା ପଦ୍ଧତିକୁ ଆପଣାଇ ପାରିଲେ ଡାକ୍ତର , ଇଞ୍ଜିନିୟର ଓ ପ୍ରାଶାସନିକ ବନିବାରେ ବାଧା ରହିବନି ବୋଲି ସରସ୍ୱତୀ ଗ୍ରୁପ ଅଫ ସାଇନ୍ସ କଲେଜରେ ରାଜ୍ୟର ବିଜ୍ଞାନ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ ଉପସ୍ଥିତ ବିଦ୍ୟାର୍ଥୀ ମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷାରେ କଟକ ଜିଲ୍ଲା ବାରଙ୍ଗ ବ୍ଲକ୍ ବେଲଗଛିଆ ସ୍ଥିତ ସରସ୍ୱତୀ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁସନର ଶତ ପ୍ରତିଶତ ସଫଳତାକୁ ନେଇ ଗୁରୁବାର ଏହାର ଅଡିଟୋରିୟରେ ଅନୁଷ୍ଠିତ ବାର୍ଷିକ ଏକାଡେମିକ୍ ଏକ୍ସଲେନ୍ସ ପୁରସ୍କାର ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଯୋଗ ଦେଇ ଉପରୋକ୍ତ ମତ ରଖିବା ସହ ଜିଲ୍ଲାପାଳ ନିଜର ଜୀବନଶୈଳୀ ଏବଂ କାର୍ଯ୍ୟକଳାପ ଉପରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ । ପିଲାମାନଙ୍କ ମନରେ କଣ ଉତ୍କଣ୍ଠା ରହିଛି ଏବଂ ସେମାନେ କେଉଁ ଶିକ୍ଷା ଗ୍ରହଣ କରିବାକୁ ଚାହୁଁଛନ୍ତି ତାହା ତାଙ୍କ ନିଜସ୍ ଚୟନ ଉପରେ ଛାଡ଼ିବାକୁ ଜିଲ୍ଲାପାଳ ଉପସ୍ଥିତ ଅଭିଭାବକଙ୍କୁ ମଧ୍ୟ ପରାମର୍ଶ ଦେଇଥିଲେ । ସେ ନିଜେ ଏଠାରେ ମୁଖ୍ୟ ଅତିଥି ନୁହେଁ ବରଂ ସରସ୍ୱତୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନକୁ ଗୌରବାନ୍ୱିତ କରିଥିବା ଛାତ୍ର ବିନୀତ ମହାନ୍ତି ଏଥିପାଇଁ ପ୍ରକୃତ ଯୋଗ୍ୟ ବୋଲି କହି ତାଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଇ କାର୍ଯ୍ୟକ୍ରମକୁ ଉଦଘାଟନ କରାଇଥିଲେ । ଏହି ସମାରୋହରେ ସମ୍ମାନିତ ୧୩୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ପୁରସ୍କାର ଆକାରରେ ଅର୍ଥରାଶି ପ୍ରଦାନ କରାଯାଇଥିଲା । ରାଜ୍ୟ ବିଜ୍ଞାନ ଟପ୍ପର ବିନିତ ମହାନ୍ତି ୯୭.୬୬ ପ୍ରତିଶତ ନଂ ରଖି ରାଜ୍ୟ ଟପ୍ପର ହୋଇଥିବାରୁ ଶିକ୍ଷାନୁଷ୍ଠାନ ତରଫରୁ ଜିଲ୍ଲାପାଳ ତାଙ୍କୁ ୫୦ ହଜାର ଟଙ୍କା ନଗଦ ପୁରସ୍କାର ପ୍ରଦାନ କରିଥିଲେ । ସେହିପରି ୯୦ ପ୍ରତିଶତରୁ ଅଧିକ ଅଙ୍କ ପାଇଥିବା ଅନ୍ୟ ୩୦ ଜଣ ଛାତ୍ରଛାତ୍ରୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ନଗଦ ପୁରସ୍କାର ଦିଆଯାଇଥିଲା । ଅନୁଷ୍ଠାନର ଅଧ୍ୟକ୍ଷ ଡ଼ ଦେବଦତ୍ତ ସ୍ୱାଇଁ କହିଥିଲେ ଯେ, ଛାତ୍ରଛାତ୍ରୀ ମାନେ ପ୍ରଥମେ ନିଜ ପିତାମାତାଙ୍କୁ ପୂଜା କରିବା ଆବଶ୍ୟକ । ପିତାମାତାଙ୍କ ଆଶୀର୍ବାଦ ରହିଲେ ସେମାନଙ୍କୁ ସଫଳତା ନିହାତି ମିଳିପାରିବ । କାର୍ଯ୍ୟକ୍ରମରେ ସଂସ୍ଥାର ପ୍ରତିଷ୍ଠାତା ଡ଼. ଦେବଦତ୍ତ ସ୍ୱାଇଁ, ଅଧ୍ୟକ୍ଷ ଡ଼ ବିଶ୍ୱଜିତ ତ୍ରିପାଠୀ, ସିଇଓ ଅରୁଣ ବିଶ୍ୱାଳ, ଡିନ୍ ବ୍ୟୋମକେଶ ମିଶ୍ର ଏବଂ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକଗଣ, ଗଣ୍ୟମାନ୍ୟ ଅତିଥି, ଗର୍ବିତ ଅଭିଭାବକଗଣ ଏବଂ ମେଧାବୀ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ସେହିପରି ମାଟ୍ରିକ ପରୀକ୍ଷାରେ ୫୯% ମାର୍କ ରଖି ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ର ଓମ୍ ପ୍ରକାଶ କର ଚଳିତ ବିଜ୍ଞାନ ପରୀକ୍ଷାରେ ୯୧% ରଖି ପାସ୍ କରିଥିବାରୁ ତାଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା ।

## ଆଇଟିଇଆର୍ ଦେଶର ଦ୍ୱିତୀୟ ଶ୍ରେଷ୍ଠ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍) ଗୁରୁବାର ପ୍ରକାଶିତ ଟାଇମ୍ସ ଅଲ୍ ଇଣ୍ଡିଆ ଇଞ୍ଜିନିୟରିଂ ଇନ୍‌ଷ୍ଟିଚ୍ୟୁଟ୍ ର୍ୟାଙ୍କିଙ୍ଗ୍ ସର୍ଭେ ୨୦୨୫ର ଦେଶର ଦ୍ୱିତୀୟ ଶ୍ରେଷ୍ଠ ଇନିୟରିଂ ଶିକ୍ଷାନୁଷ୍ଠାନ ଭାବେ ସ୍ଥାନୀତ ହୋଇଛି । ଟାଇମ୍ସ ଅଫ୍ ଇଣ୍ଡିଆ ସମ୍ବାଦପତ୍ର ପକ୍ଷରୁ ପରିଚାଳିତ ଏହି ସର୍ଭେରେ ଦେଶର ୧୭୫ ଟି ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନକୁ ସାମିଲ କରାଯାଇଥିଲା । ସେହିପରି ଦେଶର ଶ୍ରେଷ୍ଠ



୧୨୫ଟି ଘରୋଇ ଇଞ୍ଜିନିୟରିଂ କଲେଜ ଏହି ସର୍ଭେର ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଆଇଟିଇଆର ଦେଶର ୨ୟ ଶ୍ରେଷ୍ଠ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ଓ ପୂର୍ବ ଭାରତର ଶ୍ରେଷ୍ଠ ଭାବେ ସ୍ଥାନୀତ ହୋଇଛି। ସେହିପରି ଚଳିତ ବର୍ଷ ର୍ୟାଙ୍କିଙ୍ଗରେ ଗବେଷଣା କ୍ଷେତ୍ରରେ ଆଇଟିଇଆର ଦେଶର ୩୦ଟି ଅନୁଷ୍ଠାନ ମଧ୍ୟରେ ତୃତୀୟ ସ୍ଥାନ ଏବଂ ପ୍ଲେସ୍‌ମେଂଟରେ ୪ର୍ଥ ସ୍ଥାନ ହାସଲ କରିଛି। ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍‌ନାଲ୍ ର୍ୟାଙ୍କିଙ୍ଗ ଫ୍ରେମ୍‌ୱର୍କ (ଏନ୍‌ଆଇଆର୍‌ଏଫ୍ ) ର୍ୟାଙ୍କିଙ୍ଗ ୨୦୨୪ ରେ ସୋଆ ଦେଶର ୧୪ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ମାନ୍ୟତା ପାଇଛି ।

## ଇନରହୁଇଲ୍ ଜିଲ୍ଲା–୩୨୬ ସମ୍ମିଳନୀ
# ମଧୁସ୍ମିତା ତ୍ରିପାଠୀ ହେଲେ ନୂତନ ଜିଲ୍ଲାଧକ୍ଷା




ଭୁବନେଶ୍ୱର (ସବ୍ୟୁ): ଅନ୍ତର୍ଜାତୀୟ ମହିଳା ସଂଗଠନ ଇନର ହୁଇଲ ଜିଲ୍ଲା ୩୨୬ର ଦୁଇଦିନିଆ ବାର୍ଷିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି ଅବସରରେ ନୂତନ ଜିଲ୍ଲାଧିକ୍ଷା ଭାବେ ମଧୁସ୍ମିତା ତ୍ରିପାଠୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବତନ ଜିଲ୍ଲାଧିକ୍ଷା ମଧୁମିତା ମହାନ୍ତିଙ୍କ ଅଧିକ୍ଷତାରେ ଆୟୋଜିତ ଏହି ଦୁଇଦିନିଆ ଉତ୍ସବରେ ବର୍ତ୍ତମାନର ଜିଲ୍ଲାଧିକ୍ଷା ସନ୍ଧ୍ୟାରାଣୀ ମିଶ୍ର ମଧୁସ୍ମିତା ତ୍ରିପାଠୀଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ । ସେହିଭଳି ଜିଲ୍ଲାର ୩୨୬ର ଅନ୍ୟ ପଦାଧିକାରୀମାନେ ମଧ୍ୟ ଦାୟିତ୍ୱ ଅଦଳବଦଳ କରିଥିଲେ । କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ ଇନରହୁଇଲ୍ ଇଣ୍ଡିଆର ସଭାପତି ସୁନିତା ଜୈନ । ସନ୍ଧ୍ୟାରେ ସଦସ୍ୟାମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଦ୍ୱିତୀୟ ଦିନରେ ଇନରହୁଇଲ୍ ସଦସ୍ୟା ତଥା କାର୍ଯ୍ୟାଳୟ ପଦାଧିକାରୀମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ବିଶ୍ୱର ସର୍ବବୃହତ ମହିଳା ସ୍ୱେଚ୍ଛାସେବୀ ସଂଗଠନ ଇନରହୁଇଲ୍‌ର ସମଗ୍ର ବିଶ୍ୱରେ ୧ଲକ୍ଷ ୨୦ହଜାରରୁ ଅଧିକ ସଦସ୍ୟା ରହିଛନ୍ତି । ଭାରତରେ ଥିବା ୧୩୪୧ଟି କ୍ଲବରେ ପ୍ରାୟ ୬୦ହଜାରରୁ ଅଧିକ ସଦସ୍ୟା ରହିଛନ୍ତି । ଚଳିତ ବର୍ଷ ଭାରତର ଏହି କ୍ଲବ ଗୁଡ଼ିକ ପକ୍ଷରୁ ବିଭିନ୍ନ ପ୍ରକଳ୍ପରେ ୧୦୭ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଛି । ସେଥିମଧ୍ୟରୁ ଜରାୟୁ କର୍କଟ ନିରାକରଣ ଅନ୍ୟତମ । ଜରାୟୁ କର୍କଟକୁ ନିର୍ମୁଳ କରିବା ଉଦ୍ଦେଶ୍ୟରେ ସଚେତନତା ଶୋଭାଯାତ୍ରା, ଟୀକାକରଣ, ପରୀକ୍ଷଣ ଆଦି କାର୍ଯ୍ୟକ୍ରମ ଓଡ଼ିଶା ସମେତ ସାରା ଦେଶରେ କରାଯାଇଥିଲା ।

# ଆତଙ୍କବାଦୀ ବିରୋଧୀ ଲଢେଇର ବିରାମ ନାହିଁ: ମୋଦି

**ନୂଆଦିଲ୍ଲୀ:** ଅପରେସନ ସିନ୍ଦୂର ଏବେ ଶେଷ ହୋଇନାହିଁ । ଭାରତ ଆତଙ୍କବାଦୀ ବିରୋଧରେ ଲଢେଇକୁ ତିନିଟି ସୂତ୍ରରେ ବାଣ୍ଟିଛି । ପ୍ରଥମତଃ ଭାରତ ପ୍ରତ୍ୟେକ ଆତଙ୍କବାଦୀ ଆକ୍ରମଣର ଜବାବ ଦେବ । ତେବେ ଆକ୍ରମଣ ସମୟ, ଶୈଳୀ, ସର୍ତ୍ତ କ'ଣ ରହିବ ତାହା ଆମ ସେନା ସ୍ଥିର କରିବ । ସେହିପରି ଦ୍ୱିତୀୟରେ ଭାରତ ଏବେ ପରମାଣୁ ବୋମା ଧମକରେ ଭୟଭୀତ ହେବନାହିଁ । ଏହାକୁ ଆଧାର କରି ସେନା ଅନେକ ଜରୁରୀ ନିଷ୍ପତ୍ତି ନେବ ।ଶେଷ ସୂତ୍ରଟି ହେଉଛି, ଭାରତ ଆତଙ୍କବାଦର ମାଲିକ ଏବଂ ଆତଙ୍କବାଦକୁ ପ୍ରଶ୍ରୟ ଦେଉଥିବା ସରକାରଙ୍କୁ ସମାନ ଦୃଷ୍ଟିରେ ଦେଖିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତରପ୍ରଦେଶର କାନପୁର ଗସ୍ତ



ଅବସରରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ କାନପୁରର ପୁଅ ଶୁଭମ ଦ୍ୱିବେଦୀ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଶିକାର ହୋଇଥିଲେ । ପହଲଗାମରେ ପ୍ରାଣ ହରାଇଥିବା ପ୍ରତିଟି ଲୋକଙ୍କ ମୃତ୍ୟୁର ପ୍ରତିଶୋଧ ଆମେ ଅପରେସନ ସିନ୍ଦୂର ଜରିଆରେ ନେଇଥିଲୁ ।ଯାହାର ପ୍ରମାଣ ପୂରା ଦେଶ ଦେଖିଥିଲା । ପାକିସ୍ତାନ ଭିତରେ ପ୍ରବେଶ କରି ଆମେ ଆତଙ୍କବାଦୀଙ୍କ ଆଡ୍ଡା ଉପରେ ଆକ୍ରମଣ କରି ଆଖିପିଛୁଳାକେ ସବୁକିଛି ଧ୍ୱଂସ କରି ଦେଇଥିଲୁ । ଆମ ଭାରତୀୟ ସେନାର ପରାକ୍ରମ ଦେଖି ପାକିସ୍ତାନ ବାଟବଣା ହୋଇଯାଇଥିଲା ।

## ନୌସେନା ଦେବ ଉଚିତ ଶିକ୍ଷା

**ନୂଆଦିଲ୍ଲୀ:** ଆଇଏନଏସ୍ ବିକ୍ରାନ୍ତରୁ ରାଜନାଥଙ୍କ ରଣହୁଙ୍କାର । ପ୍ରତିରକ୍ଷା ମନ୍ତ୍ରୀ କହିଲେ, ପଡ଼ୋଶୀ ଦେଶ ପୁଣିଥରେ ନିଜ ଭୁଲ ଦୋହରାଇଲେ ବଞ୍ଚିବାକୁ ଦେବୁନାହିଁ ସୁଯୋଗ । କେବଳ ଆତଙ୍କବାଦ ପ୍ରସଙ୍ଗରେ ହିଁ ଦୁଇ ଦେଶ ମଧ୍ୟରେ ହେବ ଆଲୋଚନା । 'ଅପରେସନ ସିନ୍ଦୂର'ରେ ଟାର୍ଗେଟରେ ଥିଲା କରାଚୀ ବନ୍ଦର । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପାକିସ୍ତାନକୁ ଟାର୍ଗେଟ୍ କରି କହିଛନ୍ତି, ''ଏଥର ଯଦି ପାକିସ୍ତାନ କିଛି ଭୁଲ କରେ, ତେବେ ଆମେ ଆତଙ୍କବାଦ ବିରୋଧରେ ଏପରି ପଦ୍ଧତି ବ୍ୟବହାର କରିବୁ ଯାହା ଶତ୍ରୁ ଦେଶ ଚିନ୍ତା ମଧ୍ୟ କରିପାରିବ ନାହିଁ । ଏଥର ଯଦି ପାକିସ୍ତାନ କୌଣସି ପଦକ୍ଷେପ ନିଏ, ତେବେ ଆମର ନୌସେନା ଏହାର ଉଦଘାଟନ କରିବ । ଅପରେସନ୍ ସିନ୍ଦୂର ଏପର୍ଯ୍ୟନ୍ତ ଶେଷ ହୋଇନାହିଁ, ଏହା କେବଳ ଏକ ବିରତି । ଯଦି ପାକିସ୍ତାନ ପୁଣିଥରେ ସମାନ ଭୁଲ କରେ, ତେବେ ଭାରତର ପ୍ରତିକ୍ରିୟା ଆହୁରି କଠୋର ହେବ ଏବଂ ଏଥର ନିଜକୁ ସୁଧାରିବା ପାଇଁ ସୁଯୋଗ ବି ଦିଆଯିବନି । ପାକିସ୍ତାନ ଏହା ମନେରଖୁ ଯେ ଯଦି ଗୋଟିଏ ପଟେ ଆମର ନୌସେନା ସମୁଦ୍ର ପରି ଶାନ୍ତ ହୋଇଥାଏ, ଅନ୍ୟପଟେ ଏହା ସମୁଦ୍ର ପରି ସୁନାମୀ ମଧ୍ୟ ଆଣିପାରେ । ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଥରେ କଳ୍ପନା କରି ଦେଖନ୍ତୁ । ଯିଏ ଜଣେ ଚୁପ ରହିବି ଅନ୍ୟ ଦେଶର ସୈନ୍ୟଙ୍କୁ ବୋତଲରେ ବନ୍ଦି କରି ରଖିପାରେ, ସେ ଯଦି କେବେ ମୁହଁ ଖୋଲିବ ତେବେ କଣ ହେବ? ପାକିସ୍ତାନ ଯଦି ନସୁଧୁରେ ତେବେ ଏଥର ନା ସ୍ଥଳ ସେନା ନା ବାୟୁସେନା, ଏଥର ଉଦଘାଟନ ଆମର ନୌସେନା କରିବ ।

## ଆଇଏସଆଇ ସହ ସଂପର୍କ

# ବନ୍ଧା ହେଲେ ସରକାରୀ କର୍ମଚାରୀ

**ନୂଆଦିଲ୍ଲୀ:** ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇ ପାଇଁ ଗୁପ୍ତଚର କାମ କରୁଥିବା ଅଭିଯୋଗରେ ରାଜସ୍ଥାନର ଜଣେ ସରକାରୀ କର୍ମଚାରୀଙ୍କୁ ଗିରଫ କରାଯାଇଛି । ଗିରଫ ସରକାରୀ କର୍ମଚାରୀଙ୍କ ନାମ ଶକୁର ଖାନ ମାଙ୍ଗାନିୟାର ଥିବା ଜଣାପଡ଼ିଛି ।ଶକୁର ଖାନ ରାଜ୍ୟର ନିଯୁକ୍ତି ବିଭାଗରେ କାର୍ଯ୍ୟରତ ଥିଲେ । ଶକୁର ଖାନଙ୍କୁ ସିଆଇଡି ଏବଂ ଗୁଇନ୍ଦା ସଂସ୍ଥାଗୁଡ଼ିକର ଏକ ମିଳିତ ଦଳ ଜେସଲମେରସ୍ଥିତ ତାଙ୍କ କାର୍ଯ୍ୟାଳୟରୁ ଗିରଫ କରିଛି । ଗିରଫ ପରେ ମଙ୍ଗାନିୟାରଙ୍କୁ ଅଧିକ ପଚରାଉଚରା ପାଇଁ ଜୟପୁର ନିଆଯିବାର ଯୋଜନା କରାଯାଉଛି । ସୂନାଯୋଗ୍ୟ, ଗୁପ୍ତଚର ଶକୁର ଖାନ କଂଗ୍ରେସ ସରକାରରେ ପୂର୍ବତନ ମନ୍ତ୍ରୀ ସାଲେହ ମହମ୍ମଦଙ୍କ ବ୍ୟକ୍ତିଗତ ସହାୟକ ଭାବରେ କାର୍ଯ୍ୟ କରୁଥିଲେ । ତଦନ୍ତକାରୀମାନେ ଶକୁର ମୋବାଇଲରୁ ଅନେକ ପାକିସ୍ତାନୀ ଫୋନ୍ ନମ୍ବର ପାଇଛନ୍ତ ।ଏହି ନମ୍ବରଗୁଡ଼ିକ ସମ୍ପର୍କରେ ଶକୁର କୌଣସି ସନ୍ତୋଷଜନକ ଉତ୍ତର ଏଯାବତ ଦେଇପାରି ନାହାଁନ୍ତି ।ଗିରଫ ପରେ ଶକୁର ସ୍ୱୀକାର କରି କହିଛନ୍ତି, 'କିଛି ବର୍ଷ ମଧ୍ୟରେ ଅତି କମରେ ସେ ସାତ ଥର ପାକିସ୍ତାନ ଗସ୍ତ କରିଛନ୍ତି । ଏସପି ସୁଧୀର ଚୌଧୁରୀ ଏହି ଘଟଣାକୁ ନେଇ କହିଛନ୍ତି,' ଯେ ଉଚ୍ଚ ମୁଖ୍ୟାଳୟରୁ ସନ୍ଦେହଜନକ



କାର୍ଯ୍ୟକଳାପ ସମ୍ପର୍କରେ ସୂଚନା ପାଇବା ପରେ ତଦନ୍ତ ଆରମ୍ଭ କରାଯାଇଥିଲା । ଆମେ ସମସ୍ତ ତଥ୍ୟ ଯାଞ୍ଚ କରୁଛୁ । ଶକୁର ତାଙ୍କ ଫୋନରୁ ଅନେକ ଫାଇଲ୍ ଡିଲିଟ୍ କରି ଦେଇଛନ୍ତି । ଡିଲିଟି ଫାଇଲଗୁଡ଼ିକର ବି ତଦନ୍ତ କରାଯିବ । ତାଙ୍କ ନାମରେ ଖୋଲାଯାଇଥିବା ଦୁଇଟି ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ବର୍ତ୍ତମାନ ତଦନ୍ତାଧୀନ ଅଛି ।'

# ଶପଥ ନେଲେ ସୁପ୍ରିମକୋର୍ଟର ୩ ବିଚାରପତି

**ନୂଆଦିଲ୍ଲୀ:** ଆଜି ଶପଥ ନେଇଛନ୍ତି ସୁପ୍ରିମକୋର୍ଟର ୩ ଜଣ ନୂଆ ବିଚାରପତି । ସେମାନେ ହେଲେ ଜଷ୍ଟିସ୍ ଏନ.ଭି. ଅଞ୍ଜାରିଆ, ଜଷ୍ଟିସ ବିଜୟ ବିଷ୍ଣୋଇ ଏବଂ ଜଷ୍ଟିସ୍ ଅତୁଲ ଏସ୍. ଚନ୍ଦୁରକର । ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ବି.ଆର. ଗଭାଇ ଆଜି ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟରେ ୩ ନୂଆ ବିଚାରପତିଙ୍କ ନିଯୁକ୍ତିକୁ ଗତକାଲି ମଞ୍ଜୁର କରିଥିଲେ କେନ୍ଦ୍ର ସରକାର । କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘାୱାଲ ଏନେଇ 'ଏକ୍ସ'ରେ ପୋଷ୍ଟ କରିଥିଲେ । ଏହାଦ୍ୱାରା ସୁପ୍ରିମକୋର୍ଟରେ ନିର୍ଦ୍ଧାରିତ ପୂର୍ଣ୍ଣ ସଦସ୍ୟଙ୍କ ସଂଖ୍ୟା ୩୪ରେ ପହଞ୍ଚିଛି । କଲେଜିୟମରେ ସର୍ବୋଚ୍ଚ ନ୍ୟାୟଳୟର ୫ ଜଣ ବରିଷ୍ଠ ବିଚାରପତି ରହିଛନ୍ତି । ପ୍ରଧାନ ବିଚାରପତି ବିଆର୍ ଗଭାଇଙ୍କ ସମେତ ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ବିକ୍ରମ ନାଥ, ଜଷ୍ଟିସ୍ ଜେକେ ମାହେଶ୍ୱରୀ ଏବଂ ଜଷ୍ଟିସ୍ ବିଭି ନାଗରତ୍ନା ବିଚାରପତି ଚୟନ କମିଟିର ସଦସ୍ୟ ଅଛନ୍ତି । ସୂଚନାଯୋଗ୍ୟ, ଗତ କିଛି ବର୍ଷ ମଧ୍ୟରେ ସୁପ୍ରିମକୋର୍ଟ



କଲେଜିୟମ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ବିଚାରପତି ନିଯୁକ୍ତିକୁ ନେଇ ଅନେକ ଥର ମତଭେଦ ସାମ୍ନାକୁ ଆସିଛି । ତେବେ ଏଥର କଲେଜିୟମର ସୁପାରିସକୁ ଶୀଘ୍ର ଗ୍ରହଣ କରାଯିବା ସୂଚାଉଛି ଯେ ଉଭୟ ପକ୍ଷ ମଧ୍ୟରେ ଭଲ ବୁଝାମଣା ରହିଛି ଏବଂ ଏ ବାବଦ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରୁଛି ।

# ଜବାବୀ ହମଲାରେ ପାକ୍‌ର ୧୧୮ ପୋଷ୍ଟ ଧ୍ୱଂସ

**ପୁଞ୍ଛ:** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶୁକ୍ରବାର ପୁଞ୍ଛରେ ପାକିସ୍ତାନୀ ଆକ୍ରମଣର ଉପଯୁକ୍ତ ଜବାବ ଦେବା ପାଇଁ ସୀମା ସୁରକ୍ଷା ବାହିନୀ (ବିଏସଏଫ)କୁ ପ୍ରଶଂସା କରିଛନ୍ତି ଏବଂ କହିଛନ୍ତି ଯେ ଜମ୍ମୁ ସୀମାରେ ଜବାବୀ କାର୍ଯ୍ୟାନୁଷ୍ଠାନରେ ୧୧୮ରୁ ଅଧିକ ପାକିସ୍ତାନୀ ପୋଷ୍ଟ ନଷ୍ଟ ଏବଂ କ୍ଷତିଗ୍ରସ୍ତ ହୋଇଛି । ଅପରେସନ୍ ସିନ୍ଦୁର ପରେ ଜମ୍ମୁ ଏବଂ କାଶ୍ମୀରକୁ ତାଙ୍କର ପ୍ରଥମ ଗସ୍ତ ସମୟରେ, ଶାହ କହିଛନ୍ତି ଯେ ସୀମା ସୁରକ୍ଷା ବାହିନୀ ପାକିସ୍ତନର ନିରୀକ୍ଷଣ ନେଟୱାର୍କକୁ ଭାଙ୍ଗି ଦେଇଛି, ଯାହାକି ଏକ ବଡ଼ କ୍ଷତି ଏବଂ ଏହାର ଭରଣା ଲାଗି ସେମାନଙ୍କୁ ବର୍ଷ ବର୍ଷ ଲାଗିଯିବ । ଅପରେସନ୍ ସିନ୍ଦୁର ପରେ ଜମ୍ମୁ ଏବଂ



କାଶ୍ମୀରକୁ ତାଙ୍କର ପ୍ରଥମ ଗସ୍ତ ସମୟରେ, ଶାହ କହିଛନ୍ତି ଯେ ସୀମା ସୁରକ୍ଷା ବାହିନୀ ପାକିସ୍ତନର ନିରୀକ୍ଷଣ ନେଟୱାର୍କକୁ ଭାଙ୍ଗି ଦେଇଛି, ଯାହାକି ଏକ ବଡ଼ କ୍ଷତି ଏବଂ ଏହାର ଭରଣା ଲାଗି ସେମାନଙ୍କୁ ବର୍ଷ ବର୍ଷ ଲାଗିଯିବ । ସୁରକ୍ଷା ପରିସ୍ଥିତି, ଅମରନାଥ ଯାତ୍ରା ପ୍ରସ୍ତୁତି ସମୀକ୍ଷା ଏବଂ ପାକିସ୍ତାନୀ ଗୁଳି ମାଡ଼ର ଶିକାର ହୋଇଥିବା ଲୋକଙ୍କ ସହିତ ଆଲୋଚନା ପାଇଁ ଜମ୍ମୁକୁ ତାଙ୍କର ଦୁଇ ଦିନିଆ ଗସ୍ତର ଶେଷରେ କେନ୍ଦ୍ର ଗୃହମନ୍ତ୍ରୀ ବିଏସଏଫ ଜବାନମାନଙ୍କୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଯେତେବେଳେ ପାକିସ୍ତାନ ଆମର ସୀମା ଏବଂ ସାଧାରଣ ନାଗରିକ ଅଞ୍ଚଳ ଉପରେ ଆକ୍ରମଣ କରି ଆମର ଆତଙ୍କବାଦ ବିରୋଧୀ ଅଭିଯାନର ଜବାବ ଦେଇଥିଲା, ସେତେବେଳେ ବିଏସଏଫର ଜମ୍ମୁ ଫ୍ରଣ୍ଟିୟରର ଜବାନମାନେ ୧୧୮ ରୁ ଅଧିକ ପୋଷ୍ଟ ନଷ୍ଟ ଏବଂ କ୍ଷତିଗ୍ରସ୍ତ କରି ପ୍ରତିଶୋଧ ନେଇଥିଲେ ।

# କର୍ଣ୍ଣାଟକରେ ୧୨୫ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା

**ବେଙ୍ଗାଲୁରୁ:** ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପ୍ରବେଶ ସହିତ ଦକ୍ଷିଣ ଭାରତରେ ପ୍ରବଳ ବର୍ଷା ଜାରି ରହିଛି । କେରଳ, କର୍ଣ୍ଣାଟକ, ତାମିଲନାଡୁରେ ପ୍ରବଳ ବର୍ଷା ଜୀବନ ଏବଂ ଜୀବନକୁ ଖରାପ ଭାବରେ ପ୍ରଭାବିତ କରିଛି । ଲୋକମାନେ ମଧ୍ୟ ବହୁ ପରିମାଣର ଜୀବନ ଏବଂ ସମ୍ପତ୍ତିର କ୍ଷତି କରିଛନ୍ତି । କର୍ଣ୍ଣାଟକରେ ବର୍ଷା ରେକର୍ଡ ଭାଙ୍ଗିଛି । ଏଠାରେ ବର୍ଷା ୧୨୫ ବର୍ଷର ରେକର୍ଡ ଭାଙ୍ଗିଛି । କର୍ଣ୍ଣାଟକରେ ୧୨୫ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ମେ ମାସରେ ଏତେ ବର୍ଷା ହୋଇଛି । ପ୍ରବଳ ବର୍ଷା ଯୋଗୁଁ ରାଜ୍ୟରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି । ଦକ୍ଷିଣ କନ୍ନଡ ଜିଲ୍ଲାରେ ଏହି ୩ ଜଣଙ୍କ ମୃତ୍ୟୁ ହୋଇଛି ।



କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଶୁକ୍ରବାର କହିଛନ୍ତି ଯେ ଗତ ୧୨୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ରାଜ୍ୟରେ ମେ ମାସରେ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି ଏବଂ ୨୮ଟି ଜିଲ୍ଲାରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଛି । ସମସ୍ତ ଜିଲ୍ଲାର ଡେପୁଟି କମିଶନର ଏବଂ ଜିଲ୍ଲା ପଞ୍ଚାୟତର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହିତ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ସିଦ୍ଧରମୈୟା ନିର୍ଦ୍ଦେଶ ଦେଇଛନ୍ତି ଯେ ସେମାନେ ତୁରନ୍ତ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରନ୍ତୁ ଏବଂ ପ୍ରଭାବିତ ଲୋକଙ୍କୁ ଆବଶ୍ୟକ କ୍ଷତିପୂରଣ ପ୍ରଦାନ କରନ୍ତୁ ।

# ଆରଆଇସି ଏକାଠି ହେବାର ସମୟ ଆସିଛି

**ମସ୍କୋ :** ରୁଷର ବୈଦେଶିକ ମନ୍ତ୍ରୀ ସେରଗେଇ ଲାଭରୋଭ୍ ଏକ ବଡ଼ ବୟାନ ଦେଇ ସମଗ୍ର ବିଶ୍ୱରେ ହଇଚଇ ସୃଷ୍ଟି କରିଛନ୍ତି । ସେ କହିଛନ୍ତି ଯେ ରୁଷ, ଭାରତ ଓ ଚୀନ (ଆରଆଇସି)ର ଶକ୍ତିକୁ ସକ୍ରିୟ କରିବା ସମୟ ଆସିଯାଇଛି ।

ଆମେରିକାରେ କ୍ଷମତାକୁ ଆସିବା ପରେ ଟ୍ରମ୍ପଙ୍କ ବେପରୁଆ ନିଷ୍ପତ୍ତି ବିଶ୍ୱ ସ୍ତରରେ ଅଶାନ୍ତି ସୃଷ୍ଟି କରିଥିବା ବେଳେ ଏବଂ ଏପରି ସମୟରେ ବିଶ୍ୱର ସମସ୍ତ ସମସ୍ୟାଗ୍ରସ୍ତ ଦେଶ



ସେମାନଙ୍କର ନୂତନ ବିଶ୍ୱ ନେତାଙ୍କୁ ଖୋଜୁଛନ୍ତି । ବର୍ତ୍ତମାନର ବିଶ୍ୱ ପରିସ୍ଥିତିରେ, ଶାନ୍ତି ଏବଂ ବିକାଶ ସପକ୍ଷରେ ଭାରତ ଉପରେ ବିଶ୍ୱର ବିଶ୍ୱାସ ବୃଦ୍ଧି ପାଉଛି । ତେଣୁ, ଭାରତର ପାରମ୍ପରିକ ଏବଂ ଘନିଷ୍ଠ ବନ୍ଧୁ ରୁଷ ବିଶ୍ୱର ଏହି ୩ ଶକ୍ତିଶାଳୀ ଦେଶର ଶକ୍ତିକୁ ଏକାଠି କରିବା ବିଷୟରେ ଏକ ବିବୃତ୍ତି ଦେଇ ଆମେରିକାର ଆଚରଣରେ ବିତସ୍ପୃହ ଦେଶମାନଙ୍କୁ ଋଷର ଶିବିରକୁ ଆସିବାକୁ ପରୋକ୍ଷ ଆମନ୍ତ୍ରଣ ଦେଇଛନ୍ତି ।

## ହ୍ୱାଟ୍ସଆପରେ ରହିବ ଲଗ୍ ଆଉଟ୍ ଫିଚର୍

**ନୂଆଦିଲ୍ଲୀ:** ଯଦି ଆପଣ ଇନଷ୍ଟାଣ୍ଟ ମେସେଜିଂ ଆପ୍ ହ୍ୱାର୍ଟ୍ସଆପ୍ ବ୍ୟବହାର କରନ୍ତି, ତେବେ ଆପଣଙ୍କ ପାଇଁ ଏକ ଖୁସି ଖବର ଅଛି । ହ୍ୱାର୍ଟ୍ସଆପ୍ ନିଜ ୟୁଜରଙ୍କ ସୁବିଧା ପାଇଁ ସମୟ ସମୟରେ ନୂଆ ଫିଚର୍ ଆଣିଥାଏ । ଏବେ ଏହି ଆପ୍ଲିକେସନରେ ଏପରି ଏକ ଆଶ୍ଚର୍ଯ୍ୟଜନକ ଫିଚର୍ ଆସିବାକୁ ଯାଉଛି ଯାହା ବ୍ୟବହାରକାରୀଙ୍କୁ ସାମୟିକ ବିରତି ଦେବାରେ ସାହାଯ୍ୟ କରିବ । ଯଦି ଆପଣ ହ୍ୱାଟ୍ସଆପରେ ଅଧିକ ସମୟ ବିନିଯୋଗ କରୁଛନ୍ତି ଏବଂ ଆପଣ ଆପଣଙ୍କର ଏହି ଅଭ୍ୟାସକୁ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି, ତେବେ ଏବେ ଏହା ସମ୍ଭବ ହେବାକୁ ଯାଉଛିଛ ଯଦି ଆପଣ ଏପରି ଏକ ଫିଚର୍ ଚାହୁଁଛନ୍ତି ଯାହା ଦ୍ୱାରା ଆପଣଙ୍କୁ ଆପଣଙ୍କର ହ୍ୱାର୍ଟ୍ସଆପ୍ ଆକାଉଣ୍ଟ ଡିଲିଟ କରିବାକୁ ନପଡ଼େ ଏବଂ ଆପଣଙ୍କୁ କିଛି ବିରତି ମଧ୍ୟ ମିଳିବ, ତେବେ ଆମେ ଆପଣଙ୍କୁ କହି ରଖୁଛୁ ଯେ ଏବେ ଏଥିପାଇଁ ଏକ ନୂତନ ଫିଚର୍ ବହୁତ ଶୀଘ୍ର ଉପଲବ୍ଧ ହେବାକୁ ଯାଉଛି । ଏହି ନୂଆ ଫିଚର ହେଉଛି 'ଲଗ୍ ଆଉଟ୍' ।

# ହରିୟାଣା ମୁଖ୍ୟମନ୍ତ୍ରୀ ଅଫିସ୍‌କୁ ବୋମା ଧମକ



**ଚଣ୍ଡିଗଡ଼:** ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନିଙ୍କ ଅଫିସକୁ ମିଳିଛି ବୋମା ଧମକ । ଅଫିସରେ ବୋମା ରହିଥିବା ଧମକ ମିଳିବା ପରେ ଚଣ୍ଡିଗଡ଼ ପୁଲିସ୍ ହାଇଆଲର୍ଟ ଜାରି କରିଛି । ଶୁକ୍ରବାର ଅପରାହ୍ନ ୩.୧୫ରେ କେହି ଜଣେ ଦୁର୍ବୃତ୍ତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଫୋନ କରିଥିଲା । ଅଫିସ ବିଲଡିଂରେ ବୋମା ରହିଥିବା କଲ କରିଥିବା ବ୍ୟକ୍ତି ଧମକ ଦେଇଥିଲା । ଏହି ସୂଚନା ମିଳିବା ପରେ ସଚିବାଳୟ ପରିସରକୁ ଖାଲି କରଯାଇଥିଲା ।ଖବର ପାଇ କେନ୍ଦ୍ରୀୟ ଶିଳ୍ପାଞ୍ଚଳ ଫୋର୍ସ, ହରିୟାଣା ପୁଲିସ୍, ଚଣ୍ଡିଗଡ଼ ପୁଲିସ୍ ଓ ସିଆଇଡି ଟିମ ଘଟଣା ସ୍ଥଳରେ ପହଞ୍ଚିଲେ । ସେମାନେ ହରିୟାଣା ସଚିବାଳୟକୁ ଖାଲି କରି ସର୍ଚ୍ଚ ଅପରେସନ ଆରମ୍ଭ କରିଛନ୍ତି । ପୂରା ଅଞ୍ଚଳରେ ହାଇଆଲର୍ଟ ମଧ୍ୟ ଜାରି କରାଯାଇଛି । ବୋମା ନିଷ୍କ୍ରିୟ ଟିମ ଓ ସନ୍ଧାନୀ କୁକୁର ମଧ୍ୟ ସର୍ଚ୍ଚ ଅପରେସନରେ ସାମିଲ ହୋଇଛନ୍ତି । ସଚିବାଳୟ, ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଓ ପୂରା ଅଞ୍ଚଳରେ ଯାଞ୍ଚ ହୋଇଛି । ଅଗ୍ନିଶମ ବାହିନୀ ଓ ଆମ୍ବୁଲାନ୍ସକୁ ମଧ୍ୟ ସଜାଗ ରଖାଯାଇଛି । କିନ୍ତୁ ଏଯାଏ କୌଣସି ବିସ୍ଫୋରକ ସାମଗ୍ରୀ ମିଳି ନାହିଁ । ତଥାପି ପୁଲିସ୍ ସତର୍କତା ଦୃଷ୍ଟିରୁ ସମସ୍ତ ପ୍ରକାରର ପଦକ୍ଷେପ ଗ୍ରହଣ କରିଛି ।

## ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲା

# ୩ ଦୋଷୀଙ୍କୁ ଆଜୀବନ ଜେଲ୍

**କୋଟଦ୍ୱାର:** ପ୍ରାୟ ଦୁଇ ବର୍ଷ ପରେ ଦେଶର ଏକ ସବୁଠାରୁ ଚର୍ଚ୍ଚିତ ହତ୍ୟାକାଣ୍ଡ- ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲାରେ ଆଜି କୋର୍ଟଙ୍କ ରାୟ ଆସିଛି । କୋଟଦ୍ୱାରର ଅତିରିକ୍ତ ଜିଲ୍ଲା ଏବଂ ସେସନ୍ସ ଜଜ୍ ମାମଲାର ଶୁଣାଣି କରି ।ଶୁକ୍ରବାର ରାୟ ଶୁଣାଇଛନ୍ତି । କୋର୍ଟ ଏହି ମାମଲାରେ ତିନି ଅଭିଯୁକ୍ତ ପୁଲକିତ ଆର୍ଯ୍ୟ, ସୌରଭ ଭାସ୍କର ଏବଂ ଅଙ୍କିତ ଗୁପ୍ତାକୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏହା ବ୍ୟତୀତ, କୋର୍ଟ ସମସ୍ତ ତିନି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ମୁଖ୍ୟ ଅଭିଯୁକ୍ତ ପୁଲକିତ ଆର୍ଯ୍ୟାକୁ ଆଇପିସି ୩୦୨ ଅନୁସାରେ ସଶ୍ରମ ଆଜୀବନ କାରାଦଣ୍ଡ ଦିଆଯାଇଛି । ଏହା ସହିତ ତା ଉପରେ ୫୦ ହଜାର ଟଙ୍କାର ଜରିମାନା ଲଗାଯାଇଛି । ଏହି ମାମଲାର ଶୁଣାଣି ମୋଟ ଦୁଇ ବର୍ଷ ଆଠ ମାସ ଧରି ଚାଲିଥିଲା। ଏହି ସମୟ ମଧ୍ୟରେ ସମସ୍ତ ପ୍ରମାଣ ଏବଂ ସାକ୍ଷୀ ଉପସ୍ଥାପନ କରାଯାଇଥିଲା । ଏଥିରେ ମୋଟ ୧୦୦ ଜଣ ସାକ୍ଷୀ ଉପସ୍ଥାପନ କରାଯାଇଥିଲା । ସେହି ସମୟରେ, ମାମଲାର ତଦନ୍ତ ପାଇଁ ଏସଆଇଟି ଗଠନ କରାଯାଇଥିଲା, ଯାହା ୫୦୦ରୁ ଅଧିକ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଥିଲା ।





# କ୍ରୀଡାବିତ କେଶବ ଚନ୍ଦ୍ର ମିଶ୍ର



ପଶ୍ଚିମ ଓଡିଶାର କ୍ରୀଡା କ୍ଷେତ୍ରରେ ନିଜର ଉଲ୍ଲେଖନୀୟ ଅବଦାନ ପାଇଁ ଯେଉଁ କେତେଜଣ କ୍ରୀଡାବିତ୍ ନିଜର ନାମକୁ ଓଡିଶାର କ୍ରୀଡା ଇତିହାସରେ ଲିପିବଦ୍ଧ କରିବାରେ ସଫଳ ହୋଇଛନ୍ତି, ସେମାନଙ୍କ ମଧ୍ୟରେ କେଶବ ଚନ୍ଦ୍ର ମିଶ୍ର ଏକ ଜଣାଶୁଣା ବ୍ୟକ୍ତିତ୍ୱ । ୧୯୪୦ ମସିହା ଜୁଲାଇ ମାସ ୧ ତାରିଖ ବଲାଙ୍ଗିର ଉପାନ୍ତ ଅଂଚଳ ବଙ୍ଗୋମୁଣ୍ଡା ତାଙ୍କର ଜନ୍ମ । ପିତା ଫକୀର ମୋହନ ମିଶ୍ର ବ୍ରିଟିସ ସରକାରଙ୍କ ଅଧୀନରେ ଫରେଷ୍ଟ ରେଞ୍ଜର ଭାବେ କାର୍ଯ୍ୟ କରିଥିଲେ । ଗାଁ ସ୍କୁଲରେ ପଢିବା ସମୟରେ ଗାଁ ର କୃଷି ମେଳାରେ ଆୟୋଜିତ ୫ କିଲୋମିଟର ଦୌଡ ରେ ପ୍ରଥମ ସ୍ଥାନ ଅଧିକାର କରି ସେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ୧୯୬୫ ମସିହାରେ ରାଜ୍ୟ ପୋଲିସ ବିଭାଗରେ ଯୋଗଦାନ କରିଥିଲେ । ୧୯୬୫ ରୁ ୧୯୭୬ ମସିହା ପର୍ଯ୍ୟନ୍ତ ୪୦୦ ମିଟର ହଡଲ୍ସ ଦୌଡ ରେ ବିଭିନ୍ନ ବର୍ଗରେ ରେକର୍ଡମାନ ସୃଷ୍ଟି କରି ଜାତୀୟ ସ୍ତରରେ ରାଜ୍ୟର ପ୍ରତିନିଧିତ୍ୱ କରିଥିଲେ । ୧୯୭୫ ରେ ଏହି ବର୍ଗରେ ସେ ହାସଲ କରିଥିବା ରେକର୍ଡ (୫୧.୮ ସେକେଣ୍ଡ) ଦିର୍ଘ ୧୫ ବର୍ଷ ଧରି ଅତୁଟ ରହିଥିଲା । ୧୯୭୪ ରୁ ୧୯୭୬ ପର୍ଯ୍ୟନ୍ତ ସେ ଜାତୀୟ ଦୌଡକୁଦରେ ଓଡିଶା ଦଳର ଅଧିନାୟକ ଥିଲେ । ରାଜ୍ୟ ପୋଲିସ ତରଫରୁ ଜାତୀୟ ସ୍ତରରେ ଭାରତୀୟ ପୋଲିସ କ୍ରୀଡା ପ୍ରତିଯୋଗିତାରେ ଭାଗ ନେବାର ଗୌରବ ମଧ୍ୟ ସେ ଅର୍ଜନ କରିଥିଲେ । ସେ ପୁରୁଣା ସ୍ମୃତିକୁ ମନେ ପକାଇ କହିଛନ୍ତି ୧୯୬୫ ମସିହାରେ ବଲାଙ୍ଗିର ର ମନୋହର ପଡିଆରେ ନିୟମିତ ଦୌଡ କୁଦ ଅଭ୍ୟାସ କରିବା ସମୟରେ ଆନନ୍ଦୀନୀ ଦର୍ଜୀ, ପ୍ରଣତୀ ମିଶ୍ର, ପ୍ରତିମା ମିଶ୍ର, ଟିଟିଲାଗଡର ସଦାନନ୍ଦ ନାଏକ, ହରିହର ଥାପା, ସନ୍ତୋଷ ଠାକୁର, ଭୁବନାନନ୍ଦ ସ୍ୱାଇଁ ମଧ୍ୟ ବିଭିନ୍ନ ସମୟରେ କେଶବ ବାବୁଙ୍କ ସହ ମଝିରେ ମଝିରେ ଯୋଗଦାନ କରି ଅଭ୍ୟାସ କରି ପରବର୍ତ୍ତି ସମୟରେ ସେ ସେମାନେ ସଫଳ କ୍ରୀଡାବିତ୍ ଭାବରେ ପ୍ରତିଷ୍ଠିତ ହୋଇ ପାରିଛନ୍ତି । ୧୯୬୭ ଅନୁଷ୍ଠିତ ପୂର୍ବାଂଚଳ ଦୌଡକୁଦ ପ୍ରତିଯୋଗିତାରେ ସେ ପଦକ ଜିତିଥିଲେ । ସେହି ପରି ଜାତୀୟ ଓପନ ଦୌଡକୁଦ ର ୪୦୦ ବାଧା ଦୌଡ (ହଡଲ୍ସ) ରେ ମଧ୍ୟ ସେ ଶ୍ରେଷ୍ଠ ତିନି ଜଣ ମଧ୍ୟରେ ସ୍ଥାନ ପାଇ ପାରିଥିଲେ । ଓଡିଶା ୧୯୭୪ ମସିହାରେ ଜାତୀୟ ଦୌଡ କୁଦ ପ୍ରତିଯୋଗିତାରେ ଉପ-ବିଜେତା ହେବା ସମୟରେ କେଶବ ବାବୁ ମଧ୍ୟ ଓଡିଶା ଦଳର ଜଣେ ସଦସ୍ୟ ଥିଲେ ।

**କେଶବ ମିଶ୍ରଙ୍କୁ ୧୯୮୨ ମସିହାରେ ଅନୁଷ୍ଠିତ ଦିଲ୍ଲୀ ଏସିଆଡ୍ କ୍ରୀଡାରେ ସ୍ୱତନ୍ତ୍ର ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା । ସେପରି ୧୯୭୪ ରେ ଲକ୍ଷ୍ନୌରେ ଅନୁଷ୍ଠିତ ସର୍ବ ଭାରତୀୟ ପୋଲିସ କ୍ରୀଡା ପ୍ରତିଯୋଗିତାରେ ଯୋଗଦାନ କରି ତାଙ୍କର ପ୍ରିୟ ଇଭେଣ୍ଟ ରେ ତୃତୀୟ ସ୍ଥାନ ଅଧିକାର କରିଥିଲେ । ୨୦୦୧ ମସିହା ଜାନୁୟାରୀ ୨୬ ତାରିଖରେ ସଫଳ କ୍ରୀଡାବିତ୍ ଭାବରେ ସେ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ । ୧୯୮୭ ମସିହାରେ ବାରବାଟୀ ଷ୍ଟାଡିୟମ ରେ ଅନୁଷ୍ଠିତ ଏକ ଦିବସୀୟ ଜିମ୍ବାୱେ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ କ୍ରିକେଟ ମ୍ୟାଚରେ ଲିୟାସନ ଅଫିସର ଭାବରେ ମଧ୍ୟ କାର୍ଯ୍ୟ ତୁଲାଇଥିଲେ । ହଡଲ୍ସ ଦୌଡ ଥିଲା କେଶବ ବାବୁଙ୍କ ଅତି ପ୍ରିୟ ଦୌଡ ଏବଂ ଏହି କ୍ରୀଡାରେ ସେ ବିଭିନ୍ନ ସମୟରେ ଯେଉଁ କିର୍ତ୍ତିମାନ ଅର୍ଜନ କରିଛନ୍ତି ତାହା ନିଶ୍ଚିତ ଭାବରେ ଆଜିର ଯୁବପିଢି ପାଇଁ ଏକ ପ୍ରେରଣାର ଉତ୍ସ ଅଟେ ।**

କେଶବ ବାବୁ ଆଜି ମଧ୍ୟ ଅହରହ ପରିଶ୍ରମ କରୁଛନ୍ତି । କେଶବ ବାବୁ ପୋଲିସ ଚାକରି ସମୟରେ ଢେର କିଛି ବର୍ଷ ଧରି ଓଡିଶା ପୋଲିସ ଦଳର ଅଧିନାରୟକ ଥିଲେ ।

ଆଜି ଏହି ପରିଣତ ବୟସରେ ସେ କ୍ରୀଡାକୁ ଭୁଲି ନାହାନ୍ତି । ସେ ଯୁବ କ୍ରୀଡାବିତମାନଙ୍କୁ ପ୍ରଶିକ୍ଷଣ ଦେବାରେ ସେ ତାଙ୍କର ସମୟ ଅତିବାହିତ କରୁଛନ୍ତି । କେଶବ ବାବୁଙ୍କ ପୁଅ ଶିବ ପ୍ରସାଦ ମିଶ୍ର, ଯେ କି ଜଣେ କ୍ଷମତା ପ୍ରାପ୍ତ ଅଥେଲେଟିକ୍ କୋଚ ଓ ତାଙ୍କ ଅଧିନରେ ଅଲମ୍ପିଆନ ଦୂତି ଚାନ୍ଦ ଓ ଜାତୀୟ ସ୍ତରର କ୍ରୀଡାବିତ ପୂର୍ଣ୍ଣିମା ହେମ୍ବ୍ରମ୍ ମଧ୍ୟ ବିଭିନ୍ନ ସମୟରେ ଦୌଡ କୁଦର ପ୍ରଶିକ୍ଷଣ ନେଇ ଆସିଛନ୍ତି । ପରିଣତ ବୟସରେ ମଧ୍ୟ କେଶବ ବାବୁ କ୍ରୀଡାବିତ ଗଢିବାରେ ବ୍ୟସ୍ତ ଅଛନ୍ତି । ବରଗଡ ମିନି ଷ୍ଟାଡିୟମରେ ୨୦ ରୁ ଅଧିକ ପିଲାଙ୍କୁ ବିଭିନ୍ନ ଶାରିରୀକ ଅଭ୍ୟାସ ତଥା ଦୌଡକୁଦ ପ୍ରଶିକ୍ଷଣରେ ବ୍ୟସ୍ତ । ବିଗତ ଦିନ ରେ ଏହି ପୋଲିସ ଅଧିକାରୀ ଆଗାମୀ ଦିନରେ ଓଡିଶାର ବହୁ ଅଲମ୍ପିଆନ ସୃଷ୍ଟି ହେବେ ବୋଲି ଆଖା ପ୍ରକାଶ କରିଛନ୍ତି । ବୟସ ବର୍ତମାନ ୮୫ ବର୍ଷ, ତଥାପି ଏହି କ୍ରୀଡାବିତ ୫ କିଲୋମିଟର ଦୌଡିବାର କ୍ଷମତା ରଖନ୍ତି ।

୨୦୧୮ ମସିହାରେ ମାଲେସିଆରେ ଆୟୋଜିତ ଏସିଆ ପେସିଫିକ୍ ମାଷ୍ଟର୍ସ ପ୍ରତିଯୋଗିତାରେ ୧୦୦ ମିଟର ଦୌଡରେ ରୌପ୍ୟ ପଦକ ଜିତିଥିବା କେଶବ ବାବୁ ବର୍ତମାନ ମାଷ୍ଟର୍ସ ଗେମ୍ସ ଏସୋସିଏସନ ଅଫ୍ ଓଡିଶାର ସଭାପତି ସେ ମଧ୍ୟ ଏଲିଡ୍ ସ୍ପୋର୍ଟସ୍ ୱେଲଫେୟାର ଆସୋସିଏସନ ଅଫ୍ ଓଡିଶାର ଅଧକ୍ଷ ଅଛନ୍ତି । ପୁରୁଣା ଦିନର କଥାକୁ ମନେ ପକାଇ ସେ କହନ୍ତି, ମୁଁ ପ୍ରତିମା ମିଶ୍ର, ମୀନତି ମିଶ୍ର, ଆନନ୍ଦିନୀ ଦର୍ଜୀ ଭଲି କ୍ରୀଡାବିତ୍ ମାନଙ୍କ ସହ ଦୌଡିଛି ଓ ସେମାନଙ୍କୁ ଦୌଡାଇଛି ମଧ୍ୟ । ଆମ ସମୟରେ ସେପରି ପ୍ରୋତ୍ସାହନ ମିଳୁ ଥିଲା ଓ ଆମକୁ ଏହି କ୍ରୀଡାରେ ତିଷ୍ଟି ରହିବା ପାଇଁ ବହୁତ କଷ୍ଟ ଉଠାଇବାକୁ ପଡୁଥିଲା । କ୍ରୀଡା ଭିତିଭୂମି ଆଗ ଅପେକ୍ଷା ବହୁତ ବଢି ଯାଇଛି । ସରକାରଙ୍କ ଦ୍ୱାରା କ୍ରୀଡାବିତ ମାନଙ୍କ ଚାକିରି ର ବ୍ୟବସ୍ଥା ମଧ୍ୟ କରାଯାଇ ଅଛି । ଏହି ବର୍ଷୀୟାନ କ୍ରୀଡା ତାରକା ଖେଳ ପଡିଆକୁ ନିଜର କର୍ମସ୍ଥଳୀ ଭାବରେ ଗ୍ରହଣ କରି ନେଇଛନ୍ତି ଓ ସେଥି ପାଇଁ ବଲାଙ୍ଗିର, ବରଗଡ ନୁହେଁ ସମଗ୍ର ଓଡିଶା କ୍ରୀଡାବିତମାନେ ପାଇଁ କରିଛନ୍ତି ସେ ଏକ ପ୍ରେରଣାର ଉତ୍ସ ପାଲଟି ଯାଇଛନ୍ତି । ସେ ଅବସରର କ୍ରୀଡାବିତମାନଙ୍କୁ ଅନୁରୋଧ କରି ଆସିଛନ୍ତି । ଯେ ସେମାନେ ଆସନ୍ତୁ ଓ ଉଦୀୟମାନ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଆଗେଇ ଆସନ୍ତୁ । ଭଗବାନ ଏହି କ୍ରୀଡାବିତ ଙ୍କୁ ଦୀର୍ଘାୟୁ କରନ୍ତୁ ଯୁବ କ୍ରୀଡାବିତ ମାନଙ୍କୁ କ୍ରୀଡାବିତ ଭାବରେ ଗଢିବା ପାଇଁ ତାଙ୍କର ଅଭିଯାନ ଆଜି ସଫଳ ହେଉ ।

**କୃଷଚନ୍ଦ୍ର ମିଶ୍ର**
**ଉପସଭାପତି**
**ଜିଲ୍ଲା କ୍ରୀଡା ସଂସଦ, ବଲାଙ୍ଗୀର**
**ମୋ: ୯୬୯୨୪୪୦୪୪୪**



**ଏସୀୟ କୁଜିଟସୁ ପ୍ରତିଯୋଗିତାରେ ଗୋଟିଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିବା ଅନୁପମା ସ୍ୱର୍ଣ୍ଣଙ୍କୁ ରାଜ୍ୟ କ୍ରୀଡା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ଅଶୋକ ଚନ୍ଦ୍ର ପଣ୍ଡା, ବିଜୟ ଚନ୍ଦ୍ର ସ୍ୱର୍ଣ୍ଣ, ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ କ୍ଷୀରୋଦ ପଟ୍ଟନାୟକ, ସୋନାଲି ପ୍ରିୟଦର୍ଶିନୀ, ରାସଗୋବିନ୍ଦ ପରିଡା ଅଭିନନ୍ଦନ ଜଣାଇଛନ୍ତି ।**

## ଆଇପିଏଲ୍ ମହାସମର


# ମୁମ୍ବାଇ-ପଞ୍ଜାବ କ୍ୱାଲିଫାୟର-୨



ମୁଲାନପୁର,୩୦।୫(ଏଜେନ୍ସି): ଆଇପିଏଲ୍ ୨୦୨୫ର ଏଲିମିନେଟର ମ୍ୟାଚରେ ରୋହିତ ଶର୍ମାଙ୍କ ବ୍ୟାଟ ଗର୍ଜିଛି । ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ୫ ୱିକେଟ୍ ହରାଇ ୨୨୮ ରନର ବିଶାଳ ସ୍କୋର କରିଥିଲା । ରୋହିତ ଶର୍ମା ୮୧ ରନର ଧମାକାଦାର ଇନିଂସ ଖେଳିଥିବା ବେଳେ ସୂର୍ଯ୍ୟକୁମାର ଯାଦବ ୩୩ ରନ କରିଥିଲେ । ହାର୍ଦ୍ଦିକ ପାଣ୍ଡ୍ୟା ଦ୍ରୁତ ୨୨ ରନ କରିଥିଲେ। ଜବାବରେ ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୬ ୱିକେଟ୍ ହରାଇ ୨୦୮ ରନ୍ କରିବାକୁ ସକ୍ଷମ ହୋଇଥିଲା । ତେଣୁ ମୁମ୍ବାଇ ୨୦ ରନ୍ ବ୍ୟବଧାନରେ ବିଜୟୀ ହୋଇ କ୍ୱାଲିଫାୟର-୨ରେ ପ୍ରବେଶ କରିଛି । ଜୁନ୍ ୧ରେ ପଞ୍ଜାବ ଓ ମୁମ୍ବାଇ ମଧ୍ୟରେ କ୍ୱାଲିଫାୟର-୨ ମୁକାବିଲା ହେବ । ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଇଣ୍ଡିଆନ୍ସକୁ ଓପନର ରୋହିତ ଶର୍ମା ଓ ଜୋନି ବେୟାରଷ୍ଟୋ ଦମଦାର ଆରମ୍ଭ ଦେଇଥିଲେ । ରିୟାନ ରିକଲଟରଙ୍କ ସ୍ଥାନରେ ଦଳରେ ସାମିଲ ବେୟାରଷ୍ଟୋ ବିସ୍ଫୋରକ ବ୍ୟାଟିଂ କରିଥିଲେ । ସେ ଓ ରୋହିତ ପ୍ରଥମ ୱିକେଟ୍ ପାଇଁ ୮୪ ରନ ଯୋଡ଼ିଥିଲେ । ବେୟାରଷ୍ଟୋ ୨ ବଲରୁ ୪ ଚୌକା ଓ ୩ ଛକା ସହ ୪୭ ରନ କରିଥିଲେ । ଅନ୍ୟପଟେ ରୋହିତ ମିଳିଥିବା ଦୁଇଟି ଜୀବନ ଦାନର ଭରପୂର ଫାଇଦା ଉଠାଇଥିଲେ । ରୋହିତ ଓ ସୂର୍ଯ୍ୟକୁମାର ଦ୍ୱିତୀୟ ୱିକେଟ୍ ପାଇଁ ୫୯ ରନ ଯୋଡ଼ି ଦଳର ସ୍କୋରକୁ ୧୪୩ ରନରେ ପହଞ୍ଚାଇଥିଲେ । ସୂର୍ଯ୍ୟ ୩୩ ରନ କରି ଆଉଟ୍ ହୋଇଥିଲେ । ରୋହିତ ଶର୍ମା ଅର୍ଦ୍ଧଶତକ ହାସଲ କରିବା ସହ ୫୦ ବଲରୁ ୯ ଚୌକା ଓ ୪ ଛକା ସହ ୮୧ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ । ତିଳକ ବର୍ମା ଦ୍ରୁତ ବ୍ୟାଟିଂ କରି ୧୧ ବଲରୁ ୩ ଛକା ସହ ୨୫ ରନ କରିଥିଲେ । ନମନ ଧୀର ୯ ରନ କରି ପାଭିଲିୟନ ଫେରିଥିଲେ । ତେବେ ଶେଷ ଆଡ଼କୁ ମୁମ୍ବାଇର ରନ ଗତି ସାମାନ୍ୟ ମନ୍ଥର ରହିଥିଲା । ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୯ ବଲରୁ ୨୨ ରନ କରିବାରୁ ଶେଷରେ ମୁମ୍ବାଇ ୫ ୱିକେଟ୍ ହରାଇ ୨୨୮ ରନ କରିଥିଲା । ୨୨୯ ରନ୍‌ର ବିଜୟଲକ୍ଷ୍ୟ ଗୁଜରାଟ ଟାଇଟନ୍ସ ପାଇଁ ଧାର୍ଯ୍ୟ ହୋଇଥିଲା । ତେଣୁ ଦଳ ବିଜୟ ପାଇଁ ଆରମ୍ଭରୁ ହିଁ ଆକ୍ରଣାତ୍ମକ ଖେଳିଥିଲା । ଅଧିନାୟକ ଶୁଭମନ ଗିଲ ମାତ୍ର ୧ ରନ୍ କରି ପାଭିଲିୟନ୍ ଫେରିଥିଲେ । କିନ୍ତୁ ଏହାପରେ ସାଇ ସୁଦର୍ଶନଙ୍କ ବ୍ୟାଟରୁ ଚୌକା ଛକାର ବର୍ଷା ଦେଖିବାକୁ ମିଳିଥିଲା । ସେ ୪୯ ବଲ୍‌ର ସମ୍ମୁଖୀନ ହୋଇ ୧୦ ଚୌକା ଓ ଗୋଟିଏ ଛକା ସହାୟତାରେ ୮୦ ରନର ଇନିଂସ ଖେଳିଥିଲେ । ସେ ଆଉଟ୍ ହେବା ବେଳକୁ ପଞ୍ଜାବ ଦଳୀୟ ସ୍କୋର ୧୫.୪ ଓଭରେ ୧୭୦/୪ ରନ୍‌ରେ ପହଞ୍ଚି ଯାଇଥିଲା । ତୃତୀୟ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା କୁଶଲ ମେଣ୍ଡିସ୍ ୨୦ ଏବଂ ସ୍ପିନର ୱାଶିଂଟନ ସୁନ୍ଦର ୨୪ ବଲରୁ ୫ ଚୌକା ଓ ୩ ଛକା ସହାୟତାରେ ୪୮ ରନ୍ କରିଥିଲେ । ସେର୍ଫାନ୍ ରଦର ଫୋର୍ଡ ୨୪, ଶାହରୁଖ ଖାନ୍ ୧୩ ରନ୍ କରି ଆଉଟ୍ ହୋଇଥିବା ବେଳେ ରାହୁଲ ତେୱାତିଆ ୧୬ ରନ୍ ଅପରାଜିତ ଇନିଂସ ଖେଳିଥିଲେ । ଏହା ସତ୍ତ୍ୱେ ଶୁଭମନ ଗିଲଙ୍କ ନେତୃତ୍ୱାଧିନ ଗୁଜରାଟ ଟାଇଟନ୍ସ ବିଜୟଲକ୍ଷ୍ୟ ଠାରୁ ୨୦ ରନ୍ ପଛରେ ରହିଯାଇଥିଲା ।

## ଏସିଆନ୍ ଆଥଲେଟିକ୍ ଚାମ୍ପିଅନ୍‌ସିପ୍

# ୩୬ ବର୍ଷ ପରେ ଭାରତକୁ ସ୍ୱର୍ଣ୍ଣ




ନୂଆଦିଲ୍ଲୀ,୩୦।୫ (ଏଜେନ୍ସି): ଏସିଆନ୍ ଆଥଲେଟିକ୍ ଚାମ୍ପିଅନ୍‌ସିପ୍‌ରେ ଭାରତର ଅବିନାଶ ସାବଲେ ଶ୍ରେଷ୍ଠ ପ୍ରଦର୍ଶନ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ୩୬ ବର୍ଷ ପରେ ୩୦୦୦ ମିଟର ଷ୍ଟିପଲ ଚେଜ ବର୍ଗରେ ଅବିନାଶ ସ୍ୱର୍ଣ୍ଣ ଜିତିବାରେ ପ୍ରଥମ ଭାରତୀୟ ହୋଇଛନ୍ତି । ଅବିନାଶ ୮:୨୦.୯୨ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେ ପୂର୍ବରୁ ୨୦୧୯ରେ ରୌପ୍ୟ ଜିତିଥିଲେ । ଅବିନାଶ ଏହି ଟୁର୍ଣ୍ଣାମେଣ୍ଟରେ ବ୍ୟକ୍ତିଗତ ଦ୍ୱିତୀୟ ପଦକ ଜିତିଛନ୍ତି ।

ଜାପାନର ୟୁଟାରୋ ନିନାଇ ୮:୨୪.୪୧ ସେକେଣ୍ଡ ସମୟ ସହିତ ରୌପ୍ୟ ପଦକ ଜିତିଛନ୍ତି । ଶେଷ ଲ୍ୟାପ୍‌ରେ ସେ ଆଗୁଆ ଥିଲେ କିନ୍ତୁ ଅବିନାଶ ସାବଲେ ତାଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ପଦକ ଜିତିବା ପାଇଁ ଏକ ଚମତ୍କାର ପ୍ରୟାସ କରିଥିଲେ । କାତ୍ତାରର ଜାକରିହା ଏଲହା ଲାମି ୮:୨୭.୧୨ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ଜିତିଛନ୍ତି । ସାବଲେଙ୍କ ପୂର୍ବରୁ ଦିନା ଏସୀୟ ଚାମ୍ପିଅନ୍‌ସିପ୍‌ରେ ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ହାସଲ କରିଥିଲେ । ଦିନାରାମ ୧୯୮୯ ମସିହାରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ । ହର୍ବାଲ ସିଂ ୧୯୭୫ ମସିହାରେ ଷ୍ଟିପଲ ଚେଜ୍ ଇଭେଣ୍ଟରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ ।

## ଫ୍ରେଞ୍ଚ ଓପନ

# ଚତୁର୍ଥ ରାଉଣ୍ଡରେ ମୁସେଟି, ପୌଲା



ପ୍ୟାରିସ୍,୩୦।୫ (ଏଜେନ୍ସି): ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ ଓପନ ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମୁକାବିଲାରେ ଲୋରେଞ୍ଜୋ ମୁସେଟି ଏବଂ ଟମି ପଲ ବିଜୟ ହାସଲ କରି ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି । ଅନ୍ୟ ଏକ ତୃତୀୟ ରାଉଣ୍ଡ ମୁକାବିଲାରେ ହୋଲଗର ରୋନି ବିଜୟ ଲାଭ କରିଛନ୍ତି । ଟୁର୍ଣ୍ଣାମେଣ୍ଟର ଅଷ୍ଟମ ସିଡ ଲୋରେଞ୍ଜୋ ମୁସେଟି ୪-୬, ୬-୪, ୬-୩, ୬-୨ ସେଟ୍‌ରେ ମାରିଆନୋ ନାଭୋନୀଙ୍କୁ ହରାଇଥିଲେ । ଦ୍ୱାଦଶ ସିଡ ଟମିପଲ ୬-୩, ୩-୬, ୭-୬, ୩-୬, ୬-୩ ମାରାଥନ ସେଟ୍‌ରେ କରିନ ଖାଚାନୋଭଙ୍କୁ ହରାଇଥିଲେ ।

ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚ ଗୁଡିକରେ ଇଗା ସ୍ୱିଟେକ୍, ସାମସୋନୋଭା, ସାବାଲେଙ୍କା, ଆନିସିମୋଭା, ଝେଙ୍ଗ ବିଜୟ ଲାଭ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି । ଟୁର୍ଣ୍ଣାମେଣ୍ଟର ପଞ୍ଚମ ସିଡ ଇଗା ସ୍ୱିଟେକ ୬-୨, ୭-୫ ସେଟ୍‌ରେ ଜାକଲିନ୍ କ୍ରିଷ୍ଟିଆନୋଙ୍କୁ ପରାଜିତ କରିଥିଲେ । ଆର୍ଯ୍ୟାନା ସାବାଲେଙ୍କା ୬-୨, ୬-୩ ସିଧାସଳଖ ସେଟ୍‌ରେ ଓଲଗା ଡାନିଲୋଭିକ୍‌ଙ୍କୁ ହରାଇଥିଲେ । କ୍ୱିନୱିନ ଝେଙ୍ଗ ୬-୩, ୬-୪ ସେଟ୍‌ରେ ଭିକ୍ଟୋରିଆ ମାବୋକୋଙ୍କୁ ପରାଜିତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି । ଆମୋନ୍ଦା ଆନିସିନୋଭା ୭-୬, ୬-୪ ସେଟ୍‌ରେ କ୍ଲାରା ତୌସନଙ୍କୁ ପରାଜିତ କରି ପରବର୍ତ୍ତୀ ରାଉଣ୍ଡ ଯୋଗ୍ୟତା ଅର୍ଜନ କରିଛନ୍ତି ।

# ମୁଁ ଚୟନକର୍ତ୍ତା ନୁହେଁ: ଗମ୍ଭୀର

ନୂଆଦିଲ୍ଲୀ,୩୦।୫ (ଏଜେନ୍ସି): ନିକଟରେ ଇଂଲଣ୍ଡଗସ୍ତ ପାଇଁ ଭାରତୀୟ ଦଳ ଘୋଷିତ ହୋଇଥିଲା । ୧୮ ଜଣିଆ ଦଳରେ ଶ୍ରେୟାସ ଆୟରଙ୍କୁ ସାମିଲ କରାଯାଇନଥିଲା । ଯାହାକୁ ନେଇ କ୍ରିକେଟପ୍ରେମୀ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଭାରତୀୟ ଦଳ ମୁଖ୍ୟ କୋଚ ଗୌତମ ଗମ୍ଭୀରଙ୍କୁ ଏସମ୍ପର୍କରେ ପ୍ରଶ୍ନ କରାଯିବାରୁ ସେ କହିଛନ୍ତି ଦଳ ଚୟନ ଚୟନକର୍ତ୍ତାଙ୍କ ଦାୟିତ୍ୱ । ମୁଁ ଚୟନ କର୍ତ୍ତା ନୁହେଁ । ଏଭଳି ଉତ୍ତର ଦେଇ ସେ ଏତେ ବଡ଼ ପ୍ରଶ୍ନକୁ ଏଡାଇ ଯାଇଛନ୍ତି । ଶୁଭମନ ଗିଲଙ୍କୁ ଦଳର ଅଧିନାୟକ ଏବଂ ୱିକେଟ୍‌କିପର ରିଷଭ ପନ୍ତଙ୍କୁ ଉପଅଧିନାୟକ ନିଯୁକ୍ତି କରାଯାଇଛି । ଶ୍ରେୟାସ ଆୟର ଘରୋଇ କ୍ରିକେଟ୍, ଦିନିକିଆ ଏବଂ ଆଇପିଏଲ୍‌ରେ ଭଲ ଫର୍ମରେ ରହିଥିଲେ ବି ତାଙ୍କୁ ଦଳରେ ସାମିଲ କଲେ ନାହିଁ ।

ଚୟନ କମିଟି ମୁଖ୍ୟ ଅଜିତ ଅଗରକର କହିଥିଲେ ଦଳରେ ଆୟରଙ୍କ ସ୍ଥାନ ନାହିଁ । କେଉଁ କାରଣ ପାଇଁ ଆୟରଙ୍କୁ ନିଆଗଲା ନାହିଁ ତାହା ମଧ୍ୟ ସ୍ପଷ୍ଟ କରିନାହାନ୍ତି । ଦୀର୍ଘ ୮ ବର୍ଷ ପରେ କରୁଣ ନାୟରଙ୍କୁ ଦଳକୁ ଅଣା ଯାଇଛି । କିନ୍ତୁ ଚମତ୍କାର ଫର୍ମରେ ଥିଲେ ବି ଆୟରଙ୍କୁ ସୁଯୋଗ ଦିଆଯାଇନାହିଁ ।

# କେନ୍ଦ୍ରାପଡ଼ା, ବଲାଙ୍ଗୀର, ସମ୍ବଲପୁର, ଯାଜପୁର, ମାଲକାନାଗିରି, କଳାହାଣ୍ଡି ବିଜୟୀ

## ସିଏମ୍ ଟ୍ରଫି

ଭୁବନେଶ୍ୱର,୩୦।୫ (ସବ୍ୟୁ): ୧୫ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା ଫୁଟବଲ ଚାମ୍ପିଅନ୍‌ସିପ୍ ସିଏମ୍ ଟ୍ରଫିର ତୃତୀୟ ଦିନ ଅନୁଷ୍ଠିତ ମ୍ୟାଚ ଗୁଡିକରେ ଭୁବନେଶ୍ୱର, କେନ୍ଦ୍ରାପଡ଼ା, ସମ୍ବଲପୁର, ବଲାଙ୍ଗୀର, ଯାଜପୁର, ମାଲକାନାଗିରି ଓ କଳାହାଣ୍ଡି ବିଜୟୀ ହୋଇଛନ୍ତି । ଭୁବନେଶ୍ୱର ଜୋନ୍‌ରେ ଅନୁଷ୍ଠିତ ମ୍ୟାଚରେ କନ୍ଧମାଳକୁ ୯-୦ ଗୋଲ୍‌ରେ ଭୁବନେଶ୍ୱର ଏଫ୍‌ସିକୁ ହରାଇଛି । ବିଜୟୀ ଦଳର ପ୍ରସନ୍ନଜିତ ବଡାଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା । ଦ୍ୱିତୀୟ ମ୍ୟାଚରେ କେନ୍ଦ୍ରାପଡ଼ା ଏଫ୍‌ସି ୬-୦ ଗୋଲ୍‌ରେ ଜଗତସିଂହପୁରକୁ ପରାଜିତ କରିଥିଲା । ସମ୍ବଲପୁର ଜୋନ୍‌ରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ସମ୍ବଲପୁର ୨-୧ ଗୋଲ୍‌ରେ ଝାରସୁଗୁଡାକୁ ହରାଇଛି । ଦ୍ୱିତୀୟ ମ୍ୟାଚରେ ବଲାଙ୍ଗୀର ୫-୦ ଗୋଲ୍‌ରେ ନୂଆପଡ଼ାକୁ ହରାଇଥିଲା । କେନ୍ଦୁଝର ଯାଜପୁର ୩-୨ ଗୋଲ୍‌ରେ କେନ୍ଦୁଝରକୁ ପରାଜିତ କରିଥିଲା । ଦ୍ୱିତୀୟ ମ୍ୟାଚଟି ଢେଙ୍କାନାଳ ଓ ଭଦ୍ରକ ମଧ୍ୟରେ ୧-୧ ଗୋଲ୍‌ରେ ଡ୍ର ରହିଥିଲା । ବ୍ରହ୍ମପୁର ଜୋନ୍‌ରେ ମାଲକାନାଗିରି ଏଫ୍‌ସି ୧୮-୦ ଗୋଲ୍‌ରେ ଗଜପତିକୁ ହରାଇଥିବା ବେଳେ କଳାହାଣ୍ଡି ଏଫ୍‌ସି ୧୦-୦ ଗୋଲ୍‌ରେ ରାୟଗଡ଼ାକୁ ଧରାଶାୟୀ କରିଥିଲା ।

# ଫ୍ରାନ୍ସ ଗସ୍ତରେ ଓଡ଼ିଶାର ୯ ପାରା ଫେନ୍ସର



ଭୁବନେଶ୍ୱର,୩୦।୫ (ସବ୍ୟୁ): ଭାରତୀୟ ପାରା ଫେନ୍ସର ଦଳ ସାଟେଲାଇଟ ଟୁର୍ଣ୍ଣାମେଣ୍ଟ ପାଇଁ ଫ୍ରାନ୍ସର ଅରେଞ୍ଜ ସହର ଗସ୍ତ କରିଛି । ମେ ୩୧ରୁ ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ୧୬ ଜଣ କ୍ରୀଡାବିତ ଭାଗ ନେଇଛନ୍ତି । ଏମାନଙ୍କ ମଧ୍ୟରୁ ୯ ଜଣ ଓଡ଼ିଶାର ପାରା ଫେନ୍ସିଂ ଖେଳାଳି ଭାଗ ନେଇଛନ୍ତି । ଏମାନେ ହେଲେ ଭି ରମେଶ ରାଓ, ରାଖାଲ ସେଠୀ, ପୂଜା ସ୍ୱନୀ ନାୟକ, ମାଳତୀ ପାନଓରେ, ସିଲା ମନ୍ତ୍ରୀ, ପବିତ୍ର ସାହୁ, ମଧୁସ୍ମିତା ସାହୁ, ଓମ୍ ପ୍ରକାଶ ବେହେରା, ରୁଦ୍ର ନାରାୟଣ ବେହେରା । ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏସନ୍ ସଭାପତି କମଳାକାନ୍ତ ରଥ କହିଛନ୍ତି ଓଡ଼ିଶାର ଖେଳାଳିମାନେ ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଦେଶର ଗୌରବ ବଢ଼ାଇବ ବୋଲି ଆମେ ଆଶା କରୁଛୁ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, **ମୁଖ୍ୟ ସମ୍ପାଦକ:** ଗୁରୁକଲ୍ୟାଣ ମହାପାତ୍ର, **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି